READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୫୦ ୨୬ ଡିସେମ୍ବର - ୧ ଜାନୁଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-6 ISSUE-50 26th DECEMBER - 1st JANUARY, 2023 BHUBANESWAR ₹ 5/- (8 Pages)

# ପୁଣି ଡରାଇଲାଣି କରୋନା

- କୋଭିଡ୍ ମୁକାବିଲା ପ୍ରସ୍ତୁତି
- ୫୯% ଲୋକ ନେଇନାହାନ୍ତି ପ୍ରିକସନ୍ ଡୋଜ୍
- ଟିକା ପାଇଁ କେନ୍ଦ୍ରକୁ ଚିଠି ଲେଖିଲା ଓଡ଼ିଶା
- ଲକ୍ଷଣ ଥିଲେ ଅଲଗା ରୁହ
- ୨୭ରେ ସବୁ ଜିଲ୍ଲାରେ ମକ୍ ଡ୍ରିଲ
- ଟେଷ୍ଟିଂ, ଟୀକାକରଣକୁ ଗୁରୁତ୍ୱ



**ଭୁବନେଶ୍ୱର :** ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ମାମଲା ଗତ କିଛି ସପ୍ତାହ ଧରି ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ଏନେଇ ସର୍ତ୍ତକତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ 'ଫିଭର କ୍ଲିନିକ' ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି କୋଭିଡ୍ ପ୍ରିକସନ୍ ଟିକା କାର୍ଯ୍ୟକ୍ରମ ପୁଣିଥରେ ଆରମ୍ଭ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ଏବେ ସରକାରୀ ହସ୍ପିଟାଲଗୁଡ଼ିକରେ କୌଣସି ପ୍ରିକସନ୍ ଡୋଜ୍ ଟିକା ନାହିଁ। କିନ୍ତୁ ଲୋକମାନେ ଏବେ ଏହି ଟିକା ନେବା ପାଇଁ ଚାହୁଁଥିବାରୁ ପ୍ରିକସନ୍ ଡୋଜ୍ ଟିକା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଓଡ଼ିଶା ଅନୁରୋଧ କରିଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି କହିଛନ୍ତି ଯେ, ରାଜ୍ୟରେ କୋଭିଡ୍-୧୯ ଟିକା ଏପର୍ଯ୍ୟନ୍ତ ୮.୧୪ କୋଟି ଟିକା ଦିଆଯାଇସାରିଛି। ସେମାନଙ୍କ ମଧ୍ୟରେ ୧୨ବର୍ଷ ବୟସରୁ ଉର୍ଦ୍ଧ୍ୱ ୩.୫୨ କୋଟି(୯୭%) ଲୋକ ପ୍ରଥମ ଡୋଜ୍ ନେଇଥିବାବେଳେ ୩.୩୦କୋଟି ଲୋକ(୯୧%) ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ସେହିପରି ୧୮ବର୍ଷ ବୟସରୁ ଅଧିକ ୧.୩୧ କୋଟି ଲୋକ(୪୧%) ପ୍ରିକସନ୍ ଡୋଜ୍ ନେଇଛନ୍ତି। ତେବେ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା କୋଭିଡ୍ ଟିକା ୨୦୨୨ ନଭେମ୍ବର ୨୮ତାରିଖ ସୁଦ୍ଧା ଶେଷ ହୋଇସାରିଛି। ଏବେ ରାଜ୍ୟରେ ସରକାରୀ ଭାବେ କୋଭିଡ୍ ଟିକା ମହଜୁଦ ନାହିଁ। କିନ୍ତୁ ଏବେ ଜାପାନ, ଆମେରିକା, କୋରିଆ, ବ୍ରାଜିଲ ଓ ଚୀନ ଭଳି ରାଷ୍ଟ୍ରରେ ସଂକ୍ରମଣ ବ୍ୟାପୁଥିବାରୁ ପ୍ରିକସନ୍ ଡୋଜ୍ ନେବା ପାଇଁ ଲୋକମାନେ ଆଗ୍ରହ ଦେଖାଇବା ସହ ଚାପ ପକାଉଛନ୍ତି। ରାଜ୍ୟରେ ୧୮ବର୍ଷ ବୟସରୁ ଅଧିକ ୩.୨୫କୋଟି ଲୋକ ପ୍ରିକସନ୍ ଡୋଜ୍ ପାଇଁ ଯୋଗ୍ୟ ହୋଇଥିବାବେଳେ ମାତ୍ର ୧.୩୧ କୋଟି ଲୋକଙ୍କୁ ଏହି ପ୍ରକସନ୍ ଡୋଜ୍ ଦେବା ସମ୍ଭବପର ହୋଇଛି। ଏବେବି ୧.୯୩ କୋଟି ଲୋକ (୫୯%) ଟିକା ନନେଇ ରହିଛନ୍ତି। ତେଣୁ ସରକାରୀ ଟିକା କେନ୍ଦ୍ରରେ ଏହି ବାକି ଥିବା ଲୋକମାନଙ୍କୁ ପ୍ରିକସନ୍ ଡୋଜ୍ ଦେବା ନିମନ୍ତେ ଆବଶ୍ୟକ ଟିକା ଯୋଗାଇ ଦେବାକୁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିଶେଷଜ୍ଞ କମିଟି ➤ ପୃ-୬

# ଓଡିଶା ପିଲା କାହାଠୁ କମ୍ ନୁହଁନ୍ତି : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ଗିଫୁଲ ମହୋତ୍ସବର ଉଦ୍‌ଯାପନ ଦିବସରେ ଉଦ୍‌ବୋଧନ ଦେଇ ପ୍ରତିଯୋଗିତାମୂଳକ ମନୋଭାବ ନେଇ ଆଗକୁ ବଢିବାକୁ ପରାମର୍ଶ ଦେଇଛନ୍ତି। ଏସ୍‌ସିଏସ୍‌ଟି ଉନ୍ନୟନ୍ ବିଭାଗ ଅନ୍ତର୍ଗତ ବିଦ୍ୟାଳୟ ସମୂହର ଏହି ଅନନ୍ୟ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପ୍ରେରଣା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ପିଲା କାହା ଠାରୁ କମ୍ ନୁହଁ। ପ୍ରତିଯୋଗିତାମୂଳକ ମନୋଭାବ ନେଇ ଆଗକୁ ବଢ ଓ ଜୀବନରେ ପ୍ରତିଷ୍ଠା ଲାଭ କର। 'ତୁମେମାନେ ସଫଳତା ପାଇଁ ଉଦ୍ୟମ କର, ମୋ ଆଶୀର୍ବାଦ ତୁମ ସାଥିରେ ଅଛି' ବୋଲି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତୁମମାନଙ୍କ କାର୍ଯ୍ୟକ୍ରମରେ ମୁଁ ପ୍ରତିବର୍ଷ ଯୋଗ ଦେଉଛି ଏବଂ ତୁମ ଖୁସିରେ ମଧ ସାମିଲ ହେଉଛି। ବିଶିଷ୍ଟ କ୍ରୀଡାବିତ୍ ଦିଲ୍ଲୀପ ତିର୍କିଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସେ ଜଣେ ଓଡିଆ ପୁଅ। ନିଜ ଦକ୍ଷତା ଓ ପରିଶ୍ରମ ଯୋଗୁ ସେ ଭାରତୀୟ ହକି ଟିମ୍‌ର କ୍ୟାପଟେନ୍ ହେବା ସହିତ ଆଜି ହକି ଇଣ୍ଡିଆର ସଭାପତି ମଧ୍ୟ ହୋଇପାରିଛନ୍ତି। ଯୁବ ସମାଜ ➤ ପୃ-୬

### ଏକ ପଦବୀ ଏକ ପେନସନ୍ ବ୍ୟବସ୍ଥାରେ ସଂଶୋଧନ

# ଉପକୃତ ହେବେ ୨୫ଲକ୍ଷ ସେନା କର୍ମଚାରୀ



**ନୂଆଦିଲ୍ଲୀ :** ଶୁକ୍ରବାର ଏକ ପ୍ରମୁଖ ନିଷ୍ପତ୍ତି ନେଇ ମୋଦୀ କ୍ୟାବିନେଟ ୱାନ ର୍ୟାଙ୍କ ୱାନ ପେନସନ୍ (ଏକ ପଦବୀ ଏକ ପେନସନ୍) ବ୍ୟବସ୍ଥାରେ ସଂଶୋଧନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ବାବତରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ ୱାନ୍ ରାଙ୍କ୍ ୱାନ୍ ପେନସନ୍ ସଂଶୋଧିତ ହୋଇଛି। ପୂର୍ବରୁ ୨୦.୬୦ ଲକ୍ଷ ପେନ୍‌ସନଭୋଗୀ ଏହି ଯୋଜନାରେ ଲାଭବାନ ହୋଇଥିଲେ, କିନ୍ତୁ ବର୍ତ୍ତମାନର ସଂଶୋଧନ ପରେ ୨୫ ଲକ୍ଷ ସେନା କର୍ମଚାରୀ ଉପକୃତ ହେବେ। କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି ଯେ ସଂଶୋଧନ ଯୋଗୁଁ ୮୫୦୦ କୋଟି ଟଙ୍କାର ଭାର ସରକାରଙ୍କ ଉପରେ ପଡ଼ିବ। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୱାନ୍ ରାଙ୍କ୍ ୱାନ୍ ପେନ୍‌ସନ ଅଧୀନରେ ପ୍ରତିରକ୍ଷା ବାହିନୀ କର୍ମଚାରୀ / ପରିବାର ପେନସନଧାରୀଙ୍କ ପେନସନର ପରବର୍ତ୍ତୀ ସଂଶୋଧନକୁ ଅନୁମୋଦନ କରାଯାଇଛି। ➤ ପୃ-୬

# ୨୦୨୨ରେ ୧୬୦ କୋଟି ଆୟ ବର୍ହିଭୂତ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ

**ଭୁବନେଶ୍ୱର :** ଇଡକଲର ଯୁଗ୍ମ ମ୍ୟାନେଜର ଗୟା ସାନ୍ତରାଙ୍କଠୁ ନଗଦ ୧.୦୬ କୋଟି ଟଙ୍କା ସହ ପ୍ରାୟ ୧୦କୋଟି ଟଙ୍କାରୁ ଅଧିକ ଆୟ ବର୍ହିଭୂତ ସମ୍ପତ୍ତି ଠାବ କରିବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୨୨ ମସିହାରେ ରାଜ୍ୟ ଭିଜିଲାନ୍ସ ମୋଟ ୧୬୦କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ କରିଛି, ଯାହାକି ଭିଜିଲାନ୍ସ ଇତିହାସରେ ସର୍ବାଧିକ। ଏହାବ୍ୟତୀତ ୨୦୨୨ ମସିହାରେ ୬୦ଜଣ ପ୍ରଥମ ଶ୍ରେଣୀ ଅଫିସରଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ଯାହାକି ଗତ ୫ବର୍ଷର ଭିଜିଲାନ୍ସ ଇତିହାସରେ ସର୍ବାଧିକ ବୋଲି ଭିଜିଲାନ୍ସ ଡିଜି ୱାଇକେ ଜେଠୱା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଜେଠୱା କହିଛନ୍ତି ଯେ, ଗତବର୍ଷ ସମଗ୍ର ଦେଶରେ ସର୍ବାଧିକ ଆୟ ବର୍ହିଭୂତ ସମ୍ପତ୍ତି ମାମଲା ରୁଜୁ କରିବାରେ ରାଜ୍ୟ ଭିଜିଲାନ୍ସ ଏକ ନମ୍ବର ରହିଥିଲା। ➤ ପୃ-୬

# ପୁଣି ବର୍ଷେ ମିଳିବ ମାଗଣା ରାସନ



**ନୂଆଦିଲ୍ଲୀ:** ଆସନ୍ତା ବର୍ଷ ଡିସେମ୍ବର ଯାଏଁ ଦେଶର ୮୧ କୋଟିରୁ ଅଧିକ ରାସନକାର୍ଡ ଥିବା ହିତାଧିକାରୀଙ୍କୁ ମାଗଣାରେ ମିଳିବ ରାସନ୍। କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ, ବର୍ଷେ ଯାଏଁ ମାଗଣାରେ ରାସନ ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏନେଇ କେନ୍ଦ୍ରୀୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ପୂର୍ବରୁ ଚାଉଳ କିଲୋ ପ୍ରତି ୩ ଟଙ୍କା, ଗହମ କିଲୋପ୍ରତି ୨ଟଙ୍କା ଦରରେ ଯୋଗାଇ ଦିଆଯାଉଥିଲା। ତେବେ ଆସନ୍ତା ୨୦୨୩ ଡିସେମ୍ବର ଯାଏଁ କିନ୍ତୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ ରାସନ୍। ଫଳରେ ଦେଶର ୮୧ କୋଟିରୁ ଅଧିକ ହିତାଧୀକାରୀ ଏହାର ଫାଇଦା ପାଇବେ। ପ୍ରଧାନମନ୍ତ୍ରୀ ➤ ପୃ-୬

# ଜିଲ୍ଲାରେ ସରକାରୀ ଯୋଜନା; ବାଡ ଖାଉଛି ଫସଲ

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜିଲ୍ଲାରେ ସମସ୍ତ ସରକାରୀ ଯୋଜନା ସବୁ କାଗଜ କଲମରେ ଚାଲୁଥିବା ବେଳେ ରକ୍ଷକ ଭକ୍ଷକ ସାଜିବା ଦ୍ୱାରା ବାଡ ଫସଲ ଖାଉଛି। ଫଳରେ ଜନସାଧାରଣ ସେଥିରେ ସଫଳ ହୋଇପାରୁନାହାଁନ୍ତି। ଜିଲ୍ଲାରେ ୮ଗୋଟି ବ୍ଲକ ଓ ୨ଗୋଟି ପୌରାଂଚଳ ଥିବାବେଳେ ଏପର୍ଯ୍ୟନ୍ତ ବହୁ ବିଧବା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ଆବେଦନକାରୀ ଭତ୍ତା ପାଇବାରେ ସକ୍ଷମ ହୋଇପାରୁନାହାଁନ୍ତି। ଏଥିପାଇଁ ଲୋକମାନେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଗଲେ ବି ବାର୍ଦ୍ଧକ୍ୟ ଭତ୍ତା ପାଇପାରୁନାହାଁନ୍ତି। ସେହିପରି ବର୍ଷ ବର୍ଷ ଧରି ବିଭିନ୍ନ କଳାକାରମାନେ କଳାକାର ଭତ୍ତା ପାଇବାପାଇଁ ଆବେଦନ କରିଥିଲେ ବି ତାର ଫଇସଲା ହୋଇପାରୁନାହିଁ। ସମସ୍ତ ସରକାରୀ ଯୋଜନା ସବୁକୁ ବାଟମାରଣା କରାଯାଉଛି। ଏସମସ୍ତ ଘଟଣାକୁ ନେଇ ବିଭିନ୍ନ ସମୟରେ ବହୁ ଅଭିଯୋଗ ଆସୁଥିଲେ ବି ସରକାରୀ ବାବୁମାନଙ୍କ ମନମାନିରେ ଚାଲିଛି। ଏହି ବାବୁମାନଙ୍କୁ ପଚରାଗଲେ ଉତର ମିଳୁଛି ସରକାର ଅର୍ଥ ରାଶି ଦେଉନାହାଁନ୍ତି। ବାସ୍ତବରେ ଏ ଘଟଣା ଶୁଣିବା ବେଳକୁ ଆଖିରେ ଲୁହ ଜକେଇ ଆସୁଛି ଲୋକମାନଙ୍କର। ଜିଲ୍ଲାରେ ଆବାସ ଯୋଜନାକୁ ନେଇ ବି ବିବାଦ ଲାଗି ରହିଛି। କେଉଁଠି ସରକାରୀ ବାବୁମାନେ ହାତଗୁଞ୍ଜା ନେଇ ନପାଇବା ବାଲାଙ୍କୁ ଆବାସ ➤ ପୃ-୬

## ବକ୍ରବାଣୀ



ଅଣସର ଘର କବାଟ ଖୋଲି
ଛାମୁଁଙ୍କୁ ଦର୍ଶନ କରିବେ ବୋଲି
ଚାଲି ଚାଲି ସେ ରାଉରକେଲାରୁ
ଧାଇଁ ଆଇଥିଲେ କେତେ ଦୂରରୁ
ହାତ ଯୋଡ଼ି ତାଙ୍କୁ ନେହୁରା ହେଇ
ପୋଲ କଥା ଦେବେ ମନେ ପକେଇ
ବଡ଼ ଦୟାବାନ ଛାମୁଁ ଆମର
ସହି ପାରନ୍ତିନି ଦୁଃଖ କାହାର
କାହାକୁ ମଦ ତ କାହାକୁ ପାଣି
ଢାଳନ୍ତି ଆମକୁ ଭକୁଆ ଜାଣି।

—— ଟୁଟୁ

### ଇଣ୍ଡିଆ ଟୁଡ଼େ ସର୍ଭେ; ସବୁଥିରେ ଓଡ଼ିଶା ପଛୁଆ

# ପଦାରେ ପଡିଲା ସ୍ୱଚ୍ଛ ଶାସନର ଗୁମର

**ଭୁବନେଶ୍ୱର :** ଗଭର୍ଣ୍ଣାନ୍ସଠୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟୋଗୀ, ଆଇନଶୃଙ୍ଖଳା, ମୌଳିକ ଭିତ୍ତିଭୂମି ତଥା ସାମଗ୍ରିକ ବିକାଶରେ ଓଡ଼ିଶାର ବିକଟାଳ ସ୍ଥିତି ଓ ନିକୃଷ୍ଟ ପ୍ରଦର୍ଶନର ଚିତ୍ରକୁ ଦେଶର ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆ ଟୁଡେ'ର ୨୦ତମ ବାର୍ଷିକ ସର୍ଭେ ରିପୋର୍ଟ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ଅନ୍ୟମାନଙ୍କ ପାଇଁ ମଡେଲ ବୋଲି କଥା କଥାରେ ଦମ୍ଭୋକ୍ତି ଦେଖାଉଥିବା ଶାସକ ବିଜେଡିର ନେତା-ମନ୍ତ୍ରୀଙ୍କ ପାଇଁ 'ଇଣ୍ଡିଆ ଟୁଡେ'ର ଏହି ସର୍ଭେ ରିପୋର୍ଟ ଚକିତ କରିଦେବା ଭଳି ହୋଇଛି। ଆଉ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ୨୨ବର୍ଷର ସରକାରର ସଫଳତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। 'ଇଣ୍ଡିଆ ଟୁଡ଼େ' ନିଜର ୨୦ତମ ବାର୍ଷିକ ସର୍ଭେରେ ୧୨ଟି କ୍ଷେତ୍ରର ବର୍ତ୍ତମାନର ତଥ୍ୟ ଏବଂ ଗତ ୫ବର୍ଷର ତଥ୍ୟକୁ ବିଶ୍ଳେଷଣ କରି ରାଜ୍ୟଗୁଡ଼ିକର ସଫଳତାକୁ ଆକଳନ କରିଛି। ଆଉ ଏହି ୧୨ଟି କ୍ଷେତ୍ର(ବର୍ଗ) ମଧ୍ୟରୁ କୌଣସି ଗୋଟିଏରେ ବି ପ୍ରଥମ ୫ଟି ସ୍ଥାନ ମଧ୍ୟରେ ରହିବାରେ ଓଡ଼ିଶା ସକ୍ଷମ ହୋଇପାରିନି। ଦିଲ୍ଲୀର ଥିଙ୍କ୍‌ଟ୍ୟାଙ୍କ ସଂସ୍ଥା ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ(ଏମଡିଆରଏ)ର ସହଯୋଗରେ ଇଣ୍ଡିଆ ଟୁଡେର ଉକ୍ତ ସର୍ଭେ ୨୦୨୨ ଜୁଲାଇରୁ ନଭେମ୍ବର ମାସ ମଧ୍ୟରେ ବିଭିନ୍ନ ତଥ୍ୟ ଓ ଦସ୍ତାବିଜର ସହଯୋଗରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଇଣ୍ଡିଆ ଟୁଡେ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ, ୫୦ଲକ୍ଷରୁ ଅଧିକ ଜନସଂଖ୍ୟା ଓ ୩୫ହଜାର ବର୍ଗକିମି ଅଞ୍ଚଳ ଥିବା ୨୦ଟି ରାଜ୍ୟକୁ ବୃହତ୍ ରାଜ୍ୟ ଏବଂ ଅନ୍ୟଗୁଡ଼ିକ କ୍ଷୁଦ୍ର ରାଜ୍ୟ ଭାବେ ବର୍ଗୀକୃତ କରାଯାଇଛି। ୧୨ଟି ମାନଦଣ୍ଡ ଆଧାରରେ ଦେଶର ସମସ୍ତ ରାଜ୍ୟ ମଧ୍ୟରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ' ଓ 'ସର୍ବାଧିକ ସଂସ୍କାର ଆଣିଥିବା ରାଜ୍ୟ' ଭାବେ ରେଖାଙ୍କିତ କରାଯାଇଛି। ଯେଉଁ ୧୨ଟି କ୍ଷେତ୍ରରେ ରାଜ୍ୟଗୁଡ଼ିକର ର୍ୟାଙ୍କ୍ ଅବା ତାଲିକା ପ୍ରସ୍ତୁତ ହୋଇଛି ସେଗୁଡ଼ିକ ହେଲା ଭିତ୍ତିଭୂମି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା, ଗଭର୍ଣ୍ଣାନ୍ସ (ଶାସନ), ସାମଗ୍ରିକ ବିକାଶ, ଉଦ୍ୟୋଗୀ, ପର୍ଯ୍ୟଟନ, ପରିବେଶ, ସ୍ୱଚ୍ଛତା ଓ ଅର୍ଥନୀତି। ଏସବୁ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବର୍ଗ ପାଇଁ ୨୦୮୦ ପଏଣ୍ଟ ଓ ସର୍ବାଧିକ ସଂସ୍କାର ବର୍ଗ ପାଇଁ ୨ହଜାର ପଏଣ୍ଟ ରଖାଯାଇଥିଲା। ତେବେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ତାମିଲନାଡୁ ଶୀର୍ଷରେ ରହିଥିବାବେଳେ ସର୍ବାଧିକ ସଂସ୍କାର ବା ସୁଧାର ଆଣିଥିବା ରାଜ୍ୟ ବର୍ଗରେ ଆସାମ ଶୀର୍ଷରେ ଅଛି। ତେବେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବଡ଼ ରାଜ୍ୟ ତାଲିକାରେ ଓଡ଼ିଶାର ସ୍ଥାନ ୨୦ରୁ ୧୫ ନମ୍ବରରେ ଥିବାବେଳେ ସର୍ବାଧିକ ସୁଧାର ଆଣିଥିବା ରାଜ୍ୟ ତାଲିକାରେ ଓଡ଼ିଶା ୧୨ ନମ୍ବରରେ ରହିଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି, ନବୀନଙ୍କ ଶାସନ ମଡେଲକୁ 'ସୁଶାସନ' ବୋଲି ଶାସକ ବିଜେଡି ଦାବି କରୁଥିବାବେଳେ 'ଗଭର୍ଣ୍ଣାନ୍ସ' ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବୃହତ ରାଜ୍ୟ ତାଲିକାରେ ଓଡ଼ିଶା ତଳଆଡୁ ଦ୍ୱିତୀୟରେ ରହିଛି। ଅର୍ଥାତ ୨୦ଟି ବୃହତ୍ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ୧୯ ନମ୍ବରରେ ରହିଛି। ମହାରାଷ୍ଟ୍ର ୧ ନମ୍ବରରେ ରହିଥିବାବେଳେ ପଞ୍ଜାବ ୨୦ରେ ଅଛି। ତେବେ ଗଭର୍ଣ୍ଣାନ୍ସରେ ସର୍ବାଧିକ ସଂସ୍କାର ଆଣିବା ରାଜ୍ୟ ମଧ୍ୟରେ ଶୀର୍ଷରେ ପଞ୍ଜାବ ଥିବାବେଳେ ଓଡ଼ିଶାର ସ୍ଥାନ ଅଷ୍ଟମରେ ରହିଛି। ଯଦିଓ ଓଡ଼ିଶା ସରକାର 'ଫାଇଭ-ଟି' ଓ 'ମୋ ସରକାର' ମଡେଲ କଥାର ଦ୍ୱାହି ଦେଉଛନ୍ତି। ସେହିପରି ନିଜର ସ୍ୱାସ୍ଥ୍ୟ ଚିକିତ୍ସା ମଡେଲକୁ ଶ୍ରେଷ୍ଠ ବୋଲି ଓଡ଼ିଶା ଦାବି କରୁଥିଲେ ମଧ ଇଣ୍ଡିଆ ଟୁଡେର ସର୍ଭେ ରିପୋର୍ଟ ଅନୁସାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ କେରଳ ଶୀର୍ଷରେ ରହିଛି ଓ ଓଡ଼ିଶାର ସ୍ଥାନ ୧୩ରେ ଅଛି। ବିହାର ତଳଆଡୁ ପ୍ରଥମରେ ଅଛି। ତେବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂସ୍କାର ଆଣିଥିବା ପ୍ରମୁଖ ରାଜ୍ୟ ତାଲିକାର ଶୀର୍ଷରେ ହିମାଚଳ ପ୍ରଦେଶ ଓ ସର୍ବନିମ୍ନରେ ଛତିଶଗଡ଼ ରହିଛି। ସ୍ୱାସ୍ଥ୍ୟ ➤ ପୃ-୬



### ସମୀବୃକ୍ଷ କହୁଛି ପୁରାଣର ଗାଥା

# ପର୍ଯ୍ୟଟକଙ୍କ ମନ ମୋହୁଛି କପ୍ତିପଦା





**ବାରିପଦା, (ବିଜୁସିଂ) :** ପ୍ରକୃତିର ପ୍ରିୟତମ ଭୂମି ମୟୂରଭଞ୍ଜରେ ରହିଛି ଅନେକ ଅନନ୍ୟ ସ୍ଥାନ। ଆଜି ସେହିଭଳି ଏକ ରହସ୍ୟମୟ ସ୍ଥାନ ସମ୍ପର୍କରେ ଉପସ୍ଥାପନ କରୁଛୁ। ଯେତେବେଳେ ପାଣ୍ଡବ ମାନେ ବାରବର୍ଷ ବନବାସ ପରେ ଏକବର୍ଷ ଅଜ୍ଞାତବାସ ସମୟ କାଟିଥିବାବେଳେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଯେଉଁ ସ୍ଥାନରେ ଲୁଚେଇ ରଖିଥିଲେ, ସେହି ସ୍ଥାନ ଥିଲା ବିରାଟ ମୟୂରଭଞ୍ଜ ରାଜ୍ୟର କପ୍ତିପଦା ଅଞ୍ଚଳ। କଥିତ ମତାନୁସାରେ ଅଜ୍ଞାତବାସ ଆରମ୍ଭ ହେବା ପୂର୍ବରୁ ଅର୍ଜୁନଙ୍କ ମନରେ ଶଙ୍କା ଜାତ ହେଲା ଯେ ଗାଣ୍ଡୀବ ଧନୁ ଧାରଣ କରିଥିବାରୁ ତାଙ୍କୁ ଯେକେହି ଅର୍ଜୁନ ବୋଲି ଚିହ୍ନି ପାରିବେ। ତେଣୁ ଏହି ଶଙ୍କାରୁ ମୁକୁଳିବାର ବାଟ ସେ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାବାରୁ ଶ୍ରୀକୃଷ୍ଣ ତାଙ୍କୁ ଭଗବାନ ଶିବଙ୍କୁ ଧାନ କରିବାକୁ ପରାମର୍ଶ ଦେଇଥିଲେ। ଗାଣ୍ଡୀବ ଧନୁ ଅତ୍ୟନ୍ତ ପ୍ରଭାବ ଶାଳି ଦିବ୍ୟଅସ୍ତ୍ର ହୋଇଥିବାରୁ ତାକୁ ଅନ୍ୟ କୌଣସି ସ୍ଥାନରେ ଲୁଚାଇ ରଖିବା ସମ୍ଭବ ନୁହେଁ ବୋଲି ଭଗବାନ ଶିବ କହିଥିଲେ। ତେଣୁ ସେ ସ୍ୱୟଂ ବୃକ୍ଷ ରୂପ ଧାରଣ କରି ଏହି ଗାଣ୍ଡୀବ ଧନୁ ସହ ପାଣ୍ଡବ ମାନଙ୍କର ଅନ୍ୟାନ ଦିବ୍ୟାସ୍ତ୍ରକୁ ନିଜ ବୃକ୍ଷ କରଡରେ ଲୁଚାଇ ରଖିଥିଲେ। ଏହାପରେ ପଞ୍ଚୁପାଣ୍ଡବ ଛଦ୍ମବେଶରେ ଦ୍ରୌପଦୀଙ୍କ ସହ ବିରାଟ ରାଜ୍ୟରେ ପ୍ରବେଶ କରି ଛଦ୍ମବେଶରେ ରାଜଦରବାରରେ ରହିଲେ। ପରବର୍ତ୍ତୀ ସମୟରେ ଦୁର୍ଯ୍ୟୋଧନ ବିରାଟ ରାଜ୍ୟର ଗୋଧନ ହରଣ ନିମନ୍ତେ ଆକ୍ରମଣ କରିବାରୁ ଅର୍ଜୁନ ବିରାଟ ରାଜଙ୍କର ପୁତ୍ର ଉତ୍ତରର ସାରଥି ସାଜି ଯୁଦ୍ଧକୁ ଗଲେ। କିନ୍ତୁ ଯେତେବେଳେ ଯୁଦ୍ଧରେ ଉତ୍ତର ପରାଜିତ ହେବାର ସ୍ଥିତି ଦେଖା ଦେଲା ଅର୍ଜୁନ ଶିବଙ୍କର ଅନୁମତି ନେଇ ଗାଣ୍ଡୀବ ➤ ପୃ-୬

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**

ବ୍ୟବସାୟରେ ଉନ୍ନତ। ରୋକି ଯାଇଥିବା ପଇସା ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ଉତ୍ତମ ରହିବ। ଛାତ୍ରମାନଙ୍କୁ ନୂଆ ସମ୍ଭାବନା ଦେଖାଦେବ। ନୂଆବର୍ଷର ପ୍ରାରମ୍ଭ ଖୁବ ଦମଦାର ରହିବ ଆଶା ଅଛି। ପ୍ରତିକାର : ବୁଧବାର ଦିନ ଭଗବାନ ଗଣେଷଙ୍କୁ ପ୍ରସାଦ ଅର୍ପଣ କରନ୍ତୁ।

**ବୃଷ**

ସପ୍ତାହଟି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ନିଜର ମନପସନ୍ଦ ଯୋଜନାକୁ ରୂପାୟିତ କରିପାରନ୍ତି। ପ୍ରେମ ସମ୍ପର୍କ ଉନ୍ନତି ହେବ। ନିଜର ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ମିଷ୍ଟାନ ବଣ୍ଟନ କରନ୍ତୁ।

**ମିଥୁନ**

କାର୍ଯ୍ୟ ବ୍ୟସ୍ତତା ଯେଗୁ ଥକିଯାଇ ପାରନ୍ତି। ଦୂରଯାତ୍ରା ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ଅଧିକା ସମୟ ଦେବାକୁ ପଡିପାରେ। ଛାତ୍ରମାନେ ପରିଶ୍ରମର ଫଳ ବର୍ଷସାରା ପାଇବେ। ପ୍ରତିକାର : ଛୋଟ ଝିଅପିଲାଙ୍କୁ ଭୋଜନ କରାନ୍ତୁ।

**କର୍କଟ**

ତୃତୀୟ ବ୍ୟକ୍ତି ହସ୍ତକ୍ଷେପ ଯୋଗୁଁ ଜୀବନ ଓ ପରିବାରରେ କଳହ ହୋଇପାରେ। ମନରେ ଥିବା ଇଚ୍ଛା ପୂର୍ଣ୍ଣ ହୋଇପାରେ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ପ୍ରତିକାର : ଗୋମାତାକୁ ସବୁଜ ଚାରା ଖୁଆନ୍ତୁ।

**ସିଂହ**

ଅନେକ କାମରେ ବିଜୟୀ ହେବେ। ବନ୍ଧୁ ଓ ପରିବାରରେ ସହଯୋଗ ପାଇବେ। ବନ୍ଦ ପଡିଥିବା କାର୍ଯ୍ୟ ଚାଲୁ ହୋଇପାରେ। ଶୁଭ ସୂଚନା ପାଇବେ। ପ୍ରତିକାର : ନବବର୍ଷରେ ବେସନ ଲଡୁ ବାଣ୍ଟନ୍ତୁ।

**କନ୍ୟା**

ନିଜର ଚିନ୍ତିତ ମାର୍ଗରେ କାର୍ଯ୍ୟ କରନ୍ତୁ। ସଫଳତା ପାଇବେ। କମ ପରିଶ୍ରମରେ ଅଧିକ ଫଳ ପାଇବେ। ପରିବାରରେ ସାମାନ୍ୟ ବିବାଦ ହୋଇପାରେ। ପ୍ରତିକାର : ଗୋ ମାତାଙ୍କ ସେବା କରନ୍ତୁ।

**ତୁଳା**

ସମ୍ପତ୍ତି କ୍ରୟ କରିପାରନ୍ତି। ନୂଆ ବନ୍ଧୁଙ୍କ ସହ ମିଶି ନୂଆ ବ୍ୟବସାୟ କରିପାରନ୍ତି। କିନ୍ତୁ ଅଜଣା ବନ୍ଧୁଙ୍କୁ ପରୀକ୍ଷା ନିରୀକ୍ଷା କରନ୍ତୁ। ପରିବାରରେ ସହଯୋଗ ପାଇବେ। ପ୍ରତିକାର : ଏ ସପ୍ତାହରେ ଧନ ଦାନ କରନ୍ତୁ।

**ବିଛା**

ମନ ପ୍ରଫୁଲ ରହିବ। ଧନ ଓ ସମ୍ମାନ ଯୋଗ ଅଛି। ଭାବନାତ୍ମକ ହୁଅନ୍ତୁ ନାହିଁ। ନିଜର ଚିନ୍ତିତ ମାର୍ଗରେ ଚାଲନ୍ତୁ ଓ ନିଜ ନିଷ୍ପତ୍ତିକୁ କ୍ରିୟାଶୀଳ କରନ୍ତୁ।। ପ୍ରତିକାର : ସର୍ବଦା ଲାଲ ରଙ୍ଗର ରୁମାଲ ପାଖରେ ରଖନ୍ତୁ।

**ଧନୁ**

ଅଚାନକ ଧନପ୍ରାପ୍ତି ଯୋଗ ଅଛି। ବ୍ୟକ୍ତି କାର୍ଯ୍ୟରେ ବିଜୟୀ ହେବେ। ପରିବାରରେ ଶାନ୍ତି ପରିଲକ୍ଷିତ ହେବ। କୌଣସି ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରିବେ। ପ୍ରତିକାର : ହନୁମାନଙ୍କୁ ଆରାଧନା କରନ୍ତୁ।

**ମକର**

ଶୁଭ ଖବର ପାଇବେ। ମନ ଶାନ୍ତ ରହିବ। କିନ୍ତୁରାତି ସମୟରେ ଖାଦ୍ୟ ଉପରେ ସତର୍କ ରହନ୍ତୁ। ପରିଶ୍ରମରୁ ଅଧିକ ଲାଭ ପାଇବେ। ପ୍ରତିକାର : ଦେବୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରନ୍ତୁ।

**କୁମ୍ଭ**

ଅହେତୁକ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଦୂର ସ୍ଥାନରୁ ସହଯୋଗ ପାଇବେ। ନିଜ ବାଣୀରେ ଲଗାମ ଦିଅନ୍ତୁ। ପରିଶ୍ରମରେ ବୃଦ୍ଧି ହେବ। ପ୍ରେମୀଙ୍କ ପାଇଁ ସମୟ ଅତ୍ୟନ୍ତ ଭଲ। ପ୍ରତିକାର : ଭଗବାନ ଶିବଙ୍କୁ ଜଳାଭିଷେକ କରନ୍ତୁ।

**ମୀନ**

କୌଣସି ଅତି ଉତ୍ତମ ଚୁକ୍ତି ସ୍ୱାକ୍ଷର କରିପାରନ୍ତି। ଦୂରଯାତ୍ରା କରିପାରନ୍ତି। ଆଖି ସମ୍ବନ୍ଧୀୟ ରୋଗ ହୋଇପାରେ। ଧନ ଖର୍ଚ୍ଚ ଯୋଗ ଅଛି। ନିଜକୁ ସମୀକ୍ଷା କରନ୍ତୁ। ଅନ୍ୟକୁ ବାଟ ଦେଖାନ୍ତୁ ନାହିଁ। ପ୍ରତିକାର : ଦେବୀ ମା'ଙ୍କ ମନ୍ଦିର ଯାଇ ଫଳ ବିତରଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ୨୦୨୪ ଲୋକସଭା ନିର୍ବାଚନ: ବିହାର, ମହାରାଷ୍ଟ୍ରରେ କଷ୍ଟସାଧ ବିଜୟ

# ଆସନ ଟାର୍ଗେଟ ବଢ଼ାଇଲା ବିଜେପି

**ନୂଆଦିଲ୍ଲୀ :** ୨୦୨୪ ମସିହାରେ ଦେଶରେ ଲୋକସଭା ନିର୍ବାଚନ ହେବ। ଏଥିପାଇଁ ରାଜନୈତିକ ଦଳଗୁଡ଼ିକ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଦେଶରେ ଜିତିବା ପାଇଁ କଷ୍ଟସାଧ ଲୋକସଭା ଆସନ ସଂଖ୍ୟା ୧୪୪ ବୋଲି ପୂର୍ବରୁ ବିଜେପି ଚିହ୍ନଟ କରିଥିଲା। କିନ୍ତୁ ଏବେ ଉକ୍ତ ଆସନ ସଂଖ୍ୟା ୧୬୦କୁ ବଢ଼ାଇ ଦିଆଯାଇଛି। ଏହି ଅତିରିକ୍ତ ୧୬ଟି ଯାକ ଲୋକସଭା ନିର୍ବାଚନମଣ୍ଡଳୀ ବିହାର ଏବଂ ମହାରାଷ୍ଟ୍ରର। ଏହି ଦୁଇ ରାଜ୍ୟରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ ପରିପ୍ରେକ୍ଷୀରେ ବିଜେପି ଏଭଳି ନିଷ୍ପତ୍ତି ନେଇଛି। ୧୦୦ ଲୋକସଭା ଆସନ ପାଇଁ ପାଟନାଠାରେ ଆଜିଠାରୁ ବିଜେପିର ବିସ୍ତାରକ ବା ପୂର୍ଣ୍ଣକାଳୀନ କର୍ମୀମାନଙ୍କର ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିସ୍ତାରକମାନେ ନିର୍ବାଚନ ମଣ୍ଡଳୀରେ ରହି ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରନ୍ତି। ପ୍ରଥମେ ଦଳ ପକ୍ଷରୁ ଚିହ୍ନଟ ହୋଇଥିବା



୧୪୪ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ବିହାରର ୪ଟି ରହିଥିଲା। ସେଗୁଡ଼ିକ ହେଲା ନୱାଦା, ବୈଶାଳୀ, ବାଲ୍ମିକୀ ନଗର ଏବଂ କିଷାନଗଞ୍ଜ। କିନ୍ତୁ ଜେଡିୟୁ ବିଜେପି ହାତ ଛାଡ଼ି ମହାମେଣ୍ଟରେ ମିଶିବା ପରେ ଏହି ରାଜ୍ୟରେ ଆଉ ୬ଟି ଆସନକୁ କଷ୍ଟକର ଆସନ ଭାବେ ବିଚାରକୁ ନିଆଯାଇଛି। ସେଗୁଡ଼ିକ ହେଲା କଟିହାର, ସୁପାଉଲ, ମୁଙ୍ଗେର, ଝଞ୍ଜରପୁର, ଗୟା ଏବଂ ପୂର୍ଣ୍ଣିଆ। ବିଜେପି ଓ ଜେଡିୟୁ ଯଥାକ୍ରମେ ୧୭ଟି ଲେଖାଏଁ ଆସନରେ ପ୍ରାର୍ଥୀ ଦେଇଥିଲେ। ବିଜେପି ୧୭ଟି ଆସନରେ ଏବଂ ଜେଡିୟୁ ୧୬ଟି ଆସନରେ ଜିତିଥିଲା। କଂଗ୍ରେସ ଗୋଟିଏ ଆସନରେ ଏବଂ ବିଜେପିର ଅନ୍ୟତମ ସହଯୋଗ ଏଲଜେପି ୬ଟି ଆସନରେ ଜିତିଥିଲା। ସେହିଭଳି ମହାରାଷ୍ଟ୍ରରେ ୨୦୨୪ ସାଧାରଣ ନିର୍ବାଚନ ମହା ବିକାଶ ଅଘାଡ଼ି ମେଣ୍ଟ ମିଳିତ ଭାବେ ଲଢ଼ିବା ନେଇ ଯୋଜନା କରୁଛି। ତେଣୁ ମହାରାଷ୍ଟ୍ରରେ ଜିତିବା ପାଇଁ କଷ୍ଟକର ଆସନ ସଂଖ୍ୟାରେ ଅଧିକ ୧୦ଟି ଆସନ ସାମିଲ କରାଯାଇଛି। ସୂଚନାଯୋଗ୍ୟ ୧୦୦ଟି ଲୋକସଭା ଆସନ ପାଇଁ ତାଲିମ କାର୍ଯ୍ୟକ୍ରମ ପାଟନାରେ ଆୟୋଜନ ହୋଇଥିବାବେଳେ ଆଉ ୬୦ଟି ଆସନ ପାଇଁ ତାଲିମ କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖରେ ହାଇଦ୍ରାବାଦରେ ଅନୁଷ୍ଠିତ ହେବ।

## ଜାନୁଆରୀରେ ୧୪ ଦିନ ବ୍ୟାଙ୍କ ଛୁଟି





**ନୂଆଦିଲ୍ଲୀ :** ଆସନ୍ତା ଜାନୁଆରୀରେ ୧୪ ଦିନ ବ୍ୟାଙ୍କ ବନ୍ଦ ରହିବାର ଆଶଙ୍କା ରହିଛି। ତେବେ ଓଡ଼ିଶାରେ ଏହି ଦିନଗୁଡ଼ିକରେ ବ୍ୟାଙ୍କ ବନ୍ଦ ରହିବ ନା ନାହିଁ ତାହା ନିଶ୍ଚିତ ହୋଇନାହିଁ। କାରଣ ଏହି ମାସରେ ଏଭଳି କିଛି ପର୍ବପର୍ବାଣୀ ପଡୁଛି ଯେଉଁଥିପାଇଁ ଓଡ଼ିଶାରେ ବ୍ୟାଙ୍କ ଛୁଟି ହୁଏ ନାହିଁ। ୨୦୨୩ ଜାନୁଆରିରେ ନୂଆବର୍ଷ, ଗୁରୁ ଗୋବିନ୍ଦ ସିଂହ ଜୟନ୍ତୀ, ମିସନାରି ଡେ', ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ମକର ସଂକ୍ରାନ୍ତୀ, ପୋଙ୍ଗଲ, ସାଧାରଣତନ୍ତ୍ର ଦିବସରେ ବ୍ୟାଙ୍କ ଛୁଟି ରହିବ। ପ୍ରତି ମାସର ସମସ୍ତ ରବିବାର ଏବଂ ଦ୍ୱିତୀୟ ଓ ଚତୁର୍ଥ ଶନିବାର ବ୍ୟାଙ୍କ ବନ୍ଦ ରହୁଛି।

# ଚୀନ୍‌କୁ ଦିଆଯିବ କଡ଼ା ଜବାବ

### ଏଲଏସିରେ ମୃତୟନ ହେବ ଅତ୍ୟାଧୁନିକ ବାଲିଷ୍ଟିକ୍ ମିସାଇଲ 'ପ୍ରଳୟ'

**ନୂଆଦିଲ୍ଲୀ :** ଚୀନ ସହ ବିବାଦ ଭିତରେ ଭାରତ ଏଲଏସିରେ ମୃତୟନ କରିବ ଅତ୍ୟାଧୁନିକ ବାଲେଷ୍ଟିକ ମିସାଇଲ ପ୍ରଳୟ। ଚୀନ୍ ସହିତ ଚାଲିଥିବା ତିକ୍ତତା ମଧ୍ୟରେ ଭାରତୀୟ ସେନା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରଳୟ ସୀମାରେ ମୁତୟନ କରିବାକୁ ଚାହୁଁଛି। ଏଥିପାଇଁ ଉଚ୍ଚଉଚ୍ଚ ନିକଟରୁ ଏହାକୁ କିଣିବାକୁ ଭାରତୀୟ ସେନାର ପ୍ରସ୍ତାବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ସପ୍ତାହରେ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏହାକୁ ନେଇ ନିଷ୍ପତି ନିଆଯିବ ବୋଲି ଜଣାପଡିଛି। ପ୍ରତିରକ୍ଷା ସୂତ୍ରରୁ ପ୍ରକାଶ ଯେ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ କାରଣ ଭାରତୀୟ ସେନା ଏକ 'ରକେଟ୍ ଫୋର୍ସ' ଗଠନ କରିବାକୁ ଚିନ୍ତା କରୁଛନ୍ତି। ଯାହାର ଚୁଡାନ୍ତ ନିଷ୍ପତ୍ତି ଏହି ବୈଠକରେ ନିଆଯିବ।ଅନ୍ୟପଟେ ଭାରତୀୟ ସେନା ଏଲଏସିରେ ମୁତୟନ କରିବାକୁ ଚାହିଁଥିବା ଅତ୍ୟାଧୁନିକ ବାଲେଷ୍ଟିକ ମିସାଇଲ ପ୍ରଳୟ ବିଷୟରେ ଯଦି କହିବା ଏହା ୧୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଭାରତର ପ୍ରତିରକ୍ଷା ବିଭାଗ ବିକଶିତ ଯୁଦ୍ଧକ୍ଷେତ୍ର ବ୍ୟବହାର ପାଇଁ ପ୍ରଳୟ ହେଉଛି ଏକ କଠିନ-ଇନ୍ଧନ ଭୂପୃଷ୍ଠରୁ ସର୍ଟ-ରେଞ୍ଜ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ପ୍ରଳୟ ମିସାଇଲରେ ୧ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହାକୁ କଣ୍ଟ୍ରୋଲ ରୁମରୁ ବି ଗାଇଡ୍ କରାଯାଇପାରିବ। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ବାଲିଷ୍ଟିକ ମିସାଇଲ ପ୍ରଳୟ ଓଜନ ୫ଟନ୍। ଏହା ଟାର୍ଗେଟକୁ ୧୦ ମିଟର ପରିଧି ମଧ୍ୟରେ ହିଟ୍ କରିପାରିବାର କ୍ଷମତା ରଖିଛି। ବାୟୁରେ ଏକ ନିର୍ଦ୍ଦିଷ୍ଟ ଦୂରତା ଭ୍ରମଣ କରିବା ପରେ ଏହାର ଗତି ପରିବର୍ତ୍ତନ କରିବାର କ୍ଷମତା ମଧ୍ୟ ଅଛି।ଗତବର୍ଷ ଡିସେମ୍ବରରେ ଡ଼ିଆରଡ଼ିଓ ପକ୍ଷରୁ ବୁଧବାର ଓଡ଼ିଶା ଉପକୂଳ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ପ୍ରଳୟର ଲଗାତର ଦୁଇ ଦିନ ଧରି ପରୀକ୍ଷଣ ହୋଇଥିଲା। ଯାହା ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହୋଇପାରୁଥିବା କ୍ଷେପଣାସ୍ତ୍ର 'ପ୍ରଳୟ'ରେ ଅତ୍ୟାଧୁନିକ ନାଭିଗେସନ୍ ଏବଂ ଇଣ୍ଟିଗ୍ରେଟେଡ୍ ବିମାନ ଚଳାଚଳ ପ୍ରଣାଳୀ ଅନ୍ତର୍ଭୁକ୍ତ। ଏହା ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ର ନଷ୍ଟ କରିବାରେ ସକ୍ଷମ।

## ଅଦରକାରୀ ଜିନିଷରେ ପାଞ୍ଚ ଟନ୍‌ର 'ରୁଦ୍ରବୀଣା'

**ଭୋପାଳ :** ଭୋପାଳର ୧୫ ଜଣ କାରିଗର ଅଦରକାରୀ ଜିନିଷରେ ତିଆରି କରିଛନ୍ତି 'ରୁଦ୍ରବୀଣା'। ଯାହାର ଓଜନ ପାଞ୍ଚ ଟନ୍। ଏହାର ଲମ୍ବ ୨୮ ଫୁଟ ହୋଇଥିବା ବେଳେ ଓସାର ୧୦ ଫୁଟ ଏବଂ ଉଚ୍ଚତା ୧୨ ଫୁଟ। ସେହିପରି ଏହାକୁ ତିଆରି କରିବା ପାଇଁ ଛଅମାସ ଲାଗିଥିବାବେଳେ ସେମାନେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ରୁଦ୍ର ବୀଣା ତିଆରି କରିଥିବା କାରିଗରମାନଙ୍କ କହିବା ଅନୁସାରେ, ଏହା କେବଳ ଭୋପାଳର ବଡ଼ ରୁଦ୍ରବୀଣା ନୁହେଁ, ଅଦରକାରୀ ଜିନିଷରେ ତିଆରି ହୋଇଥିବା ଏହା ବିଶ୍ୱର ସବୁଠୁ ବଡ଼ ବୀଣା। ଏହି ବୀଣାଟିକୁ ପରିତ୍ୟକ୍ତ ଯାନର ବିଭିନ୍ନ ଅଂଶକୁ ଉପଯୋଗ କରାଯାଇ ତିଆରି କରାଯାଇଛି। ଯେପରିକି ୱେୟାର, ଚେନ୍, ଗିୟର୍ ଏବଂ ବଲ୍ ବିୟରିଂ ଏ ପାଇଁ ବ୍ୟବହୃତ ହୋଇଛି। ଅବଶ୍ୟ ଏହି ୧୫ ଜଣ କାରିଗର ଅଦରକାରୀ ଜିନିଷ ସଂଗ୍ରହ କରିବାଠାରୁ ଆରମ୍ଭ କରି ଡିଜାଇନ୍ ପ୍ରସ୍ତୁତ କରିବା ଏବଂ ଏହାକୁ ତିଆରି କରିବା କାମରେ ନିଜକୁ



ନିୟୋଜିତ କରିଥିଲେ। ତେବେ 'କବାଡ୍ ସେ କାଞ୍ଚନ' ଥିମ୍ ଉପରେ ଏହାକୁ ତିଆରି କରାଯାଇଥିବା କହିଛନ୍ତି କାରିଗର ପବନ ଦେଶପାଣ୍ଡେ। ଭାରତୀୟ ପରମ୍ପରା ଓ ଐତିହ୍ୟକୁ ଆଗାମୀ ପିଢ଼ି ଜାଣିବା ଉଦ୍ଦେଶ୍ୟରେ ସେମାନେ ଏହାକୁ ତିଆରି କରିଥିବା କଥା ସେ କହିଛନ୍ତି। ତେବେ ଏହାକୁ ସହରର ଏମିତି ଏକ ସ୍ଥାନରେ ରଖାଯିବ, ଯେଉଁଠାରେ ଲୋକମାନେ ବୀଣା ସହ ସେଲ୍ଫି ନେବାର ସୁବିଧା ପାଇପାରିବେ। ଏହାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ମ୍ୟୁଜିକାଲ ସିଷ୍ଟମ ଓ ଲାଇଟ୍ ଖଞ୍ଜିବାର ବ୍ୟବସ୍ଥା ଏବେ କରାଯାଉଛି। ଅନ୍ୟପଟେ ଅଟଳ ପଥରେ ଏହି ରୁଦ୍ରବୀଣାକୁ ରଖିବା ଲାଗି ସ୍ଥିର ହୋଇଥିବା ଜଣାପଡ଼ିଛି।

## ୟୁପିଆଇ, ଆଧାରରେ ଉଦାହରଣ ସୃଷ୍ଟି କରିଛି ଭାରତ: ପିଚାଇ

**ନୂଆଦିଲ୍ଲୀ :** ଭାରତର ଆଧାର ଏବଂ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ବ୍ୟବସ୍ଥାକୁ ଗୁଗୁଲ୍‌ର ସିଇଓ ସୁନ୍ଦର ପିଚାଇ ପ୍ରଶଂସା କରିଛନ୍ତି। ଇକୋନମିକ୍ ଟାଇମ୍ସ ସହ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଆଧାର, ୟୁପିଆଇ ଓ ଇଣ୍ଡିଆ ଷ୍ଟାକ୍‌କୁ ଭାରତ ଯେଉଁଭଳି ଭାବେ ସଫଳ କରିଛି ତାହା ଏକ ଚମତ୍କାର ଉଦାହରଣ। ଏହା ହିଁ ହେଉଛି ଇଣ୍ଟରନେଟ୍‌ର ଶକ୍ତି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଭାରତ ଡିଜିଟାଲ ରପ୍ତାନିରେ ବଡ଼ ଧରଣର ସଫଳତା ହାସଲ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ପିଚାଇ କହିଛନ୍ତି ଯେ ଭାରତର ୟୁପିଆଇ ବିଷୟରେ ମୁଁ ଅନ୍ୟ ଦେଶଗୁଡ଼ିକୁ ଉଦାହରଣ ଦେଉଛି। ଏହି ବ୍ୟବସ୍ଥାକୁ ଅନୁସରଣ କରିବା ଲାଗି ସେମାନଙ୍କୁ କହୁଛି। ୟୁପିଆଇ ଷ୍ଟାକ୍ ଆଧାରରେ ତାଙ୍କ କମ୍ପାନି ଗୁଗୁଲ୍‌ପେ' ପ୍ରସ୍ତୁତ କରିଛି। ଖୁବ୍‌ଶୀଘ୍ର ତାହାକୁ ଅନ୍ୟ ଦେଶରେ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି। ତାମିଲନାଡୁର ମଦୁରାଇରେ ଜନ୍ମିତ ପିଚାଇ କହିଛନ୍ତି ଯେ ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଯୋଗୁ ଡିଜିଟାଲ ବିପ୍ଳବ ଆଗକୁ ବଢ଼ିଛି। ଷ୍ଟାର୍ଟଅପ୍ରେ ନିବେଶ କରିବାକୁ ଗୁଗୁଲ୍ ଯୋଜନା ରଖିଛି ବୋଲି ସେ କହିଛନ୍ତି।

# ଜାନୁଆରୀ ୨ରେ ବିମୁଦ୍ରୀକରଣ ମାମଲାର ରାୟ

**ନୂଆଦିଲ୍ଲୀ :** ବିମୁଦ୍ରାକରଣକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାର ରାୟ ଆସନ୍ତା ଜାନୁଆରୀ ୨ରେ ଶୁଣାଇବେ ସୁପ୍ରିମକୋର୍ଟ। ୨୦୧୬ ମସିହାରେ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ରାତାରାତି ଅବୈଧ ଘୋଷଣା କରି ଦେଇଥିଲେ। ଏହା ବିରୋଧରେ ୫୦ରୁ ଅଧିକ ଆବେଦନ ସୁପ୍ରିମକୋର୍ଟରେ କରାଯାଇଥିଲା। ଏହାର ଶୁଣାଣି ସୁପ୍ରିମକୋର୍ଟରେ ମଧ୍ୟ ହୋଇଥିଲା। ଆସନ୍ତା ୨ ତାରିଖରେ ଜଷ୍ଟିସ ଅବଦୁଲ ନଜିରଙ୍କ ନେତୃତ୍ୱାଧୀନ ୫ ଜଣିଆ ଖଣ୍ଡପୀଠ ଏହା ଉପରେ ରାୟ ପ୍ରକାଶ କରିବେ। ଜଷ୍ଟିସ ନଜିର ୩ ତାରିଖରେ ଅବସର ନେବାକୁ ଯାଉଥିବା ବେଳେ ଦିନକ ପୂର୍ବରୁ ବିମୁଦ୍ରାକରଣ ପ୍ରସଙ୍ଗରେ ସୁପ୍ରିମ ରାୟ ଦେବେ। ଏହି ସାମ୍ବିଧାନିକ ଖଣ୍ଡପୀଠରେ ଜଷ୍ଟିସ ବିଆର ଗଭାଇ, ଜଷ୍ଟିସ ଏସଏସ୍ ବୋପାନ୍ନା, ଜଷ୍ଟିସ ଭି ରାମସୁବ୍ରମଣିଅନ ଓ ଜଷ୍ଟିସ ବିଭି ନାଗରତ୍ନା ରହିଛନ୍ତି। ସୁପ୍ରିମକୋର୍ଟ ଡିସେମ୍ବର ୭ରେ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଏବେ ସର୍ବସମ୍ମତିକ୍ରମେ ସାମ୍ବିଧାନିକ ବେଞ୍ଚ ୨ ତାରିଖରେ ରାୟ ଦେବେ ବୋଲି ଜଣାପଡ଼ିଛି। ରାୟ ସଂରକ୍ଷିତ ରଖିବା ସମୟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଆରବିଆଇକୁ ବିମୁଦ୍ରାକରଣ ସଂକ୍ରାନ୍ତରେ ଜଡ଼ିତ ସମସ୍ତ ଦସ୍ତାବିଜ୍ ଦାଖଲ କରିବାକୁ କହିଥିଲେ। ଖଣ୍ଡପୀଠ ନିକଟରେ ଆଟର୍ଣ୍ଣି ଜେନେରାଲ ବନ୍ଦ ଲଫାପାରେ ସମସ୍ତ ଦସ୍ତାବିଜ ଦାଖଲ ମଧ୍ୟ କରିଛନ୍ତି।

# ପ୍ରତିଦିନ ଭାରତରେ ଆତ୍ମହତ୍ୟା କରୁଛନ୍ତି ୧୧୫ ଜଣ ଦିନ ମଜୁରିଆ

**ନୂଆଦିଲ୍ଲୀ:** ପ୍ରତିଦିନ ଭାରତରେ ୧୧୫ ଜଣ ଦିନ ମଜୁରୀଆ ଓ ୬୩ ଜଣ ଗୃହିଣୀ ଆତ୍ମହତ୍ୟା କରୁଛନ୍ତି। ଗତବର୍ଷ ଭାରତରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ହିସାବ ଦେଇ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଲୋକସଭାରେ ଏହି ତଥ୍ୟ ଉପସ୍ଥାପିତ କରିଛନ୍ତି। ଏହି ତଥ୍ୟ ଦର୍ଶାଇଛି ଗତବର୍ଷ ଦେଶରେ ମୋଟ ୧ ଲକ୍ଷ ୬୪ ହଜାର ୩୩ ଜଣ ଆତ୍ମହତ୍ୟା କରିଛନ୍ତି। ନ୍ୟାସନାଲ କ୍ରାଇମ୍ ବ୍ୟୁରୋ(ଏନ୍‌ସିଆରବି) ପକ୍ଷରୁ ମିଳିଥା ତଥ୍ୟକୁ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତକାଲି ଲୋକସଭାରେ ଉପସ୍ଥାପିତ କରିଥିଲେ। ସେ କହିଥିଲେ ଦେଶରେ ଗତବର୍ଷ ୪୨ ହଜାର ୪ ଜଣ ଦିନ ମଜୁରୀଆ ଓ ୨୩ ହଜାର ୧୭୯ ଜଣ ଗୃହିଣୀ ଆତ୍ମହତ୍ୟା କରିଛନ୍ତି। ଯାହା ଭିତରେ ୨୦ ହଜାର ୨୩୧ ଜଣ ରୋଜଗାରକ୍ଷମ ବ୍ୟକ୍ତି, ୧୫ ହଜାର ୮୭୦ ଜଣ ଦରମା ପାଉଥିବା ବ୍ୟକ୍ତି, ୧୩ ହଜାର ୭୧୪ ଜଣ ବେକାର, ୧୩ ହଜାର ୮୯ ଜଣ ବିଦ୍ୟାର୍ଥୀ, ୧୨ ହଜାର ୫୫ ଜଣ ବ୍ୟବସାୟୀ, ୧୧ ହଜାର ୪୩୧ ଜଣ ଘରୋଇ ସଂସ୍ଥା କରିଥିବା ବ୍ୟକ୍ତି ରହିଛନ୍ତି। ସେହିପରି ୧୦ ହଜାର ୮୮୧ କୃଷି ଉଦ୍ୟୋଗୀ, ୫ ହଜାର ୫୬୩ ଜଣ କୃଷି ଶ୍ରମିକ, ୫ ହଜାର ୩୧୮ ଜଣ ଚାଷୀ, ୪ ହଜାର ୮୦୬ ଜଣ ବିନା ସରକାରୀ ସହାୟତାରେ ଚାଷ ଜମି ଥିବା ଅଥବା ନିଜସ୍ୱ ଉଦ୍ୟମରେ ଚାଷ କରୁଥିବା ବ୍ୟକ୍ତି, ୫୧୨ ଜଣ ବିନା କୌଣସି ସରକାରୀ ସହାୟତାରେ ଲିଜ୍‌ରେ ଚାଷ ଜମି ନେଇ ଚାଷ କରୁଥିବା ବ୍ୟକ୍ତି ରହିଛନ୍ତି।

## ସୁନା ଛାଉଣି ପରେ କେଦାରନାଥ ମନ୍ଦିରରେ ସଶସ୍ତ୍ର ସୁରକ୍ଷା ବାହିନୀ ମୁତୟନ



**ଡେରାଡୁନ :** ସୁନା ଛାଉଣି ହୋଇଥିବା ଉତ୍ତରାଖଣ୍ଡର କେଦାରନାଥ ମନ୍ଦିରର ସୁରକ୍ଷା ନିମନ୍ତେ ସରକାର ସଶସ୍ତ୍ର ସୁରକ୍ଷା ବାହିନୀ ମୁତୟନ କରିଛନ୍ତି। ଆଇଟିବିପିର ୩୦ଜଣିଆ ଟିମ୍ ଏହି ମନ୍ଦିରକୁ ୨୪ଘଣ୍ଟିଆ ସୁରକ୍ଷା ଦେବେ। ଶୀତ ଋତୁ ପାଇଁ କେଦାରନାଥ ମନ୍ଦିର ବନ୍ଦ ରହିଛି। ଏହା ସହିତ ମନ୍ଦିର ଆଖପାଖ ଲୋକେ ଘରଦ୍ୱାର ଛାଡି ଚାଲିଯାଇନ୍ତି। କାରଣ ଶୀତ ଋତୁରେ ମନ୍ଦିର ଆଖପାଖରେ ତାପମାତ୍ରା ବିୟୁକ୍ତ ୧୫ଡିଗ୍ରୀ ସେଲସିୟସକୁ ଖସିଆସେ। ଏଠାରେ ୫ରୁ ୬ଫୁଟ ଉଚ୍ଚର ବରଫ ପଡେ। ତେଣୁ ଏଠାକାର ସ୍ଥାନ ଜନଶୂନ୍ୟ ହୋଇପଡେ। ଏହି ମନ୍ଦିର ସମୁଦ୍ର ପତ୍ତନ ଠାରୁ ୧୧,୭୫୫ ଫୁଟ ଉଚ୍ଚରେ ଅବସ୍ଥିତ। ତେବେ ମନ୍ଦିରରେ ହୋଇଥିବା ସୁନା ଛାଉଣିକୁ ନେଇ ଏଠାରେ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ପ୍ରାୟ ୪୦ କିଲୋ ସୁନାରେ ମନ୍ଦିର ଭିତର ପାର୍ଶ୍ୱ କାନ୍ଥ ସୁନା ଛାଉଣି କରାଯାଇଛି।

### ସାମାଜିକ ପ୍ରଗତି ସୂଚକାଙ୍କ ଜାରି

# ସର୍ବାଗ୍ରେ ପୁଡୁଚେରୀ, ଲକ୍ଷାଦ୍ୱୀପ, ଗୋଆ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ନିକଟରେ ସୋସିଆଲ ପ୍ରୋଗ୍ରେସ୍ ଇଣ୍ଡେକ୍ସ-୨୦୨୨ (ସାମାଜିକ ପ୍ରଗତି ସୂଚକାଙ୍କ) ଜାରି କରିଛନ୍ତି। ଏହି ସୂଚକାଙ୍କ ଅନୁସାରେ ସାମାଜିକ ପ୍ରଗତିରେ ଦେଶର ପୁଡୁଚେରୀ, ଲକ୍ଷଦ୍ୱୀପ ଓ ଗୋଆ ସବୁଠୁ ଭଲ ରାଜ୍ୟ ବୋଲି ଜଣାପଡିଛି। ଏହି ଅନୁସାରେ ମିଜୋରାମର ଆଇଜୋଲ, ହିମାଚଳପ୍ରଦେଶର ସୋଲନ ଓ ଶିମଲା ସବୁଠୁ ଭଲ ଜିଲ୍ଲା। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶ ପରିଷଦ ଓ ଇନ୍‌ଷ୍ଟିଚ୍ୟୁଟ୍ ଫର କମ୍ପିଟେଟିଭନେସ୍ ଏଣ୍ଡ ସୋସିଆଲ ପ୍ରୋଗ୍ରେସ ଇମ୍ପରେଟିଭ ମିଳିତ ଏହି ତଥ୍ୟ ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଓ ଜିଲ୍ଲାମାନଙ୍କର ଏହି ସ୍ଥିତି ୧୨ଟି ଆଧାରରେ ସ୍ଥିରିକୃତ ହୋଇଛି। ଏହି ଆଧାରମାନଙ୍କରେ ଲୋକଙ୍କ ମୌଳିକ ଆବଶ୍ୟକତା ଓ ସମ୍ଭାବନାର ଖାସ୍ ଧ୍ୟାନ ଦିଆଯାଇଛି। ଏହାଛଡା ପୋଷଣ, ମୌଳିକ ସ୍ୱାସ୍ଥ୍ୟ ସେବା, ପେୟଜଳ, ସ୍ୱଚ୍ଛତା, ସୁରକ୍ଷା, ବସବାସ, ପରିବେଶର ପରିସ୍ଥିତି ଓ ଆଧୁନିକ ଶିକ୍ଷା ପର୍ଯ୍ୟନ୍ତ ପହଞ୍ଚ ଆଧାରରେ ଅଙ୍କା ଯାଇଛି। ଏହି ଇଣ୍ଡେକ୍ସ ଲାଗି ଦେଶର ସବୁ ରାଜ୍ୟ ଓ ଜିଲ୍ଲାକୁ ୬ ଟାୟାରରେ ବଣ୍ଟା ଯାଇଥିଲା। ଏଥିରେ ପୁଡୁଚେରୀର ସୋସିଆଲ ପ୍ରୋଗ୍ରେସ୍ ଇଣ୍ଡେକ୍ସ ସ୍କୋର ୬୮.୯୯ ଥିବା ବେଳେ ଏହା ପଛକୁ ଲକ୍ଷଦ୍ୱୀପ, ଗୋଆ ଓ ସିକ୍କିମ ଆଜି ରାଜ୍ୟ ଅଛନ୍ତି। ଇଏସି-ପିଏମର ଚେୟାରମ୍ୟାନ୍ ଭିବେକ ଦେବରାୟ ଏହି ରିପୋର୍ଟ ଜାରି କରିଛନ୍ତି। ଅଧିକାରୀଙ୍କ ବୟାନ ଅନୁସାରେ ଦୀର୍ଘାବଧିରେ ଶତତ ଆର୍ଥିକ ଅଭିବୃଦ୍ଧି ଲାଗି ଦେଶରେ ସାମାଜିକ ପ୍ରଗତି ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ଏହି ସୂଚକାଙ୍କ ଲାଗି ଯେଉଁ ୬ଟି ଟାୟାରରେ ରାଜ୍ୟମାନଙ୍କୁ ବିଭକ୍ତ କରାଯାଇଥିଲା ଏଥିରେ ଭେରି ହାଇ ସୋସିଆଲ ପ୍ରୋଗ୍ରେସ୍‌ରେ ପୁଡୁଚେରୀ ଓ କେରଳ ଥିବା ବେଳେ ହାଇ ସୋସିଆଲ ପ୍ରୋଗ୍ରେସ୍‌ରେ ଜାମ୍ମୁ-କାଶ୍ମୀରରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଅପର ମିଡିଲ ସୋସିଆଲ



ପ୍ରୋଗ୍ରେସ୍‌ରେ ଉତ୍ତରାଖଣ୍ଡ ଓ ମଣିପୁର, ଲୋଅର ମିଡିଲ ସୋସିଆଲ ପ୍ରୋଗ୍ରେସ୍‌ରେ ହରିୟାଣା ଓ ରାଜସ୍ଥାନ, ଲୋ ସୋସିଆଲ ପ୍ରୋଗ୍ରେସ୍‌ରେ ୟୁପି ଓ ମଧ୍ୟପ୍ରଦେଶ, ଭେରି ଲୋ ସୋସିଆଲ ପ୍ରୋଗ୍ରେସ୍‌ରେ ଆସାମ ଓ ଝାଡଖଣ୍ଡ ରାଜ୍ୟ ଅଛନ୍ତି। ସୂଚକାଙ୍କରେ ପୁଡୁଚେରୀର ସ୍କୋର ୬୫.୯୯ ଥିବା ବେଳେ ଲକ୍ଷଦ୍ୱୀପର ୬୫.୮୯, ଗୋଆ ୬୫.୫୩, ସିକ୍କିମ ୬୫.୧୦, ମିଜୋରାମ ୬୪.୧୯, ତାମିଲନାଡୁ ୬୩.୩୩, ହିମାଚଳ ପ୍ରଦେଶ ୬୩.୨୮, ଚଣ୍ଡିଗଡ ୬୨.୩୭, କେରଳ ୬୨.୦୫, ଜାମ୍ମୁ-କାଶ୍ମୀର ୬୦.୭୬, ପଞ୍ଜାବ ୬୦.୨୩, ଦାଦର ନଗର ହାବେଲୀ ଦାମନ ଓ ଡ୍ୟୁ ୫୯.୮୧, ଲଦାଖ ୫୯.୫୩, ନାଗାଲାଣ୍ଡ ୫୯.୨୪, ଆଣ୍ଡାମାନ ଓ ନିକୋବର ୫୮.୭୬, ଉତ୍ତରାଖଣ୍ଡ ୫୮.୨୬, କର୍ଣ୍ଣାଟକ ୫୬.୭୭, ଅରୁଣାଚଳ ପ୍ରଦେଶ ୫୬.୫୬, ଦିଲ୍ଲୀ ୫୬.୨୮, ମଣିପୁର ୫୬.୨୭, ହରିୟାଣା ୫୪.୧୫ ଗୁଜୁରାଟ ୫୩.୮୧, ଆନ୍ଧ୍ରପ୍ରଦେଶ ୫୩.୬୦, ମେଘାଳୟ ୫୩.୨୨, ପଶ୍ଚିମବଙ୍ଗ ୫୩.୧୩, ତେଲେଙ୍ଗାନା ୫୨.୧୧, ତ୍ରିପୁରା ୫୧.୭୦, ଛତିଶଗଡ ୫୧.୩୬, ମହାରାଷ୍ଟ୍ର ୫୦.୮୬, ରାଜସ୍ଥାନ ୫୦.୬୯, ଉତ୍ତରପ୍ରଦେଶ ୪୯.୧୬, ଓଡ଼ିଶା ୪୮.୧୯, ମଧ୍ୟପ୍ରଦେଶ ୪୮.୧୧, ଆସାମ ୪୪.୯୨, ବିହାର ୪୪.୪୭ ଓ ଝାଡଖଣ୍ଡ ସ୍କୋର ୪୩.୯୫ ରହିଛି।

# ଘରୋଇକରଣ ହେବ ଭୁବନେଶ୍ୱର ଏୟାରପୋର୍ଟ

**ଭୁବନେଶ୍ୱର :** ଖୁବଶୀଘ୍ର ଘରୋଇକରଣ ହେବ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର। ଭୁବନେଶ୍ୱର ସମେତ ଦେଶର ୨୫ଟି ପ୍ରମୁଖ ବିମାନବନ୍ଦରର ଘରୋଇକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ ଭୁବନେଶ୍ୱର ଏୟାରପୋର୍ଟ ସମେତ ମୋଟ ୨୫ଟି ଏୟାରପୋର୍ଟକୁ ଲିଜରେ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦୨୫ ସୁଦ୍ଧା ଏଗୁଡ଼ିକୁ ପରିଚାଳନା ପାଇଁ ପର୍ଯ୍ୟାୟକ୍ରମେ ଲିଜରେ ଘରୋଇ କମ୍ପାନିମାନଙ୍କୁ ଦିଆଯିବ। ସୋମବାର ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜେନେରାଲ୍ ଭି.କେ.ସିଂ କହିଛନ୍ତି ଯେ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ପରିଚାଳିତ ମୋଟ ୨୫ଟି ଏୟାରପୋର୍ଟକୁ ଲିଜରେ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।କେନ୍ଦ୍ର ସରକାରଙ୍କ ଜାତୀୟ ମନେଟାଇଜେସନ ପାଇପଲାଇନ (ଏନଏମପି) ଅନୁସାରେ ଏସବୁ ଏୟାରପୋର୍ଟ ଗୁଡ଼ିକୁ ଲିଜ ସୂତ୍ରରେ ଦିଆଯିବ। ଘରୋଇ କମ୍ପାନିମାନଙ୍କୁ ଲିଜ୍ରେ ଦିଆଯିବାକୁ ଥିବା ଏୟାରପୋର୍ଟ ଗୁଡିକ ମଧ୍ୟରେ ଭୁବନେଶ୍ୱର, ବାରାଣାସୀ, ଅମୃତସର, ତ୍ରିଚି, ଇନ୍ଦୋର, ରାୟପୁର, କାଲିକଟ, କୋଏମ୍ବାଟୁର, ନାଗପୁର, ପାଟନା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡା, ଭଦୋଦରା, ଭୋପାଳ, ତିରୁପତି, ହବଲି, ଇମ୍ଫାଲ, ରାଜତାଲ, ଉଦୟପୁର



ବିମାନବନ୍ଦର ରହିଛି। ଏହି ସବୁ ବିମାନମନ୍ଦରକୁ ୨୦୨୨ରୁ ୨୦୨୫ ମଧ୍ୟରେ ଲିଜ୍ ସୂତ୍ରରେ ଘରୋଇ କମ୍ପାନିମାନଙ୍କୁ ଦିଆଯିବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜେନେରାଲ୍ ଭି.କେ.ସିଂ ଆହୁରି ମଧ୍ୟ କହିଛନ୍ତି ଯେ ଏୟାରପୋର୍ଟଗୁଡ଼ିକୁ ଘରୋଇ କ୍ଷେତ୍ରର ନିବେଶ ଓ କାର୍ଯ୍ୟଦକ୍ଷତା ଆସିବା ପରେ ସେଗୁଡ଼ିକର ଉତ୍ତମ ପରିଚାଳନା ହୋଇପାରିବ। ପିପିପି ମୋଡରେ ଏୟାରପୋର୍ଟଗୁଡ଼ିକର ବିକାଶ ହେଲେ ତଦ୍ୱାରା ଯାତ୍ରୀ ଓ ରାଜ୍ୟ ସରକାରମାନେ ଉପକୃତ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ୮ଟି ଅନ୍ତର୍ଜାତୀୟ ଏୟାରପୋର୍ଟକୁ ଘରୋଇ କମ୍ପାନିମାନଙ୍କୁ ଲିଜ୍ ଦିଆଯାଇସାରିଛି । ସେଗୁଡ଼ିକ ହେଉଛି ଦିଲ୍ଲୀର ଇନ୍ଦିରାଗାନ୍ଧୀ ଏୟାରପୋର୍ଟ, ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଏୟାରପୋର୍ଟ, ଲକ୍ଷ୍ନୌର ଚୌଧୁରୀ ଚରଣ ସିଂ ଏୟାରପୋର୍ଟ, ଅହମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ଏୟାରପୋର୍ଟ, ମାଙ୍ଗାଲୁରୁ ଏୟାରପୋର୍ଟ, ଜୟପୁର ଏୟାରପୋର୍ଟ, ଲୋକପ୍ରିୟ ଗୁଆହାଟୀର ଗୋପୀନାଥ ବର୍ଦ୍ଦୋଲୋଇ ଏୟାରପୋର୍ଟ ଓ ତିରୁଅନନ୍ତପୁରମ ଏୟାରପୋର୍ଟ। ବେସରକାରୀ କ୍ଷେତ୍ରର ଦକ୍ଷତା ଏବଂ ବିନିଯୋଗକୁ ବ୍ୟବହାର କରି ସେମାନଙ୍କର ଉତ୍ତମ ପରିଚାଳନା ପାଇଁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ବିମାନବନ୍ଦରଗୁଡିକ ଜନସାଧାରଣଙ୍କ ସ୍ୱାର୍ଥରେ ଲିଜ୍ ଦିଆଯାଇଛି। ରାଜ୍ୟ ଏବଂ ଯାତ୍ରୀମାନେ ଉନ୍ନତ ବିମାନ ବନ୍ଦର ଭିତ୍ତିଭୂମି ଏବଂ ବେସରକାରୀ ସହଭାଗୀ ଦ୍ୱାରା ସୃଷ୍ଟି ହୋଇଥିବା ସୁବିଧାଗୁଡ଼ିକର ଲାଭ ପାଇପାରିବେ। ପିପିପି ମୋଡ୍ରେ ଲିଜ୍ ହୋଇଥିବା ବିମାନ ବନ୍ଦର ଗୁଡିକ ପରିଚାଳନା, ବିକାଶ ଭଲ ଭାବରେ ହୋଇପାରିବ। ଲିଜ୍ ହୋଇଥିବା ବିମାନବନ୍ଦରରୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆକୁ ପ୍ରାପ୍ତ ରାଜସ୍ୱରେ ଦେଶର ବିମାନବନ୍ଦର ଭିତ୍ତିଭୂମି ବିକାଶରେ ବ୍ୟବହୃତ ହେବ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜେନେରାଲ୍ ଭି.କେ.ସିଂ କହିଛନ୍ତି।

### ଅନ୍ୟ ରାଜ୍ୟକୁ ମିଳୁଛି ବିନା ସୁଧରେ ୫୦ ବର୍ଷିଆ ଋଣ

# କେନ୍ଦ୍ର ତାଲିକାରେ ନାହିଁ ଓଡ଼ିଶାର ନାଁ

**ଭୁବନେଶ୍ୱର:** ରାଜ୍ୟର ଦୀର୍ଘମିଆଦ ଆର୍ଥିକ ପ୍ରଗତି ଉଦ୍ଦେଶ୍ୟରେ ପୁଞ୍ଜିନିବେଶ ବାବଦକୁ କେନ୍ଦ୍ର ସରକାର ବିନା ସୁଧରେ ରାଜ୍ୟଗୁଡ଼ିକୁ ଋଣ ଯୋଗାଇ ଦେଇଥାଆନ୍ତି। ଯାହାଫଳରେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବା ସହ ସାମଗ୍ରିକ ପ୍ରଗତି ହୋଇପାରିବ। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ୫୦ ବର୍ଷ ପାଇଁ ରାଜ୍ୟଗୁଡ଼ିକୁ ବିନା ସୁଧରେ ଋଣ ଦେବା ପାଇଁ ୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମାତ୍ର କେନ୍ଦ୍ରୀୟ ସହାୟତା ମିଳିବାକୁ ଥିବା ରାଜ୍ୟର ତାଲିକାରେ ଓଡ଼ିଶା ସ୍ଥାନିତ ହୋଇନାହିଁ। କେନ୍ଦ୍ର ଅର୍ଥ ବିଭାଗର ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ଦେଶର ସବୁ ରାଜ୍ୟକୁ ଏହି କେନ୍ଦ୍ରୀୟ ସହାୟତା ମିଳିବାକୁ ଥିବା ବେଳେ ପୂର୍ବ ଉପକୂଳର ଓଡ଼ିଶା ଓ ପଶ୍ଚିମବଙ୍ଗ କେନ୍ଦ୍ର ସରକାରଙ୍କ ଅନୁମୋଦନରୁ ବଞ୍ଚିତ ହୋଇଛନ୍ତି। ଯାହାଫଳରେ ଏହି ଦୁଇ ରାଜ୍ୟକୁ ପୁଞ୍ଜିନିବେଶ ବାବଦକୁ କେନ୍ଦ୍ରୀୟ ସହାୟତା ମିଳିନାହିଁ। ଗତ ଡିସେମ୍ବର ୧୫ ସୁଦ୍ଧା ୭୬ ହଜାର ୯୭୧ କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ହୋଇସାରିଛି। ସେହିଭଳି ୪୦ ହଜାର ୯୭୯ କୋଟି ଟଙ୍କା ବିଭିନ୍ନ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ତେବେ କେନ୍ଦ୍ରର ଏହି ସ୍ୱତନ୍ତ୍ର ଅନୁଦାନ ଯୋଜନାରେ ରାଜ୍ୟକୁ ସାମିଲ ନକରି କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଥିବା ନିଜର ବୈମାତୃକ ମନୋଭାବକୁ ସ୍ପଷ୍ଟ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ଜନସଂଖ୍ୟା ଓ ଆର୍ଥିକ ପ୍ରଗତିକୁ ଧ୍ୟାନ ଦେଇ କେନ୍ଦ୍ର ସରକାର ଏହି ଯୋଜନା ଅଧିନରେ ରାଜ୍ୟକୁ ୫ ହଜାର ୫୪୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିପାରିବେ। ମାତ୍ର ଏହି ଯୋଜନାରେ ଚଳିତ ବର୍ଷ ଓଡ଼ିଶା ସାମିଲ ହୋଇପାରିନାହିଁ। ରାଜ୍ୟର ଆଦିବାସୀ ପ୍ରବଣ ଅଞ୍ଚଳରେ ଭିତ୍ତିଭୂମିକୁ ଦୃଢ଼ କରିବାକୁ ରାଜ୍ୟ ସରକାର ନାନାଦି ପଦକ୍ଷେପ ନେଉଛନ୍ତି। କେନ୍ଦ୍ର ସରକାର ଚାହିଁଥିଲେ ରାଜ୍ୟର ହାତମୁଠାକୁ ଟାଣ କରିବା ପାଇଁ ଆର୍ଥିକ ସହାୟତା ବାବଦକୁ ବିନା ସୁଧରେ ଋଣ ପ୍ରଦାନ କରିପାରିଥାଆନ୍ତେ। ମାତ୍ର କେନ୍ଦ୍ର ରାଜ୍ୟ ପ୍ରତି ନିଜର ଆକ୍ରୋଶ ଦେଖାଉଛି। ଏହି ଯୋଜନାରେ ଓଡ଼ିଶା ସାମିଲ ନହେବା କେନ୍ଦ୍ରର ରାଜ୍ୟ ବିରୋଧୀ ଆଭିମୁଖ୍ୟକୁ ପଦାରେ ପକାଇଛି। ଓଡ଼ିଶାକୁ ବାଦ ଦେଇ ଅଧିକାଂଶ ରାଜ୍ୟକୁ ଏହି କେନ୍ଦ୍ରୀୟ ସହାୟତା ମିଳିଛି। ଏପରିକି କିଛି ରାଜ୍ୟକୁ ଧାର୍ଯ୍ୟ ଋଣର ୭୫ ପ୍ରତିଶତରୁ ଅଧିକ ମିଳୁଛି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେବଳ ଉତ୍ତର ପ୍ରଦେଶକୁ ୧୫,୪୯୩ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ ୭ ହଜାର ୬୫୫ କୋଟି ଟଙ୍କା ପ୍ରଦାନ କରିସାରିଛନ୍ତି। ତେବେ ଉତ୍ତରପ୍ରଦେଶ ଏହି ଯୋଜନା ବାବଦକୁ ସର୍ବାଧିକ ଯେତିକି ଋଣ ନେବା କଥା ତାହାର ୮୮ ପ୍ରତିଶତ ଋଣକୁ ଅନୁମୋଦନ କରାଯାଇଛି। ସେହିଭଳି ବିହାରକୁ ସର୍ବାଧିକ ଧାର୍ଯ୍ୟ ଋଣର ୮୧ ପ୍ରତିଶତ, ମଧ୍ୟପ୍ରଦେଶକୁ ୭୭ ପ୍ରତିଶତ ଓ ରାଜସ୍ଥାନକୁ ୭୫ ପ୍ରତିଶତ ଋଣ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସବୁ ରାଜ୍ୟକୁ ୨ରୁ ୩ଟି ପର୍ଯ୍ୟାୟରେ ଅର୍ଥ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାର ପ୍ରତି ବର୍ଷ ବଜେଟ୍ରେ ରାଜ୍ୟର ଦୀର୍ଘମିଆଦି ଆର୍ଥିକ ପ୍ରଗତି ପାଇଁ ପୁଞ୍ଜିନିବେଶ ବାବଦକୁ ଏଭଳି ବିନା ସୁଧରେ ଋଣ ପ୍ରଦାନ କରିଥାଆନ୍ତି।

### ବିନାନୁମତିରେ ଅନୁପସ୍ଥିତ ରହିବା ପଡିଲା ମହଙ୍ଗା

# ୯୬ ପ୍ରାଥମିକ ଶିକ୍ଷକ ବହିଷ୍କୃତ

**ଭୁବନେଶ୍ୱର :** ରାଜ୍ୟରେ ଦୀର୍ଘଦିନ ଧରି ବିନାନୁମତିରେ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରାଥମିକ ସ୍କୁଲରେ କନିଷ୍ଠ ଶିକ୍ଷକ ବର୍ଗରେ କାର୍ଯ୍ୟ କରୁଥିବା ୯୬ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବିନାନୁମତିରେ ବହୁ ଶିକ୍ଷକ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଥିବା ଯୋଗୁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ୨୬ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ୧୫୪ଜଣ ପ୍ରାଥମିକ ଶିକ୍ଷକଙ୍କୁ ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଆଗାମୀ ଦିନରେ ଏହି ସମୀକ୍ଷା ପ୍ରକ୍ରିୟାକୁ ଅଧିକ




ତ୍ୱରାନ୍ୱିତ କରାଯିବା ସହ ଏଭଳି କାର୍ଯ୍ୟ କ୍ଷେତ୍ରରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ଉଚିତ୍ ଦଣ୍ଡବିଧାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୧୬ ଓ ୧୭ତାରିଖ ଦୁଇଦିନ ଧରି ସେଣ୍ଟ୍ରାଲ ଜୋନର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଦୀର୍ଘବର୍ଷ ଧରି ପ୍ରାୟ ୨୫୦ଜଣ ଶିକ୍ଷକ ବିନାନୁମତିରେ ଅନୁପସ୍ଥିତ ରହିଛନ୍ତି।

## ଜାନୁଆରୀ ୧୭ରୁ ବସ୍ ଧର୍ମଘଟ ଚେତାବନୀ

**ଭୁବନେଶ୍ୱର :** ଘରୋଇ ବସ୍ ମାଲିକ ସଂଘ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। ଆସନ୍ତା ଜାନୁଆରି ୧୬ ତାରିଖ ସୁଦ୍ଧା ୮ ଦଫା ଦାବି ପୂରଣ ନ ହେଲେ ୧୭ ତାରିଖ ଠାରୁ କୌଣସି ସ୍ଥାନକୁ ଘରୋଇ ବସ୍ ଚାଲିବ ନାହିଁ ବୋଲି କହିଛି। ଆଜି ଏନେଇ ଏକ ବୈଠକ ପରେ ଘରୋଇ ବସ୍ ମାଲିକ ସଂଘ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଘରୋଇ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ୮ ଦଫା ଦାବି ପୂରଣ ନେଇ ଆଜି ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ସବୁ ଘରୋଇ ବସ୍ର ମାଲିକମାନେ ଯୋଗଦେଇଥିଲେ। ବସ୍ ମାଲିକମାନେ ସରକାରଙ୍କ ସ୍କ୍ରାପ୍ ପଲିସିକୁ ବିରୋଧ କରିଥିଲେ। ରାଜ୍ୟ ଘରୋଇ ବସ ମାଲିକ ସଂଘ ଭିନ୍ନ ଭିନ୍ନ ୮ ଦଫା ଦାବି ନେଇ ଆସନ୍ତା ଜାନୁଆରି ୧୭ ତାରିଖରୁ ରାଜ୍ୟରେ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବ। ଏନେଇ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ବସ ମାଲିକ ସଂଘ ସାଧାରଣ ପରିଷଦ ବୈଠକ ରେ ନିଷ୍ପତ୍ତି ହୋଇଛି।

### ସାପ କାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା କମାଇବା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରଣନୀତି

# ସର୍ପାଘାତଙ୍କ ପାଇଁ ଗାଁରେ ରହିବ ଷ୍ଟ୍ରେଚର

**ଭୁବନେଶ୍ୱର :** ରାଜ୍ୟରେ ସାପ କାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଯାହା ରାଜ୍ୟ ସରକାରଙ୍କ ପାଇଁ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ସାପ କାମୁଡା ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି ସ୍ନେକ ଭେନମ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଲୋକଙ୍କ ଅବହେଳା ତଥା ଭୟ ଯୋଗୁ ସାପ କାମୁଡ଼ା ମୃତ୍ୟୁ ଅଧିକ ଘଟୁଛି। ବହୁ ସ୍ଥାନରେ ସାପ କାମୁଡିବା ପରେ ଲୋକମାନେ କେଳା, ଗୁଣିଆ ଓ ଠାକୁରଙ୍କ ଉପରେ ବିଶ୍ୱାସ କରି ମେଡିକାଲ ଆଣିବାରେ ଡେରି କରୁଛନ୍ତି। ଯାହା ଫଳରେ ସାପ କାମୁଡି ଥିବା ରୋଗୀଦେହରେ ବିଷ ଚରିଯାଉଛି ଏବଂ ରୋଗୀଟିର ଜୀବନ ଚାଲିଯାଇଛି। ରାଜ୍ୟରେ ବଢୁଥିବା ସାପ କାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା



କମାଇବା ପାଇଁ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର କିଛି ଅଞ୍ଚଳରେ ପାଇଲଟ ପ୍ରକଳ୍ପ ଆଧାରରେ ଏହି ରଣନୀତି ଆପଣାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରାଜ୍ୟବ୍ୟାପୀ ଲାଗୁ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ନୂଆ ରଣନୀତି ଅନୁସାରେ ଯେଉଁସ୍ଥାନ ମାନଙ୍କରେ ଅଧିକ ସର୍ପାଘାତ ହେଉଛି, ସେହି ଅଞ୍ଚଳମାନଙ୍କରେ ବିଷାକ୍ତ ସାପ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଗାଁ ଗାଁରେ ଲଗାଯିବ ସାପ ସମ୍ପର୍କିତ ସୂଚନା ପୋଷ୍ଟର। ଏଥି ସହିତ ସାପ କାମୁଡା ରୋଗୀଙ୍କୁ ବୋହିବାକୁ ପ୍ରତି ଗ୍ରାମରେ ରହିବ ହାଲୁକା ଷ୍ଟ୍ରେଚର। ସାପ କାମୁଡ଼ା ଲୋକ ଚଲା ବୁଲା କରିବା ଅନୁଚିତ। ସେମାନଙ୍କୁ ଷ୍ଟ୍ରେଚରରେ ଡାକ୍ତରଖାନା ପର୍ଯ୍ୟନ୍ତ ନିଆଯିବ। ଯାହା ଦ୍ୱାରା ରୋଗୀର ଶରୀରରେ ସାପର ବିଷ ଶିଘ୍ର ଚରିଯିବ ନାହିଁ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ଯେତିକି ସାପ କାମୁଡା ଘଟଣା ଘଟୁଛି, ସେଥିରୁ ୮୦% ଅଣବିଷଧର ସାପ କାମୁଡା। ଲୋକମାନେ ସାପ କାମୁଡିବା ମାତ୍ରେ ଭୟଭିତ ହୋଇଯାଉଛନ୍ତି। ଅଣବିଷଧର ସାପ କାମୁଡିବା ପରେ ବିଷ ଶରୀରକୁ ବ୍ୟାପି ନ ଥାଏ। ଏସବୁ କ୍ଷେତ୍ରରେ ସାପ କାମୁଡ଼ା ପରେ ଲୋକମାନେ ଛାନିଆରେ ମୃତ୍ୟୁ ବରଣ କରୁଛନ୍ତି। ବହୁଲୋକଙ୍କର ସାପ କାମୁଡିବା ପରେ ହୃଦଘାତ ହୋଇଯାଉଛି ଭୟରେ। ଏହି ସମସ୍ୟାର ସମାଧାନ ପାଇଁ ଗାଁରେ ପୋଷ୍ଟର ଲାଗିବ ଯାହା ଦ୍ୱାରା ଲୋକମାନେ ଜାଣିପାରିବେ କେଉଁଟା ବିଷାକ୍ତ ସାପ, କେଉଁଟା ନୁହେଁ। ଏଥି ସହିତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି କି ସାପକାମୁଡିବା ପରେ କେଳା, ଗୁଣିଆ ଓ ଠାକୁରଙ୍କ ଉପରେ ବିଶ୍ୱାସ ନକରି ଯଥାଶିଘ୍ର ନିକଟସ୍ଥ ମେଡିକାଲକୁ ଯାଆନ୍ତୁ। ରାଜ୍ୟ ସରକାର ସବୁ ମେଡିକାଲକୁ ଆଣ୍ଟି ସ୍ନେକ ଭେନମ୍ ଯୋଗାଉଛନ୍ତି।

### ଓଡ଼ିଶାରେ ହେବ 'ଏଡୁ ଇନ୍ଭେଷ୍ଟ' କନକ୍ଲେଭ

# ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ବିନିଯୋଗକୁ ଦିଆଯିବ ପ୍ରାଧାନ୍ୟ

**ଭୁବନେଶ୍ୱର :** ବିଶ୍ୱ ସ୍ତରୀୟ ଶିକ୍ଷା ଏବଂ ଗବେଷଣା ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ସ୍ଥାନ ଭାବେ ଗଢିତୋଳିବା ପାଇଁ ଏବଂ ରାଜ୍ୟର ଶିକ୍ଷା ରୂପାନ୍ତରଣରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ପାଇଁ ଆସନ୍ତାବର୍ଷ ଅନୁଷ୍ଠିତ ହେବ 'ଏଡୁ ଇନଭେଷ୍ଟ କନକ୍ଲେଭ୍'। ଶିଳ୍ପ ପରି ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ପାଇଁ ବି ହେବ କନକ୍ଲେଭ୍। ଆସନ୍ତା ବର୍ଷ ଡିସେମ୍ବର ୧ରୁ ୩ତାରିଖ ଯାଏଁ ଭୁବନେଶ୍ୱରରେ କନକ୍ଲେଭ୍ ଅନୁଷ୍ଠିତ ହେବ। ଏନେଇ ମୁଖ୍ୟ ଶାସନ ସଚିବ ସବୁ ବିଭାଗ ସହ ବୈଠକ କରି ତାରିଖ ସ୍ଥିର କରିଛନ୍ତି। ଏଥିରେ କନଫରେନ୍ସ, ଏଗଜିବିସନ୍ ଓ ଇଭେଣ୍ଟସ କର୍ଣ୍ଣର ବି ହେବ। ସେଥିରେ ପ୍ରାଥମିକ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଶିକ୍ଷା ସମ୍ପୃକ୍ତ ରହିବ। ପ୍ରଥମ ଥର ପାଇଁ ଏହି ଗ୍ଲୋବାଲ ଇଭେଣ୍ଟ ହେବ। ଶିକ୍ଷା ରୂପାନ୍ତରଣରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ଓଡ଼ିଶା। ରାଜ୍ୟର ଶୈକ୍ଷିକ ବାତାବରଣ ବଦଳିବ। ଶିଳ୍ପ ପରି ଶିକ୍ଷା କ୍ଷେତ୍ରରେ ମଧ୍ୟ ପୁଞ୍ଜି ନିବେଶ ହେବ। କନକ୍ଲେଭ୍ରେ ବିଭିନ୍ନ ରାଜ୍ୟ ଓ ଦେଶରୁ ଶିକ୍ଷା ସହ ଜଡ଼ିତ ଥିବା ବ୍ୟକ୍ତିବିଶେଷ କନକ୍ଲେଭରେ ସେମାନଙ୍କ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଓଡ଼ିଶାକୁ ଅବଗତ କରିବେ। ଏଥିସହ ଶିକ୍ଷା କ୍ଷେତ୍ରରେ ଏକ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ତଥା ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଶିଳ୍ପରେ କ୍ଷେତ୍ରରେ ମେକ୍ ଇନ୍ ଓଡ଼ିଶା ଦ୍ୱାରା ରାଜ୍ୟକୁ ବ୍ୟାପକ ପୁଞ୍ଜି ନିବେଶ ହୋଇଛି। ୧୦ଲକ୍ଷ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କାର ବିନିଯୋଗ ପରେ ଏଥର ଶିକ୍ଷାର ପାଳି। ଶିକ୍ଷା କ୍ଷେତ୍ରରେ ହବ୍ ପାଲଟିଥିବା ଓଡ଼ିଶାରେ ହେବ 'ଏଡୁ କନକ୍ଲେଭ'। ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିକୁ ପ୍ରୋତ୍ସାହନ ପାଇଁ ସରକାର ଏଡୁ ଇନଭେଷ୍ଟ କନକ୍ଲେଭ କରିବେ। ତେବେ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ ନେଇ ନିକଟରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ୨୦୨୩ ଡସେମ୍ବର ୧ରୁ ୩ ଯାଏଁ ଏଡୁ ଇନଭେଷ୍ଟ କନକ୍ଲେଭ କରିବାକୁ ତାରିଖ ଧାର୍ଯ୍ୟ ହୋଇଛି। ଏଥିରେ କନଫରେନ୍ସ, ପ୍ରଦର୍ଶନୀ ଓ ଇଭେଣ୍ଟସ କର୍ଣ୍ଣର କରାଯିବ। ଯେଉଁଥିରେ ପ୍ରାଥମିକ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଶିକ୍ଷା ଓ କୃଷି ଶିକ୍ଷା ସମ୍ପୃକ୍ତ ରହିବ। ଦେଶରେ ପ୍ରାୟ ପ୍ରଥମ ଥର ପାଇଁ ହେଉଥିବା ଏହି ଗ୍ଲୋବାଲ ଇଭେଣ୍ଟରେ ୫୦ ଦେଶର ଶିକ୍ଷା ମନ୍ତ୍ରୀ ଯୋଗ ଦେବେ। ସେମାନେ ନିଜ ଦେଶର ଶିକ୍ଷା ବ୍ୟବସ୍ଥା ସଂପର୍କରେ ଉଦ୍ବୋଧନ ଦେବେ। ଏପରିକି ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ବି ଯୋଗ ଦେଇ ଶିକ୍ଷା ବିକାଶର ପାଠ ପଢ଼ାଇବେ। ଓଡ଼ିଶାର '୫-ଟି' ହାଇସ୍କୁଲ ରୂପାନ୍ତରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୋ ସ୍କୁଲ, ମୋ କଲେଜ ଭଳି କାର୍ଯ୍ୟକ୍ରମର ପ୍ରଚାର ପ୍ରସାରକୁ ଏଥିରେ ଅଧିକ ଗୁରୁତ୍ୱ ଦିଆଯିବ। ବିଭିନ୍ନ ଅଞ୍ଚଳରୁ ଆସିବାକୁ ଥିବା ପ୍ରତିନିଧିମାନେ ଓଡ଼ିଶାର ଶିକ୍ଷା ରୂପାନ୍ତର ସମ୍ପର୍କରେ ଜାଣିବେ। ଏ ସମ୍ପର୍କରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ବର୍ଷ ଡିସେମ୍ବରରେ ଭୁବନେଶ୍ୱରରେ ଏଡୁ କନକ୍ଲେଭ୍ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ୧ ହଜାର କୋଟି ପୁଞ୍ଜି ନିବେଶର ଲକ୍ଷ୍ୟ ରାଜ୍ୟ ସରକାର ରଖିଛନ୍ତି। କନକ୍ଲେଭ ଦ୍ୱାରା ରାଜ୍ୟରେ ନୂଆ ଶିକ୍ଷାନୁଷ୍ଠାନ ଖୋଲିବାକୁ ଇଚ୍ଛୁକ ପୁଞ୍ଜିପତିମାନଙ୍କୁ ବି ଆମନ୍ତ୍ରଣ ଦିଆଯିବ। ସେମାନେ ନିଜ ପ୍ରକଳ୍ପ ଏଠାରେ ଉପସ୍ଥାପନ କରିବେ। ତେବେ ଆର୍ଥିକ ନିବେଶ ବ୍ୟତୀତ ଅଭିଭାବକ ଓ ଶିକ୍ଷକମାନଙ୍କ ସମୟ ଓ ଚିନ୍ତା ନିବେଶକୁ ବି ଫୋକସରେ ରଖାଯାଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଚିରାଚରିତ ପାଠ୍ୟକ୍ରମଠାରୁ ଊର୍ଦ୍ଧ୍ୱକୁ ଯାଇ ବ୍ଲକ ଚେନ୍ ଟେକନୋଲୋଜି, ଆର୍ଟିଫିସିଆଲ ଇଣ୍ଟେଲିଜେନସ୍ ଓ ରୋବୋଟିକ୍ସ ପରି ନୂଆ ପାଠ୍ୟକ୍ରମ ଯୋଗାଉଥିବା ବିଶ୍ୱବିଦ୍ୟାଳୟକୁ ଏଡୁ ଇନଭେଷ୍ଟ କନକ୍ଲେଭରେ ପ୍ରାଥମିକତା ଦିଆଯିବ। ବିଦେଶର ଶିକ୍ଷା ସମ୍ପର୍କିତ କମ୍ପାନୀଗୁଡ଼ିକୁ ମଧ୍ୟ ରାଜ୍ୟରେ ଅତ୍ୟାଧୁନିକ ତଥା ନୂତନ ବୈଷୟିକ ପାଠ୍ୟକ୍ରମ ପ୍ରଚଳନ ପାଇଁ ଆମନ୍ତ୍ରଣ କରାଯିବ। ରାଜ୍ୟରେ ଶିକ୍ଷା କରିଡ଼ର ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଶିକ୍ଷାକୁ ଗ୍ଲୋବାଲ ଷ୍ଟାଣ୍ଡାର୍ଡର କରିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

### ତଥ୍ୟ ଚାପିଛି କେନ୍ଦ୍ରୀୟ ଜଳ ଆୟୋଗ

# ଓଡ଼ିଶା ସ୍ୱାର୍ଥକୁ ଉପେକ୍ଷା

**ଭୁବନେଶ୍ୱର:** କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)ରେ ରାଜ୍ୟର ୧୨ଟି ଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅନୁମୋଦନ ଅପେକ୍ଷାରେ ରହିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରି ହେଲେ ଓଡ଼ିଶାର ଜଳସେଚନ ଓ କୃଷି କ୍ଷେତ୍ରର ବିକାଶରେ ଆଉ ଏକ ନୂଆଫର୍ଦ୍ଦ ଯୋଡ଼ି ହୋଇପାରିବ। କିନ୍ତୁ ସିଡବ୍ଲୁସିର ବୈମାତୃକ ମନୋଭାବ ରାଜ୍ୟକୁ ନିରାଶ କରିଛି। ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ଗୋଟିଏ ପରେ ଗୋଟିଏ ପ୍ରକଳ୍ପକୁ ଅନୁମତି ଦେଇଥିବା ବେଳେ ଓଡ଼ିଶାର ୧୨ଟି ଡ୍ୟାମ୍ ଓ ବ୍ୟାରେଜ ପ୍ରକଳ୍ପକୁ ଅନୁମତି ପାଇଁ ଦୀର୍ଘଦିନ ଧରି ଅଟକାଇ ରଖିଛି। ମାତ୍ର ସଂସଦରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଏନେଇ ବିସ୍ତୃତ ତଥ୍ୟ ଦେବାକୁ କୁଣ୍ଠିତ ହେଉଛନ୍ତି। ସିଡବ୍ଲୁସି ତଥ୍ୟ ଆଧାରରେ ବିଭାଗୀୟ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସଂସଦରେ ଯେଉଁ ଉତ୍ତର ରଖିଛନ୍ତି ତାହା ଓଡ଼ିଶାବାସୀଙ୍କୁ ଚକିତ କରିଛି। ରାଜ୍ୟରେ ମାତ୍ର ୨ଟି ବୃହତ୍ ଏବଂ ୪ଟି ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ସିଡବ୍ଲୁସିର ଅନୁମତି ପାଇଁ ବିଚାରଧୀନ ରହିଛି ବୋଲି ସେ ଉତ୍ତର ରଖିଛନ୍ତି। ମାତ୍ର ସିଡ୍ବ୍ଲୁସି ତଥ୍ୟ ଆଧାରରେ ମନ୍ତ୍ରୀ ରଖିଥିବା ଉତ୍ତର ତ୍ରୁଟିପୂର୍ଣ୍ଣ ବୋଲି ରାଜ୍ୟ ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ଗତ ୧୫ ତାରିଖରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ନବରଙ୍ଗପୁର ଜଳସେଚନ ପ୍ରକଳ୍ପ, ମଧ୍ୟ କୋଲାବ ବହୁମୁଖୀ ପ୍ରକଳ୍ପ ଏବଂ ମଧ୍ୟମ ଧରଣର ପ୍ରକଳ୍ପ ମଧ୍ୟରେ ଚାନ୍ଦିରୀନଳା ଜଳସେଚନ ପ୍ରକଳ୍ପ, ମାଙ୍କଡ଼ା ଜଳସେଚନ ପ୍ରକଳ୍ପ, ହିଡସିଂ ଜଳସେଚନ ପ୍ରକଳ୍ପ ଓ ପିପଲପଙ୍କ ଡ୍ୟାମ ପ୍ରକଳ୍ପ ଆଦି ସିଡ୍ବ୍ଲୁସି ଅନୁମୋଦନ ଅପେକ୍ଷାରେ ରହିଛି ବୋଲି କହିଥିଲେ। ତେବେ ?ରାଜ୍ୟ ଜଳସେଚନ ବିଭାଗ ସିଡବ୍ଲୁସିକୁ ସମ୍ପୂର୍ଣ୍ଣ ତଥ୍ୟ ବିସ୍ତୃତ ଭାବରେ ପ୍ରଦାନ କରିଥିଲେ ମଧ୍ୟ ମନ୍ତ୍ରୀଙ୍କୁ କେଉଁ ପରିସ୍ଥିତିରେ ଆୟୋଗ ପକ୍ଷରୁ ଏପରି ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ ତଥ୍ୟ ପରିବେଷଣ କରାଗଲା ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ରାଜ୍ୟ ଜଳସମ୍ପଦ ବିଭାଗର ତଥ୍ୟ ଅନୁଯାୟୀ ପ୍ରାୟ ୮ଟି ଡ୍ୟାମ ପ୍ରକଳ୍ପ ଯଥା ତେଲ-ସମନ୍ୱିତ, ଲକ୍ଷ୍ମୀପଥର, କଟାଙ୍ଗୀ, ତେଲିଜୋର, ଚନ୍ଦ୍ରିନଳା, ଅପର ବଂଶଧରା, ଲୋୟର ବଂଶଧରା ଏବଂ ନବରଙ୍ଗପୁର ଜଳସେଚନ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକୁ ବିଭିନ୍ନ କାରଣ ପାଇଁ ସିଡବ୍ଲୁସି ଅନୁମୋଦନ ଦେଉନାହିଁ। ସେହିପରି ଉପର ଉଦନ୍ତୀ, ଖଡଗ୍ପା, ଲୋୟର ଉଦନ୍ତୀ ଏବଂ ସତିଘାଟ ପରି ୪ଟି ବ୍ୟାରେଜ ପ୍ରକଳ୍ପକୁ ମଧ୍ୟ ଡିଡବ୍ଲୁସି ଅନୁମୋଦନ ପ୍ରଦାନ କରୁନାହିଁ। ଉପରୋକ୍ତ ୮ଟି ଡ୍ୟାମ ପ୍ରକଳ୍ପକୁ ଯଦି ସିଡବ୍ଲୁସି ଅନୁମତି ପ୍ରଦାନ କରିଥାନ୍ତା ତାହେଲେ ୧୫୦୫୫୬ ହେକ୍ଟର ଚାସଜମି ଜଳସେଚିତ ହୋଇପାରିଥାନ୍ତା। ସେହିପରି ୪ଟି ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ରାଜ୍ୟରେ ୪୬୩୭୫ ହେକ୍ଟର ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇପାରିଥାନ୍ତା। ମାତ୍ର ପ୍ରକଳ୍ପକୁ ସିଡବ୍ଲୁସି ଅନୁମତି ଦେବା ତ ଦୂରର କଥା ଓଡ଼ିଶାର ଉପରୋକ୍ତ ପ୍ରକଳ୍ପ ବିଚାରଧୀନ ଥିବା ନେଇ ସ୍ୱୀକାର ନକରିବା ବିଡ଼ମ୍ବନାର ବିଷୟ ହେବା ସହ କେନ୍ଦ୍ର ଅବହେଳାର ଆଉ ଏକ ନମୁନା ସାଜିଛି।

## ଆଦର୍ଶ ବିଦ୍ୟାଳୟରେ ଖାଲି ରହିବନି ଶିକ୍ଷକ ପଦ

# ଖୁବ୍ଶୀଘ୍ର ୧୧୭୮ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର:** ବିଭିନ୍ନ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ସମସ୍ତ ଶିକ୍ଷକ ପଦ ପୂରଣ ହେବ। ବିଭାଗରେ ଖାଲିଥିବା ୧୧୭୮ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଖୁବ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। 'ଏଡସିଲ୍ ଇଣ୍ଡିଆ' ଦ୍ୱାରା ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସରକାରୀ ସ୍ତରରେ ଏନେଇ ଅନୁମୋଦନ ମିଳିଥିବାବେଳେ ଚଳିତ ପର୍ଯ୍ୟାୟରେ ଖାଲିଥିବା ସମସ୍ତ ଶିକ୍ଷକ ପଦ ପୂରଣ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍) ପଦକ୍ଷେପ ଗ୍ରହଣ କରିଛି। ପଦ ସଂରକ୍ଷିତ ପାଇଁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସ୍ତରରେ ଅନୁମୋଦନ ମିଳିଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସଏସପିଡି)ର ଅନୁମତି ବାକି ରହିଛି। ୧୧୭୮ ପଦ ମଧ୍ୟରୁ ଶହେଟି ପଦ ଅଧ୍ୟକ୍ଷଙ୍କ ପାଇଁ ଥିବାବେଳେ ପିଜିଟି(ପୋଷ୍ଟ ଗ୍ରାଜୁଏଟ ଶିକ୍ଷକ) ବର୍ଗର୫୧ଟି ଇଂରାଜୀ ପଦ, ୬୨ଟି ଫିଜିକ୍ସ, ୪୧ଟି ବାୟୋଲଜି, ୨୫ଟି ବାଣିଜ୍ୟ, ୧୧ଟି ଅର୍ଥନୀତି ଏବଂ ୬୧ ଲେଖାଏଁ କେମେଷ୍ଟ୍ରି ଓ ଗଣିତ ଶିକ୍ଷକ ନିଯୁକ୍ତି ପାଇବେ। ସେହିପରି ଟିଜିଟି(ଟ୍ରେଣ୍ଡ୍ ଗ୍ରାଜୁଏଟ ଶିକ୍ଷକ) ବର୍ଗରେ ୧୬୩ଟି ଇଂରାଜୀ, ୩୩ଟି ବିଜ୍ଞାନ, ୧୦୮ଟି ଗଣିତ, ୮୧ଟି ସାମାଜିକ ବିଜ୍ଞାନ ଓ ଓଡ଼ିଆର ୮ଟି ଶିକ୍ଷକ ପଦ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ୨୦୫ଟି ପଦରେ କଳା ଶିକ୍ଷକ ନିଯୁକ୍ତି ପାଇବାକୁ ଥିବାବେଳେ ୭୯ ଜଣ କମ୍ପ୍ୟୁଟର ଶିକ୍ଷକ ଓ ୮୯ ଜଣ ଖେଳ ଶିକ୍ଷକ(ପିଇଟି) ନିଯୁକ୍ତି ପାଇବେ। ୧୧୭୮ଟି ପଦ ମଧ୍ୟରୁ ୪୯୯ଟି ପଦ ଅନୁସୂଚିତ ଜନଜାତି, ୨୧୧ଟି ଅନୁସୂଚିତ ଜାତି, ୧୦୪ଟି ଏସଇବିସି ଏବଂ ୩୬୪ଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଅନଲାଇନ ଯୋଗେ ଆବେଦନ ଓ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ନିଯୁକ୍ତି ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଓଏଭିଏସ୍ର ୱେବ୍ସାଇଟରେ ଉପଲବ୍ଧ ହେବ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ଡିସେମ୍ବର - ୦୧ ଜାନୁଆରୀ, ୨୦୨୩

# ଈଶ୍ୱର ଯାହା କରନ୍ତି



ସମ୍ପାଦକୀୟ
ତାରକ ମହାନ୍ତି

ମଣିଷ ନିଜର ଆକାଂକ୍ଷା ଉଚ୍ଚ କରିବାରେ ଯେମିତି ବାରଣ ନାହିଁ, ସେଭଳି ଈଶ୍ୱର କିପରି ଏହାର ହିସାବ କରନ୍ତି ତାହା ଆମ ଭାବନାର ବହୁ ଉର୍ଦ୍ଧ୍ୱରେ। ଯାହାକୁ ସାଧାରଣ ଭାବେ ବୁଝିବା ସହଜ ହୋଇନଥାଏ। ପ୍ରତ୍ୟେକ ମଣିଷ ଉଚ୍ଚାଭିଳାଷୀ।ହେଲେ ସମସ୍ତେ ଉଚ୍ଚତମ ସୋପାନକୁ ଛୁଇଁ ପାରିବେ ଏହାର ଗ୍ୟାରେଣ୍ଟି କାହା ନିକଟରେ ନାହିଁ। ଈଶ୍ୱରଙ୍କ ଇଚ୍ଛା ଅନୁସାରେ ସବୁ କାର୍ଯ୍ୟ ସମ୍ପନ୍ନ ହେଉଥିଲା ବେଳେ ମଣିଷ ନିଜର ଇଚ୍ଛା ପୂରଣ କରିଛି ଭାବି ଖୁସି ହୁଏ। କିନ୍ତୁ ବୁଝିପାରେନି ଏହି ଇଚ୍ଛା ପୂରଣ ପଛରେ ଯେ ଈଶ୍ୱରଙ୍କ ପ୍ରଚ୍ଛନ୍ନ ହାତ ରହିଛି। ନଚେତ ଯେଉଁ କାର୍ଯ୍ୟ ପାଇଁ ସେ ଗର୍ବ ଅନୁଭବ କରୁଛି ତାହା ଈଶ୍ୱରଙ୍କ ଇଚ୍ଛା ବିନା ଆଦୌ ସମ୍ଭବ ହୋଇନଥାନ୍ତା। ମଣିଷ କେବଳ କାର୍ତ୍ତବ୍ୟର ଅଧିନ ହୋଇ କାର୍ଯ୍ୟ କରେ। ଏଥିରେ ଭଲ କର୍ମ ଅନୁସାରେ ଭଲ ଫଳ ମିଳେ ତ ଖରାପ କର୍ମ ପାଇଁ ମଧ ଖରାପ ଫଳ ମିଳିଥାଏ। ହେଲେ ଏହି ପ୍ରକ୍ରିୟା କେବେ ଶୀଘ୍ର ତ କେବେ ବିଳମ୍ବରେ ହୋଇଥାଏ। ଅନେକ ଭାବନ୍ତି, ସେମାନେ ଯାହା ବି କରୁଛନ୍ତି ତାହା ତାଙ୍କ ଦ୍ୱାରା ନିୟନ୍ତ୍ରଣ ହେଉଛି। ବାସ୍ତବରେ ତାହା କିନ୍ତୁ ହୋଇନଥାଏ। ଏକ ଅଦୃଶ୍ୟ ଶକ୍ତି ସମସ୍ତଙ୍କୁ ନିୟନ୍ତ୍ରଣ କରୁଛି ବୋଲି ଭୁଲିଗଲେ ଚାଲିବନି। ଯାହା ଆଜି ଅନୁଭବ ହେଉନାହିଁ ତାହା ଅସନ୍ତାକାଲିର ଅନୁଭୂତି ହୋଇ ସାମ୍ନାକୁ ଆସିବ। ଅଲୌକିକ ଶକ୍ତିର ପରାକାଷ୍ଠା ଆଗରେ ମଣିଷ ନିଜର ଶକ୍ତି ତଉଲ କରିବା ଏକ ଧୃଷ୍ଟତା ମାତ୍ର। ଏମିତି ହୋଇଥିଲେ ଇଂଲଣ୍ଡରୁ ବାହାରି ଟାଇଟଟାନିକ ଜାହାଜ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିଥାନ୍ତା। ଉକ୍ତ ଜାହାଜ ସମ୍ପର୍କରେ ଏକ ଛୋଟ କଥା ଏଠାରେ ଉପସ୍ଥାପନକରୁଛି। ଟାଇଟାନିକ ଜାହାଜରେ ବସି ଯାତ୍ରା କରିବା କୌଣସି ବଡ଼ ସ୍ୱପ୍ନ ଠାରୁ କମ ନଥିଲା। ଏଥିରେ ଧନୀକ ଶ୍ରେଣୀ ଲୋକ ଅତ୍ୟନ୍ତ ଆଗ୍ରହ ଦେଖାଇଥିଲେ।ହେଲେ ଜଣେ କୃଷକ ନିଜ ପରିବାର ସହ ଉକ୍ତ ଜାହାଜରେ ଯାତ୍ରା କରିବାର ମନ ବଳାଇଲେ। ହେଲେ ନିଜ ନିକଟରେ ତାଙ୍କର ସେତିକି ସମ୍ବଳ ନଥିଲା। ତଥାପି ଆଶା ହରାଇନଥିବା କୃଷକ ଜଣକ ନିଜର ସବୁ ସମ୍ପତ୍ତିବାଡି ବିକ୍ରି କରି ଦୁଇ ପୁଅ ଓ ପତ୍ନୀଙ୍କୁ ନେଇ ଟାଇଟାନିକ ଜାହାଜରେ ଯିବା ନିମନ୍ତେ ଟିକଟ ଖର୍ଦ୍ଦି କରିଥିଲେ। ଯାତ୍ରା କରିବାର ସମୟ ଯେତେ ପାଖେଇ ଆସୁଥିଲା, କୃଷକ ଜଣଙ୍କ ମଧ୍ୟାରେ ସେତିକି ଉତ୍କଣ୍ଠା ବଢୁଥିଲା। କାରଣ ସେ କେବେ ବି ଭାବିନଥିଲେ ଏତେବଡ଼ ଜାହାଜରେ ବିଳସପୂର୍ଣ୍ଣ ଯାତ୍ରା କରିବା ତାଙ୍କ ପକ୍ଷରେ ସମ୍ଭବ ବୋଲି। ହେଲେ ଜୀବନରେ କିଛି ସୁଖଦ ଅନୁଭୂତି ପାଇଁ ନିଜର ସମସ୍ତ ଉଦ୍ୟମ ଜାରି ରଖିଥିଲେ। କିନ୍ତୁ ଜାହାଜରେ ଯାତ୍ରା କରିବାର ଦୁଇଦିନ ଆଗରୁ ଗୋଟିଏ ପୁଅକୁ କୁକୁର କାମୁଡି କ୍ଷତାକ୍ତ କରିପକାଇଲା। ବିଚରା କୃଷକ ଚିନ୍ତାରେ ପଡିଗଲେ, କିଭଳି ଜାହାଜରେ ଯାତ୍ରା କରିବେ। ପତ୍ନୀଙ୍କୁ ଏ ନେଇ ପରାମର୍ଶ ମାଗିଲେ। ପତ୍ନୀ କହିଲେ, ତୁମେ ତ ଏତେ ଟଙ୍କା ଦେଇ ଜାହାଜ ଯାତ୍ରାର ଟିକଟ କିଣିଛ। ତେଣୁ ଯେଉଁ ପୁଅକୁ କୁକୁର କାମୁଡିଛି ତାହାର ଚିକିତ୍ସା ଦାୟିତ୍ୱ ସିଏ ନେବେ ଏବଂ ଗୋଟିଏ ପୁଅକୁ ଧରି ସେ ଭ୍ରମଣରେ ଯାଆନ୍ତୁ। ସେହି ମୁହୂର୍ତ୍ତରେ ପତ୍ନୀଙ୍କ କଥାରେ କୃଷକ ଜଣଙ୍କ ସହମତି ପ୍ରକାଶ କରିଦେଲେ ହେଲେ ପରମୁହୂର୍ତ୍ତରେ ଭାବିଲେ ସମ୍ପୂର୍ଣ୍ଣ ପରିବାରକୁ ନନେଇ ସେ ଜାହାଜରେ ଯିବେ କିପରି! ଘରେ ପତ୍ନୀ ଓ ଚିକିତ୍ସାଧୀନ ପୁଅକୁ ଛାଡି ସେ କଣ ଯାଇପାରିବେ! ପରେ ତାଙ୍କ ଭିତରେ ଘୋର ପରିବର୍ତ୍ତନ ଦେଖାଦେଲା। ତାଙ୍କ ବିବେକ ତାଙ୍କୁ କହିଲା ଯେ, ସମ୍ପତ୍ତି ତ କେବେ ପରିବାର ଠାରୁ ଉର୍ଦ୍ଧ୍ୱରେ ନୁହେଁ। ତେଣୁ ଯାହା ଗଲାଣି ଯାଉ, ସେ ଆଉ ଜାହାଜରେ ଯିବେନି। ନିର୍ଦ୍ଦିଷ୍ଟ ସମୟରେ ଟାଇଟାନିକ ଏହାର ଯାତ୍ରା ଆରମ୍ଭ କରିଥିଲା। ସେଦିନ ସମୁଦ୍ର କୂଳରେ ବସି ଦୂରରୁ ଟାଇଟାନିକ ଜାହାଜ ଦେଖି ଅନେକ କଥା ଭାବିଦେଲେ କୃଷକ। ଅର୍ଥହାନୀ ଜନିତ ପୀଡା ମଧ ହୃଦୟକୁ ବ୍ୟଥିତ କରିଦେଉଥାଏ। ହେଲେ ସେ ସମୟରେ ଜାହାଜ ଟିକଟ କିଣିବା ପରେ ଆଉ ଫେରସ୍ତ କରିବାର ନିୟମ ନଥିଲା। ତେଣୁ ଅନନ୍ୟୋପାୟ କୃଷକ ଘରକୁଫେରି ମୁହଁ ଶୁଖାଇ ରାତିରେ ଶୋଇଗଲେ। ସକାଳୁ ଖବର ମିଳିଲା, ଟାଇଟାନିକ ସମୁଦ୍ର ମଧରେ ଏକ ବରଫ ଚଟାଣରେ ପିଟିହୋଇ ଭାଙ୍ଗିଯାଇଛି ଓ ଏଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ। ମୃତଭ୍ୟବରଣ କରିଛନ୍ତି। ଏତିକିରେ କୃଷକ ଜଣଙ୍କ ଆଖିରୁ ଲୋତକର ଧାର ବହିଚାଲିଲା ଏବଂ କହି ଉଠିଲେ ହେ ଈଶ୍ୱର, ମୋ ପ୍ରତି ଆପଣଙ୍କ ଏତେ କରୁଣା ଏବେ ବୁଝିଗଲି।

ତେଣୁ ଈଶ୍ୱର କାହାକୁ କିଭଳି ଭାବେ କରୁଣା କରନ୍ତି ତାହା ମଣିଷର ଚିନ୍ତନ ଭିତରେ ନଥାଏ। କାରଣ ମଣିଷ ଏଭଳି ଏକ ସ୍ୱାର୍ଥପର ଜୀବ, ଯିଏ ଅହରହ ନିଜର ଲାଭ ଆଶାରେ ଜାଲ ପକାଇଥାଏ। ସେ କେବେବୁଝେନି ଯେ, ଜାଲରେ ପଡୁଥିବା ବ୍ୟକ୍ତି ଜଣେ ଜଣେ ଜୀବ। ତାଙ୍କର ମଧ ବଞ୍ଚିବାର ଅଧିକାର ରହିଛି। ଅନ୍ୟର ବଞ୍ଚିବାର ଅଧିକାର ଉପରେ ହସ୍ତକ୍ଷେପ କରୁଥିବା ମଣିଷ ବୁଝିବା ଦରକାର ଯେ, ସିଏ ମଧ ଅନ୍ୟ ଦ୍ୱାରା ସଂସାରକୁ ପ୍ରେରିତ ହୋଇଅଛି। ତେଣୁ ସର୍ବଦା ସକାରାତ୍ମକ ଚିନ୍ତା ନେଇ କାର୍ଯ୍ୟ କରିବା ହେଉଛି ସ୍ୱଧର୍ମ। ତେଣୁ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନାହାଇ ବିଚାରବନ୍ତ ଭାବେ କାର୍ଯ୍ୟ କରିଚାଲିଲେ ପୂର୍ବ ନିର୍ଦ୍ଧାରିତ ଫଳ ହାସଲ କରିହେବ। ଯାହା ଦ୍ୱାରା ଈଶ୍ୱର ସନ୍ତୋଷ ପ୍ରକାଶ କରିବେ। ପ୍ରତି କଥାକୁ ବିଜ୍ଞାନ ସହିତ ଯୋଡି ଈଶ୍ୱରଙ୍କୁ ଅସ୍ୱୀକାର କରୁଥିବା ମଣିଷ ପ୍ରଥମେ ଭାବିବା ଉଚିତ ଯେ, ଆଜିର ବିଜ୍ଞାନ ମଧ ସେହି ଈଶ୍ୱରଙ୍କ ଆଶୀର୍ବାଦ। ଯେଉଁ ବିଜ୍ଞାନ ଜରିଆରେ ମଣିଷ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି ବା ମଙ୍ଗଳ ଗ୍ରହରେ ଘର କରିବାକୁ ଅଗ୍ରସର ହେଉଛି,ତାହା ମଧ ଈଶ୍ୱରଙ୍କ ଇଚ୍ଛା ବିନା ଅଧୁରା ରହିଯାଇପାରେ। କାରଣ ବ୍ରହ୍ମ ଯେବେ ଜୀବନ ହୁଏ ପରଂବ୍ରହ୍ମ ଏହାର ଶକ୍ତି। ତେଣୁ ଶକ୍ତି ବିନା ଜୀବ ନିରର୍ଥକ। ଚଳତମାନ ପ୍ରତ୍ୟେକ ଜୀବଙ୍କ ଭିତରେ ଈଶ୍ୱରଙ୍କ ସତ୍ତା ଲୁଚି ରହିଛି। ଏହାର ଉପଲବ୍ଧି ପାଇଁ ମଣିଷକୁ ସେଭଳି ନିର୍ବାଚିତ ମାର୍ଗରେ ଯିବାକୁ ପଡ଼ିବ। ଯେଉଁ ମାର୍ଗରେ ଗଲେ ଏହି ଉପଲବ୍ଧି ମିଳିପାରିବ ତାହା ତ୍ୟାଗ ଓ ତପସ୍ୟା। ହଜାର ହଜାର ବର୍ଷ ତଳେ ମୁନିଋଷି ମାନେ କଠୋର ତପସ୍ୟା ବଳରେ ଏହାକୁ ସମ୍ଭବ କରିପାରିଛନ୍ତି। ଭାରତୀୟ ସଂସ୍କୃତିର ମୂଳ ଆଧାର ହେଉଛି ଏହି ମାର୍ଗ। ଯେଉଁଥିରେ କୋଟି କୋଟି ଜୀବଙ୍କ ଜୀବନର ପ୍ରତ୍ୟେକ ଘଟଣା ନିହିତ ରହିଛି। ଆସ୍ତିକ ମାନେ ଯେଉଁ କଥାକୁ ଈଶ୍ୱରଙ୍କ ଆଶୀର୍ବାଦ ବା ଚମତ୍କାରିତା କୁହନ୍ତି,ନାସ୍ତିକ ଏହାକୁ ଅସ୍ୱୀକାର କରନ୍ତି। ଥରେ ଭାବି ଦେଖିଲେ, ଆପଣଙ୍କ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଏହାର ଅନୁଭବ ରହିଛି କି ନାହିଁ! ଈଶ୍ୱରଙ୍କୁ ସ୍ମରଣ କରିବାର, ପ୍ରାର୍ଥନା କରିବାର ରାସ୍ତା ସମସ୍ତଙ୍କ ପାଇଁ ସମାନ ହୋଇନପାରେ। କାରଣ ବିଶ୍ୱରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। ପୃଥିବୀରେ ବସବାସ କରୁଥିବା ସବୁ ମଣିଷଙ୍କର ପୂଜା ପଦ୍ଧତି ସମାନ ନୁହେଁ। ହେଲେ ମୂଳ କଥା ହେଉଛି, କିଏ କିଭଳି ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା। ତେଣୁ ଧର୍ମ ଅପେକ୍ଷା ଈଶ୍ୱରଙ୍କ ଉପଲବ୍ଧି ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ। ତେଣୁ ଈଶ୍ୱରଙ୍କ ବିନା କୌଣସି କାର୍ଯ୍ୟ ସମ୍ଭବପର ନୁହେଁ ବୋଲି ଆମକୁ ସ୍ୱୀକାର କରିବାକୁ ପଡିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧି ଶ୍ରମକୋର୍ଡ ବ୍ୟବସ୍ଥା



ଅସିତ ମହାନ୍ତି

ବିଗତ ଶତାବ୍ଦିର ନବେଦଶକର ପ୍ରାରମ୍ଭରେ ସମାଜବାଦୀ ସୋଭିଏତ୍ ୟୁନିୟନରେ ସମାଜବାଦର ବିପର୍ଯ୍ୟୟ ଓ ଏକଦା ଅତ୍ୟନ୍ତ ଶକ୍ତିଶାଳୀ ବିଶ୍ୱ ସମାଜବାଦୀ ଶିବିରର ଦୁଃଖଦ ବିଲୟ ଘଟିଥିଲା। ଏହାପରେ ଆମେରିକା ନେତୃତ୍ୱରେ ବିଶ୍ୱରେ ଜଗତିକରଣ, ଘରୋଇକରଣ, ଉଦାରିକରଣ ନୀତି ଲାଗୁ କରାଗଲା। ୧୯୯୧ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଦେଶରେ ଏହି ଆର୍ଥିକନୀତି ପ୍ରଚଳନ କଲେ। ଏହାଫଳରେ ସରକାର ପୂର୍ବରୁ ଯାହାବି ସାମାନ୍ୟ ଜନମଙ୍ଗଳକାରୀ ପଦକ୍ଷେପ ଗ୍ରହଣ କରୁଥିଲେ ସେଥିରୁ ପର୍ଯ୍ୟାୟକ୍ରମେ ଓହରିଗଲେ। ସରକାରୀ ଉଦ୍ୟୋଗ, ବ୍ୟାଙ୍କ, ବୀମା ଭଳି ବିତ୍ତିୟ ସଂସ୍ଥାର ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହେଲା। ରେଳ, ବିମାନସେବା ବନ୍ଦର, ପ୍ରତିରକ୍ଷା ଭଳି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହେଲା। ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆର୍ଥିକ ଦାୟିତ୍ୱରୁ ସରକାର ଓହରିଯାଇ ଏହି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶର କ୍ଷେତ୍ର ପ୍ରଶସ୍ତ କରିଦେଲେ। ସବୁକିଛିକୁ ବଜାର ହାତରେ ଛାଡିଦିଆଗଲା। ସେହି ଧାରାରେ ଶ୍ରମ କ୍ଷେତ୍ରରେ ସଂସ୍କାର ଆଳରେ ବର୍ତ୍ତମାନ କେନ୍ଦ୍ର ସରକାର ମାରାତ୍ମକ ପରିବର୍ତ୍ତନ ସଂଗଠିତ କରିଛନ୍ତି। ସୂଚନାଯୋଗ୍ୟ ବ୍ରିଟିଶ ଶାସନାଧିନ ଭାରତରେ ବହୁ ରକ୍ତକ୍ଷୟୀ ଲଢେଇକରି ଦେଶର ଶ୍ରମିକଶ୍ରେଣୀ ବହୁ ଅଧିକାର ହାସଲ କରିଥିଲା ଏବଂ ଏହାର ଫଳସ୍ୱରୂପ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷାପାଇଁ ଦେଶରେ ବହୁ ଶ୍ରମଆଇନ ପ୍ରଣୟନ ହୋଇଥିଲା। ସ୍ୱାଧୀନତା ଅର୍ଜନ ପରେ ମଧ ଏହି ଧାରା ଅବ୍ୟାହତ ରହିଥିଲା। ଏକଥା ସତ୍ୟଯେ ମାଲିକମାନେ ଅନେକ ସମୟରେ ଶ୍ରମିକ ଆନ୍ଦୋଳନର ଦୁର୍ବଳତା ଓ ଶ୍ରମିକମାନଙ୍କର ଅସଂଗଠିତ ଅବସ୍ଥାର ସୁଯୋଗନେଇ ଶ୍ରମିକମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଦାବିରୁ ବଂଚିତ କରୁଥିଲେ। ମାତ୍ର ଶ୍ରମିକମାନଙ୍କ ପାଇଁ ଆଇନଗତ ସୁରକ୍ଷା ରହିଥିଲା। ମାତ୍ର ଦେଶରେ ଜଗତିକରଣ ପ୍ରକ୍ରିୟାକୁ ଦ୍ରୁତ କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ର ବିଜେପି ସରକାର ୨୦୧୯ ମସିହାରୁ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି। ଇତିମଧ୍ୟରେ ପୂର୍ବରୁ କାର୍ଯ୍ୟକାରୀ ଥିବା ୪୪ଟି ଶ୍ରମ ଆଇନ ମଧ୍ୟରୁ ୨୯ଟି ଶ୍ରମ ଆଇନକୁ ଅକାମୀ କରିଦିଆଯାଇଛି ଏବଂ ଏହା ସ୍ଥାନରେ ୪ଟି ଶ୍ରମ କୋର୍ଡ ଲାଗୁ କରାଯାଇଛି। ବର୍ତ୍ତମାନ ଏହି ଶ୍ରମକୋର୍ଡ ଗୁଡିକହିଁ ପୂର୍ବରୁ କାର୍ଯ୍ୟକାରୀଥିବା ଶ୍ରମ ଆଇନ ପରିବର୍ତ୍ତେ ଶ୍ରମିକ ମାନଙ୍କର ଚାକିରି ସର୍ତ୍ତାବଳୀ ଓ ସୁରକ୍ଷା, ସାମାଜିକ ସୁରକ୍ଷା ଓ ଅବସରକାଳୀନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ନିର୍ଦ୍ଧାରଣ କରିବ। ଏହି ନିବନ୍ଧରେ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ଶ୍ରମକୋର୍ଡରେ ଥିବା କେତେକ ଅତ୍ୟନ୍ତ ମାରାତ୍ମକ ଶ୍ରମିକ ସ୍ୱାର୍ଥ ବିରୋଧି ବ୍ୟବସ୍ଥା ସଂପର୍କରେ ସୂଚନା ଦିଆଯାଇଛି। ୱେଜ୍ କୋର୍ଡ(ମଜୁରି କୋର୍ଡ)-୨୦୧୯ର ଧାରା ୯ରେ ଫ୍ଲୋର ୱେଜ୍ର କଥା କୁହାଯାଇଛି। ପ୍ରଚଳିତ ଶ୍ରମ ଆଇନ ଗୁଡିକରେ ଏହାର କୌଣସି ଉଲ୍ଲେଖ ନାହିଁ। ପ୍ରଚଳିତ ଶ୍ରମ ଆଇନରେ ତିନି ପ୍ରକାର ମଜୁରି ବିଷୟରେ କୁହାଯାଇଛି। ୧) ମିନିମମ୍ ୱେଜ(ସର୍ବନିମ୍ନ ମଜୁରି) : ଏହା ହେଉଛି ଜୀବନ ଧାରଣ ପାଇଁ ସର୍ବନିମ୍ନ ପାରିଶ୍ରମିକ ଯାହା ନହେଲେ ଶ୍ରମିକ ତାର ପରିବାର ଚଳାଇବାକୁ ଅକ୍ଷମ, ୨) ଫେୟାର ୱେଜ : କୌଣସି ପ୍ରକାର ପରିବାର ସହିତ ଜୀବନ ଧାରଣ କରିବା, ୩) ଲିଭିଙ୍ଗ ୱେଜ : ଏହି ମଜୁରି ଦ୍ୱାରା ତା'ର ଏବଂ ତା' ପରିବାର ପ୍ରୟୋଜନ ମେଣ୍ଟାଇବା ସମ୍ଭବ। ୧୯୪୮ ମସିହାରେ ଫେୟାର ୱେଜ କମିଟି ତା'ର ସୁପାରିଶରେ ନିର୍ଦ୍ଦିଷ୍ଟ ଭାବରେ କହିଥିଲା ଯେ ଲିଭିଙ୍ଗ ୱେଜ ସ୍ତରରେ ପହଞ୍ଚିବା ପାଇଁ ସରକାର ଧାରାବାହିକ ପ୍ରଚେଷ୍ଟା କରିବା ଦରକାର। କିନ୍ତୁ ଏ କ୍ଷେତ୍ରରେ ସରକାରଙ୍କର ନୀତି ବିପରୀତ ଦିଗେର ଯାଉଛି। ସର୍ବନିମ୍ନ ମଜୁରି ଆଇନ-୧୯୪୮ ଅନୁସାରେ ସମସ୍ତ ମାଲିକ ଏବଂ ନିଯୁକ୍ତିଦାତାମାନେ ଶିଳ୍ପର ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ଦେବାକୁ ବାଧ। ୧୯୫୭ ମସିହାରେ ନିଯୁକ୍ତିଦାତାମାନଙ୍କ ପାଇଁ ଏହି ଆଇନକୁ ବାଧ୍ୟତାମୂଳକ କରାଯାଇଥିଲା। ଏହି ଆଇନ ଉଲଘଂନ କଲେ ମାଲିକମାନେ ଦଣ୍ଡିତ ହେବେ। କିନ୍ତୁ ଏହା ସମସ୍ତଙ୍କୁ ଜଣା ଯେ ବହୁ ସଂଖ୍ୟାରେ ମାଲିକ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ଦେଉନାହାନ୍ତି। ଆଇନ ଅବମାନନା କରୁଥିବା ଅଳ୍ପ କେତେକ ମାଲିକମାନଙ୍କୁ ଆଇନ ଗତ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୋଇଛି। ଏହି ଶ୍ରମକୋର୍ଡରେ ଫୋର ୱେଜ୍ ସଂପର୍କିତ ନୂତନ ଆଇନ ମାଲିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନର ଆଇନଗତ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ପରିକଳ୍ପିତ। ସମ୍ପ୍ରତ କେନ୍ଦ୍ର ସରକାର ଶ୍ରମିକମାନଙ୍କର ଦୈନିକ ମଜୁରି ୧୭୮ ଟଙ୍କା ନିର୍ଦ୍ଧାରିତ କରିଛନ୍ତି। ବାସ୍ତବରେ ଅନ୍ୟ କିଛି ନୁହେଁ ଏହା ହେଉଛି ସରକାର ନିର୍ଦ୍ଧାରିତ କରିଥିବା ସର୍ବନିମ୍ନ ମଜୁରିଠାରୁ ବହୁତ କମ। ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ୨୦୧୭ ମସିହାରେ କେନ୍ଦ୍ର ସରକାର ଆବଶ୍ୟକୀୟ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବା ପାଇଁ ଅରୁପ ଶତପଥୀଙ୍କ ତଦାରଖରେ ଏକ ୭ ଜଣିଆ କମିଟି ଗଠନ କରିଥିଲେ। ଶ୍ରମିକମାନଙ୍କର ଦୈନିକ ପ୍ରୟୋଜନ ମୁତାବକ ସର୍ବନିମ୍ନ ମଜୁରି ୩୭୫ଟଙ୍କା ଏବଂ ମାସିକ ଘରଭଡା ୧୪୩୦ଟଙ୍କା ନିର୍ଦ୍ଧାରଣ କରିବା ପାଇଁ ଏହି କମିଟି ସରକାରଙ୍କୁ ସୁପାରିଶ କରିଥିଲା। ବିଜେପି ସରକାର କମିଟିର ସୁପାରିଶ କାର୍ଯ୍ୟକାରୀ କରି ନାହିଁ। ଏଥିରୁ ସ୍ପଷ୍ଟ ବୁଝାପଡେ ଯେ ସରକାର କାହିଁକି ଶ୍ରମକୋର୍ଡରେ ଫୋର ୱେଜ୍ର ଯୋଜନା ଆରମ୍ଭ କରିଛନ୍ତି। ଇଣ୍ଡଷ୍ଟ୍ରିଆଲ ରିଲେସନ କୋର୍ଡ-୨୦୨୦ ଏବଂ କୋର୍ଡ ଅନ ସୋସିଆଲ ସିକ୍ୟୁରିଟି-୨୦୨୦ ଆଇନର 'ଡେଫିନେସନ'ର ଚାପ୍ଟର-୧, କ୍ଲଜ୍-୧, କ୍ଲଜ-(୦)ରେ ଫିକ୍ସଡ ଟର୍ମ ଏମପ୍ଲଏମେଣ୍ଟ(ନିର୍ଦ୍ଦିଷ୍ଟ ସମୟ ପାଇଁ ନିଯୁକ୍ତି) ସଂପର୍କରେ ଉଲ୍ଲେଖ କରାଯାଇଛି। ଫିକ୍ସଡ ଟର୍ମ ଏମପ୍ଲଏମେଣ୍ଟ ନିୟମ ଅନୁସାରେ ଶ୍ରମିକ ଓ କର୍ମଚାରୀମାନେ ଲିଖିତ ଚୁକ୍ତିଭିତ୍ତିରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚାକିରିରେ ନିଯୁକ୍ତି ପାଇବେ। ଶ୍ରମ କୋର୍ଡ-୨୦୧୮ରେ ଏହା ଅର୍ନ୍ତଭୁକ୍ତ ହେବା ପୂର୍ବରୁ ଫିକ୍ସଡ୍ ଟର୍ମ ଏମପ୍ଲଏମେଣ୍ଟର ନିୟମ ପାର୍ଲିଆମେଣ୍ଟରେ ଅନୁମୋଦନ ଲାଭ କରି ସରକାରୀ ଗେଜେଟରେ ପ୍ରକାଶ ପାଇଥିଲା। ଚୁକ୍ତି ସମୟ ସମାପ୍ତି ହେବା ପରେ ଶ୍ରମିକମାନେ ପ୍ରଚଳିତ ଶ୍ରମ ଆଇନ୍ ଅନୁସାରେ ପାଉଥିବା ସମସ୍ତ ପ୍ରକାର ଅଧିକାର ଓ ସୁବିଧା ସୁଯୋଗ ପାଇବା ପାଇଁ ହକଦାର ହେବେ ନାହିଁ। ଏହି ପ୍ରକାର ଚାକିରିର କୌଣସି ସ୍ଥାୟିତ୍ୱ ପ୍ରଶ୍ନ ଉଠୁ ନାହିଁ। ଏହିଭଳି ଚାକିରିରେ ନିଯୁକ୍ତି ପାଇଥିବା ଶ୍ରମିକମାନଙ୍କର କୌଣସି ସୁରକ୍ଷା ରହିବ ନାହିଁ। ଚାକିରିର ନିର୍ଦ୍ଦିଷ୍ଟ ସମୟ ସମାପ୍ତି ପରେ ଶ୍ରମିକ କର୍ମଚାରୀମାନଙ୍କର ଅବସ୍ଥା କଣ ହେବ ଏବଂ ସେମାନେ କିଭଳି ଭାବରେ ପରିବାର ଚଳାଇବେ? ଉଦ୍ବେଗ ପୂର୍ଣ୍ଣ ଓ ଅସୁରକ୍ଷିତ ଜୀବନ ଯାପନ ମଧ୍ୟରେ ରହି ସେ ଶ୍ରମିକ ସଂଗଠନର କାର୍ଯ୍ୟକଳାପରୁ ନିଜକୁ ଦୂରେଇ ନେବ। ଆଇନର ସଜ୍ଞା ଅନୁଯାୟୀ ସେ ଆଉ ଶ୍ରମିକ କିମ୍ବା କର୍ମଚାରୀଭାବରେ ପରିଗଣିତ ହେବ ନାହିଁ। ନିଯୁକ୍ତିଦାତାମାନେ ସର୍ବଦା ଏହି ଧରଣର କର୍ମଚାରୀ ଓ ଶ୍ରମିକମାନଙ୍କୁ ଚାହାନ୍ତି। ଯଦ୍ୱାରା ସେମାନେ ଶ୍ରମିକମାନଙ୍କୁ ଶ୍ରମିକ ସଂଗଠନର ଆନ୍ଦୋଳନଠାରୁ ଦୂରେଇ ରଖିପାରିବେ ଏବଂଓଏହା ସଙ୍ଗେ ସଙ୍ଗେ ପ୍ରତିବାଦ କରିବା ଓ ମୂଳଚାଲ କରିବାର ଅଧିକାରରୁ ମଧ ବଂଚିତ କରିପାରିବେ। ଶ୍ରମିକ ସଂଗଠନର କାର୍ଯ୍ୟକଳାପଗୁଡିକୁ ବନ୍ଦ କରିଦେବା କ୍ଷେତ୍ରରେ ଏହି ନୂତନ ନିୟମ ମାଲିକମାନଙ୍କ ହାତରେ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହେବ। କ୍ରମବର୍ଦ୍ଧିଷ୍ଣୁ ବେକାରୀ ଓ ଦାରିଦ୍ର୍ୟ ମଧ୍ୟରେ ଖୁବ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ମଧ ଏହିଭଳି ଚାକିରି ଗ୍ରହଣ କରିବା ପାଇଁ ବାଧ ହେଉଛନ୍ତି। ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ଓ ସ୍ଥାୟୀ ଚାକିରି ଅତୀତର ସ୍ମୃତି ହୋଇଯିବ। ତେଣୁ ଶ୍ରମିକ ଓ କର୍ମଚାରୀମାନେ ପୁଞ୍ଜିପତିମାଲିକ, ନିଯୁକ୍ତିଦାତାମାନଙ୍କର ନିର୍ଦ୍ଦୟ ଶୋଷଣର ଶୀକାର ହେବେ ଏବଂ ମାଲିକମାନଙ୍କ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାର ଯେଉଁ ସାମାନ୍ୟ ସୁଯୋଗ ଆଇନରେ ଥିଲା ତାହା ସେମାନେ ହରାଇବେ। ଶ୍ରମିକମାନେ କୌଣସି ଷ୍ଟ୍ରାଇକ(ହରତାଲ)କୁ ଯିବାର ୧୪ଦିନ ପୂର୍ବରୁ ନୋଟିସ ଦେବାର ନିୟମ ଇଣ୍ଡଷ୍ଟ୍ରିୟାଲ ରିଲେସନ କୋର୍ଡ-୨୦୨୦, ସେକସନ-୬୧ରେ ଉଲ୍ଲେଖ କରାଯାଇଛି। ଏହା ଧାର୍ଯ୍ୟ ଅଗ୍ରିମ ନୋଟିସ ବିନା ଷ୍ଟ୍ରାଇକ କରିବା ବେଆଇନ। ଇଣ୍ଡଷ୍ଟ୍ରିଆଲ ଡିସପୁଟ ଆକ୍ଟ(ଶିଳ୍ପ ବିବାଦ ଆଇନ୍)-୧୯୪୭ ଅନୁସାରେ କେବଳ କିଛି ଅତ୍ୟାବଶ୍ୟକୀୟ ସେବା ବ୍ୟତୀତ ଅନ୍ୟକୌଣସି କ୍ଷେତ୍ରରେ ଏହି ନିୟମ ନାହିଁ। ପରିସ୍ଥିତି ସେ ଭଳି ଉପୁଜିଲେ ଅନ୍ୟ କ୍ଷେତ୍ରରେ ଶିଳ୍ପ ଶ୍ରମିକମାନେ ପ୍ରଚଳିତ ନିୟମ ଅନୁସାରେ ହରତାଳକୁ ଯାଇପାରିବେ। ସେମାନଙ୍କର ଆଇନଗତ ଅଧିକାର ଅଛି। ଶ୍ରମିକମାନଙ୍କର ହରତାଳ କରିବାର ମୌଳିକ ଅଧିକାରକୁ ଖର୍ବ କରିବା ପାଇଁ ଶ୍ରମକୋର୍ଡ ଏକ ସୁପରିକଳ୍ପିତ ଯୋଜନା। ବସ୍ତୁତଃ ହରତାଳ କରିବା ଅଧିକାରକୁ ଅକାର୍ଯ୍ୟକାରୀ କରି ଦିଆଯାଇଛି ଏବଂ ନୂତନ ଆଇନକୁ ଉଲଘଂନ କଲେ ଶ୍ରମିକମାନେ ଦଣ୍ଡିତ ହେବେ। ଏହା ଶେଷ କଥା ନୁହେଁ। ଯେତେବେଳେ କନସିଲିଏସନ୍ ଅଫିସରଙ୍କ ନିକଟରେ କୌଣସି କନସିଲିସନ୍ ପ୍ରକ୍ରିୟା ଚାଲୁ ରହିଥିବ ସେତେବେଳେ ଶ୍ରମିକମାନଙ୍କୁ ହରତାଳରେ ଯିବାକୁ ବାରଣ କରାଯିବ। ବାସ୍ତବରେ ଉଭୟ ନିଯୁକ୍ତିଦାତା ଓ ସରକାର କନସିଲିଏସନ୍ ସମୟକୁ ଦୀର୍ଘାୟିତ କରିବାପାଇଁ ଚେଷ୍ଟା କରିବେ। ଜଟିଳ ଆଇନ ଜାଲରେ ଶ୍ରମିକମାନଙ୍କୁ ଛନ୍ଦି ଦିଆଯାଇ ହରତାଳ ଘୋଷଣା କରିବାକୁ ବାରଣ କରାଯିବ। ସେଠାରେ ଅନ୍ୟ ଏକ ବାଧା ବି ଅଛି। ଯଦି କୌଣସି ଶିଳ୍ପ ପ୍ରତିଷ୍ଠାନରେ ଅଧାରୁ ଅଧିକ ଶ୍ରମିକ ଛୁଟିରେ ଯାଆନ୍ତି, ତେବେ ଏହାକୁ ମଧ ଷ୍ଟ୍ରାଇକ ବୋଲି ଧରାଯିବ। ଇଣ୍ଡଷ୍ଟ୍ରିଆଲ ରିଲେସନ କୋର୍ଡ-୨୦୨୦ର ଚାପ୍ଟର-୧୦, ସେକସନ-୭୭ରେ ଉଲ୍ଲେଖ କରାଯାଇଛି ଯେ ଯେଉଁ କାରଖାନା ୩୦୦ରୁ କମ୍ ଶ୍ରମିକମାନଙ୍କୁ ନିଯୁକ୍ତି ଦେଇଥିବେ ସେହି ସବୁ ଶିଳ୍ପ ସଂସ୍ଥାରେ ଅଫ୍, ଛଟେଇ ଓ ବନ୍ଦ ପାଇଁ ଉପଯୁକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଚଳିତ ଇଣ୍ଡଷ୍ଟ୍ରିଆଲ ଡିସପ୍ୟୁଟ ଆକ୍ଟ-୧୯୪୭ (ସେକସନ୍-୨୫) ଅନୁସାରେ ସେହି ସଂଖ୍ୟା ୧୦୦ କିମ୍ବା ଅଧିକ ନିର୍ଦ୍ଧାରିତ ହୋଇଥିଲା। ଆଇ.ଆର(ଇଣ୍ଡଷ୍ଟ୍ରିଆଲ ରିଲେସନ) କୋର୍ଡରେ ଶ୍ରମିକମାନଙ୍କ ସଂଖ୍ୟା ୧୦୦ ରୁ ୩୦୦କୁ ବୃଦ୍ଧି କରି ସରକାର ମାଲିକମାନଙ୍କୁ ଲେ ଅଫ୍ କିମ୍ବା ଛଟେଇ କରିବାର ଅବାଧ କ୍ଷମତା ଦେଇଛନ୍ତି। କଳକାରଖାନା ଓ ଶିଳ୍ପ କ୍ଷେତ୍ରରେ ୨୪ଭାଗ ଶ୍ରମିକ ଗୋଟିଏ ଧକ୍କାରେ ଆଇନ ଦ୍ୱାରା ପ୍ରଦତ୍ତ ଅଧିକାର ହରାଇବେ ଏବଂ ସେମାନଙ୍କର ସମସ୍ୟା ସମାଧାନ ପାଇଁ ଆଇନର ଆଶ୍ରୟ ନେଇ ପାରିବେ ନାହିଁ। କେବଳ ସେତିକି ନୁହେଁ ଇଣ୍ଡଷ୍ଟ୍ରିଆଲ ରିଲେସନ କୋଡର ଚାପ୍ଟର-୪ର ସେକସନ ୨୮(୧)ରେ ଉଲ୍ଲେଖ କରାଯାଇଛି ଯେ ଶିଳ୍ପ ସଂସ୍ଥାଗୁଡିକରେ ଯେଉଁଠି ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଅଛନ୍ତି ସେ କ୍ଷେତ୍ରରେ 'ଷ୍ଟାଣ୍ଡିଙ୍ଗ ଅର୍ଡର'ର ନିୟମ ଲାଗୁ ହେବ। କିନ୍ତୁ ଯେଉଁ ସବୁ ଶିଳ୍ପ ସଂସ୍ଥା ଗୁଡିକରେ ୩୦୦ରୁ କମ୍ ଶ୍ରମିକ ନିଯୁକ୍ତ ଅଛନ୍ତି, ସେଠାରେ 'ଷ୍ଟାଣ୍ଡିଙ୍ଗ ଅର୍ଡର' ପର୍ଯ୍ୟାପ୍ୟ ନୁହେଁ। ବର୍ତ୍ତମାନ ପର୍ଯ୍ୟନ୍ତ ବି ଶିଳ୍ପ ଶ୍ରମିକମାନଙ୍କର ମଜୁରି ନିର୍ଦ୍ଧାରଣ ଏବଂ ଚାକିରିର ସର୍ତ୍ତାବଳୀ ସ୍ଥିର କରିବା କ୍ଷେତ୍ରରେ ଶ୍ରମିକମାନଙ୍କର ମତାମତ ଓ ଦ୍ୱିପାକ୍ଷିକ-ତ୍ରିପାକ୍ଷିକ ଚୁକ୍ତି ମଧ୍ୟରେ ସ୍ଥିର କରାଯାଉଛି। ବିଶେଷ ଶିଳ୍ପ ସଂସ୍ଥାର ସ୍ଥିତି ଅନୁଯାୟୀ 'ଷ୍ଟାଣ୍ଡିଙ୍ଗ ଅର୍ଡର' ନିର୍ଦ୍ଧାରିତ ହୁଏ ଓ କାର୍ଯ୍ୟକାରୀ ହୁଏ। ଶ୍ରମ କୋଡ ଅନୁଯାୟୀ ଶ୍ରମିକମାନଙ୍କ ସଂଖ୍ୟା ୩୦୦ କିମ୍ବା ଅଧିକକୁ ବୃଦ୍ଧି କରିବା ଫଳରେ ୭୪ ପ୍ରତିଶତ ଶ୍ରମିକ ମଜୁରି ନିର୍ଦ୍ଧାରଣ ଏବଂ ଚାକିରିର ସର୍ତ୍ତାବଳୀ ନିର୍ଦ୍ଧାରଣ କ୍ଷେତ୍ରରେ ସେମାନଙ୍କର ମତାମତ ଉପସ୍ଥାପନ କରିବାର ଅଧିକାରରୁ ବଞ୍ଚିତ ହେବେ। ବସ୍ତୁତଃ ଏହା ସ୍ୱତନ୍ତ୍ର ଭାବେ ନିଯୁକ୍ତିଦାତାଙ୍କ ଅଧିକାରକୁ ସୁରକ୍ଷିତ କରିବ। ବର୍ତ୍ତମାନ ଆଧୁନିକକରଣ ନାମରେ ବ୍ୟାପକ ଯାନ୍ତ୍ରିକରଣ ଚାଲିଛି। ଶ୍ରମିକମାନଙ୍କୁ ଶାରୀରିକ ଶ୍ରମରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଯାନ୍ତ୍ରିକରଣ କରାଯାଉ ନାହିଁ ବରଂ ଶ୍ରମିକମାନଙ୍କୁ ଛଟେଇ କରିବା କ୍ଷେତ୍ରରେ ଏକ ବାହାନା ଭାବରେ ବ୍ୟବହୃତ ହେଉଛି। କାରିଗରି ବିକାଶ ମାନବ ସମ୍ବଳକୁ କର୍ମଚ୍ୟୁତ କରୁଛି। ଏହି କାରଣରୁ ୭୪ଭାଗ ଶିଳ୍ପ ସଂସ୍ଥା ଏବଂ କଳକାରଖାନା ୧୦୦ରୁ କମ୍ ଲୋକଙ୍କୁ ନେଇ ଚାଲୁଛି। ଏହି ପ୍ରକ୍ରିୟା ଚାଲୁ ରହିଲେ ନିକଟ ଭବିଷ୍ୟତରେ ଶ୍ରମିକମାନଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବ। ୧୦୦ରୁ କମ ଶ୍ରମିକଙ୍କୁ ଦେଉଥିବା ଶିଳ୍ପସଂସ୍ଥାଗୁଡିକୁ ଆଇନର ପରିସର ଭୁକ୍ତକରିବା ଆବଶ୍ୟକ। ଯାହାଦ୍ୱାରା ସର୍ବାଧିକ ସଂଖ୍ୟାରେ ଶ୍ରମିକ ଶ୍ରମ ଆଇନ ବଳରେ ସେମାନଙ୍କର ଅଧିକାର ଓ ସୁବିଧା ସୁଯୋଗର ହକଦାର ହୋଇ ପାରିବେ। ଏହା କରିବା ପରିବର୍ତ୍ତେ ଶ୍ରମିକ ସ୍ୱାର୍ଥ ବିରୁଦ୍ଧରେ ଏବଂ ଯେଉଁ ଶିଳ୍ପଗୁଡିକ ଆଧୁନିକୀକରଣ କରି ଏବଂ ଯେତେ ଅଧିକ ସମ୍ଭବ ଶ୍ରମିକମାନଙ୍କୁ ଛଟେଇ କରି ସର୍ବୋଚ୍ଚ ଲାଭ କରିବାକୁ ଚାହୁଁଛନ୍ତି, ସେହି ମାଲିକମାନଙ୍କ ସ୍ୱାର୍ଥରେ ସରକାର କାମ କରୁଛନ୍ତି। ଏପ୍ରକାର ଜଘନ୍ୟ ପଦକ୍ଷେପ ଗଣତନ୍ତ୍ର ବିରୋଧୀ, କାରଣ ଏହା ଶ୍ରମିକ ମାନଙ୍କର ଅଧିକାରକୁ ଛଡାଇ ନେଇଛି।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

# ଜବଦରଦଖଲକାରୀ ବସ୍ତି ଭଙ୍ଗାର ବିଚିତ୍ର ନୀତି

ଦେବପ୍ରସାଦ ମିଶ୍ର

କଟକ ଜିଲ୍ଲାରେ ୪୪୬ ଏକର ୫୧୪ ଡିସିମିଲି ବହୁମୂଲ୍ୟ ସରକାରୀ ଜମି ଜବରଦଖଲକାରୀଙ୍କ କବଜାରେ। ୨୦୨୧ ସେପ୍ଟେମ୍ବର ପହିଲାରୁ ୨୦୨୨ ନଭେମ୍ବର ମଧ୍ୟରେ ଜବରଦଖଲକାରୀ ଜମି ଦଲାଲମାନେ ପ୍ରତିବର୍ଷ ଜିଲ୍ଲାରେ ୬୦୦ ଏକରରୁ ଅଧିକ ଜମି କବଜାକୁ ନେଇଛନ୍ତି। ଯାହାପାଇଁ ୧୦୭୩ଟି ଜବର ଦଖଲ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ଆଠଗଡ଼ ତହସିଲ ଅନ୍ତର୍ଗତରେ ରହିଛି ୬୮ ଏକର ୫୦୦ ଡିସିମିଲ ମୂଲ୍ୟବାନ ଜମି। ଉଦବେଗର ପ୍ରସଙ୍ଗ ହେଉଛି ଇତିମଧ୍ୟରେ ଧବଳେଶ୍ୱରଗଡ଼ା ବସ୍ତୀ ଭଙ୍ଗା ଏହି ଲେଖାଟି ପ୍ରସ୍ତୁତ ହେଲାବେଳକୁ ଦୁଇଦିନ ହେଲା ଆରମ୍ଭ ହୋଇଛି। ଇତିମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଘର ଭଙ୍ଗା ଯାଇଥିବାର ସରକାରୀ ପକ୍ଷ ଦାବୀ କରୁଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଧବଳେଶ୍ୱର ଗଡ଼ାର ଭୟଙ୍କର ଅସାମାଜିକ ଚେହେରା ଭାବେ କୁଖ୍ୟାତ ଜମି ମାଫିଆ, ସ୍ଥାନୀୟ ଅଞ୍ଚଳର ତ୍ରିମୁଖୀ ଡନ ଭାବେ ପରିଚିତ ମମତା ନାୟକ, ନୟନା ନାୟକ, ଧୁସା ନାୟକ ନିଜେ ହିଁ ଯେଉଁ ମାନଙ୍କୁ ସରକାରୀ ଜମି ବିକ୍ରି କରିଛନ୍ତି ସେହି ମାନଙ୍କ ଠାରୁ ସର୍ବସମ୍ମୁଖରେ ଚାନ୍ଦା ଆଦାୟ କରି ସିଏମସିର ଡେପୁଟି କମିଶନର ଅଜୟ ମହାନ୍ତି, ବସ୍ତୀ ଉନ୍ନୟନ ଅଧିକାରୀ ଡି.ଶ୍ୱେତାପଦ୍ମା ଶତପଥି, ସିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରଞ୍ଜିତ ସାହୁଙ୍କୁ ଦେଉଛନ୍ତି। ସରକାରୀ ଅଫିସରମାନେ ଜବରଦଖଲ ଭଙ୍ଗା ଅଭିଯାନରେ ଏହି ତିନୋଟି ଜମି ଦଲାଲ ଯେଉଁ ମାନଙ୍କୁ ଘରକୁ ଚିହ୍ନଟ କରୁଛନ୍ତି ସେହିମାନଙ୍କୁ ଘରକୁ ହିଁ ବଛା ଯାଇ ଭଙ୍ଗା ଯାଉଛି। ଯେଉଁମାନେ ଏହି ସରକାରୀ ବାବୁ ମାନଙ୍କୁ ଅର୍ଥ ଦେଇ ହାତକୁ ଆଣୁଛନ୍ତି ସେମାନଙ୍କ ଘର ଭଙ୍ଗାରୁ ବର୍ତ୍ତି ଯାଉଛି। ଏ ନେଇ ସିବିଆଇ, ରାଜ୍ୟ ଭିଜିଲାନ୍ସ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ୫ଟି ସଚିବ, ଆରଡିସି ଓ ଜିଲ୍ଲାପାଳଙ୍କୁ ପୂର୍ବରୁ ବିଧିବଦ୍ଧ ଅଭିଯୋଗ କରାଯାଇଛି। ଉପରୋକ୍ତ ତିନିଜଣ ସରକାରୀ କର୍ମଚାରୀ କଟକ ସିଏମସିର ଡେପୁଟି କମିଶନର ଅଜୟ ମହାନ୍ତିଙ୍କୁ ଦିନ ତମାମ ଚା'ଜଳଖିଆ, ଲଞ୍ଚ, ଟିଫିନ ବିରିଆନୀ ଓ ସୁରାପାନର ସମସ୍ତ ଯୋଗାଣ କରି ସେମାନଙ୍କୁ ହାତ ବାରିଶୀ କରିଛନ୍ତି। ଜଣ ଜଣଙ୍କ ଠାରୁ ଅଗ୍ରୀମ କିଛି ଅର୍ଥ ଆଦାୟ କରି ତାଙ୍କ ଘର ଦିନେ ପାଇଁ ବା ଦୁଇ ଦିନ ପାଇଁ ମହଲତ ଦେଉଛନ୍ତି। ସେତିକି ସମୟରେ ସେମାନେ ଅର୍ଥ ଦେଲେ ସେମାନଙ୍କ ଭଙ୍ଗା କାର୍ଯ୍ୟକୁ ସାମୁହିକ ଭାବେ ରୋକା ଯାଉଛି। ସେହି ବସ୍ତୀରେ ସିଲୁ ଜେନା ନାମକ ଟ୍ରାଫିକ ପୋଲିସ କର୍ମଚାରୀ ରହୁଛନ୍ତି। ତାଙ୍କ ଘରକୁ ସାମାନ୍ୟ ଛୁଇଁ ଦେଇ ପ୍ରଶାସନ ନିଜ ଭାଇ ବନ୍ଧୁଙ୍କୁ ସୁରକ୍ଷା ଦେଇଦେଲା କିନ୍ତୁ ତାଙ୍କ ଘରକୁ ଲାଗିଥିବା ଲୋକଟିର ଘରକୁ ଭାଙ୍ଗି ଦିଆଗଲା। ତାହାହେଲେ ନିୟମଟି କିପରି ଦୁଇ ପ୍ରକାରର ଏବଂ ବାସ୍ତବରେ ଆଇନ କେଉଁ ବାଟରେ ଯାଉଛି। ସରକାରଙ୍କ ନିୟମ ରହିଛି ଯେଉଁମାନେ ଜବରଦଖଲ କରିଛନ୍ତି ଓ ପୁରୁଣା ତାଲିକାରେ ନାହାଁନ୍ତି ସେ ସମସ୍ତଙ୍କ ଘର ଭଙ୍ଗା ଯିବ। କିନ୍ତୁ କେଉଁଠି ଜଣଙ୍କର ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର କରିଦିଆଯାଉଛି ଆଉ କେଉଁଠି ଛୁଇଁ ଦେଇ ଭାଙ୍ଗିବାର ସୋ ବାଜି କରାଯାଉଛି ଆଉ କାହାଙ୍କର ଅଧା ଭାଙ୍ଗି ବା ପାଚେରୀ ଭାଙ୍ଗି ଛାଡ଼ି ଦିଆଯାଉଛି। ଉଦବେଗର ପ୍ରସଙ୍ଗ ହେଉଛି ଏଠାରେ ଯେଉଁମାନେ ବସ୍ତୀ ନେତା ଭାବେ ପରିଚିତ ସେମାନଙ୍କ ଅସଲ ଚେହେରା ଯେ ଜମି ଜବରଦଖଲକାରୀ ଓ ଜମି ମାଫିଆ ତାହାକୁ ପ୍ରଶାସନ ଜାଣୁଥିଲେ ବି ମିଳି ଭଗତ ନ୍ୟାୟରେ ସେହି ମାନଙ୍କ ଠାରୁ ପଇସା ନେଇ ସେମାନେ ଯାହାଙ୍କୁ ଜମି ବିକିଛନ୍ତି ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ସେହିପରି ଏହି ବସ୍ତୀରେ ଜବରଦଖଲକରି କିଛି ଲୋକ ରହୁଛନ୍ତି ଯେଉଁମାନେ ପୂର୍ବରୁ ସରକାରଙ୍କର ଥଇଥାନ ସହାୟତା ପାଇ ନୂଆପଡ଼ା ବାଲି ସାହିରେ ଜମି ଓ ଅର୍ଥ ବି ପାଇଛନ୍ତି। ସେମାନେ ଧବଳେଶ୍ୱରଗଡ଼ାରେ ରାସ୍ତା ରୋକ କଲାବେଳେ ସିଡିଏ ଅଧିକାରୀ ରଞ୍ଜିତ ସାହୁ ଧରିଥିଲେ। ତେବେ ପଇସାପତ୍ର ଦେଣନେଣରେ ସବୁ ଚପି ଯାଉଛି। ସେପଟେ ମହାନଦୀ କଡ଼କୁ ଲାଗି ଏକ ବଡ଼ ଜାଗା ଜବରଦଖଲ ହୋଇ ଏକ ମଠ ତୋଳା ଯାଇଛି। ମାନସ ବାବା ନାମକ ଜଣେ ଯୁବକ ମଠର ମହନ୍ତ ବୋଲାଇ କଟକ ଜିଲ୍ଲାପାଳଙ୍କୁ ଧରି ବେଶ ଆଡ୍ଡା ଜମାଇଛନ୍ତି ଓ କିଛି ସରକାରୀ ଜମି ବି ବିକ୍ରି କରି ଅର୍ଥ ଆତ୍ମସାଥ କରିଛନ୍ତି।

ଓଡ଼ିଶା ସରକାରଙ୍କ ଜାଗା ମିଶନ କାର୍ଯ୍ୟକ୍ରମ ଏକ ପ୍ରଶଂସା ଯୋଗ୍ୟ ଓ ଭୂସଂସ୍କାର କାର୍ଯ୍ୟକ୍ରମ ଏଥିରେ ଭୂମିହୀନମାନେ ନିଜେ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଖଣ୍ଡେ ଜାଗା ପାଇବାକୁ ସମର୍ଥ ହେଉଛନ୍ତି। କିନ୍ତୁ ଦୁର୍ଭାଗ୍ୟର ପ୍ରସଙ୍ଗ ଜମି ମାଫିଆମାନେ ନିଜ ଅସାମାଜିକ ଚେହେରାକୁ ସାବ୍ୟସ୍ତ କରି ନିରୀହ ଗରିବ ଲୋକଙ୍କ ଠାରୁ ଅର୍ଥ ଆଦାୟକରି ସରକାରଙ୍କ ପ୍ରଶାସନକୁ ହାତ ମୁଠାରେ ରଖିବା ସହ ଦିନ ଦିପ୍ରହରରେ କୋଟି କୋଟି ଟଙ୍କାର ସରକାରଙ୍କ ଜମି ବିକ୍ରି କରିଦେଉଛନ୍ତି। ଟଙ୍କା ଦେଲେ ଜମି ତ ମିଳିବ କିନ୍ତୁ ଜବରଦଖଲ ଭଙ୍ଗା ଅଭିଯାନ ବେଳେ ଟଙ୍କା ଆଦାୟ କରି ସରକାରୀ ଚିହ୍ନଟ ହୋଇଥିବା ଘରକୁ ବି ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ଟିମ ଭାଙ୍ଗୁନାହାଁନ୍ତି। ଯେଉଁଠି କୁଖ୍ୟାତ ଜମି ମାଫିଆ, ଦଲାଲ, ଅସାମାଜିକ ଚେହେରା ଓ ସରକାରଙ୍କ ପ୍ରଶାସନର ମଧୁଚନ୍ଦ୍ରିକା ସମ୍ପର୍କ ରହିବ ସେଠାରେ ସରକାରଙ୍କ ଜାଗା ମିଶନ ଚାନ୍ଦା ଜମି ବିକ୍ରି ମିଶନ ଭାବେ ପରିଚିତ ହେବ। ଧବଳେଶ୍ୱରଗଡ଼ାରେ ଯେଉଁପରି ମନମାନି ଓ ଟଙ୍କା ଆଦାୟ କରି ଭଙ୍ଗାଯୋଗ୍ୟ ଘରକୁ ଭଙ୍ଗା ଯାଉନାହିଁ ଏହାର ପରିଣତି ସ୍ୱରୂପ ସେଠି ନିରୀହ ଲୋକ ଓ ପୁରୁଣା ତାଲିକାରେ ଥିବା ଲୋକମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆଇନକୁ ହାତକୁ ନେବା କିଛି ବିଚିତ୍ର ନୁହେଁ। ଆଗାମୀ ଦିନରେ ଯଦି ଭୟଙ୍କର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହାକୁ ପ୍ରଶାସନକୁ ମୁକାବିଲା କରିବା ପାଇଁ ମୁସ୍କିଲ ହୋଇଯିବ। ଭୋଟବ୍ୟାଙ୍କ ରାଜନୀତି ପାଇଁ ସ୍ଥାନୀୟ ନେତାମାନେ ଚୁପ ରହୁଛନ୍ତି। ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଯେଉଁମାନଙ୍କର ତାଲିକା ରହିଛି ସେହିମାନଙ୍କର ଭଙ୍ଗା ଯାଉ। ପ୍ରୀୟାପ୍ରୀତି ତୋଷଣପାତ ବନ୍ଦ ହେଉ ଓ ଜାଗା ମିଶନର ସଫଳତାକୁ ବାସ୍ତବରେ ପରିଣତ କରାଯାଉ।

ଅବସରପ୍ରାପ୍ତ ଉଚ୍ଚ ସୂଚନା ଅଧିକାରୀ, ୟୁନିସେଫ, ୧୧୨/ଡ଼ି, ସେକ୍ଟର-୬, ସିଡିଏ, କଟକ

## ଧାରାବାହିକ ଉପନ୍ୟାସ

**ବିଧୁମଞ୍ଜୁଳ ରାତି ଓ ନୀଳପରୀ**



ଡ. ମୌସୁମୀ ପରିଡା

ଭାଗ-୩୯




*(ପୂର୍ବପ୍ରକାଶ ଉତ୍ତାରୁ)*

ସେ ନିଜର ଇଚ୍ଛା ଓ ମନକୁ ମାରିମାରି ଜୀଉଁଥାଏ ଅହର୍ନିଶ ! କେତେବେଳେ ବୋହୂଟି ରୂପରେ ତ କେତେବେଳେ ସ୍ତ୍ରୀ ରୂପରେ, କେତେବେଳେ ମାଆ ରୂପରେ ତ କେତେବେଳେ ପରିବାର ଓ ବଂଶ ବୁନିଆଦିଙ୍କ ଦ୍ୱାରା ସେ ବାରମ୍ବାର ନିଜର ଭୂମିକା ବଦଳାଉଥାଏ। ନିଜ ପାଇଁ ବଂଚିବାକୁ ତା ପାଖରେ ସମୟ ହିଁ ନଥାଏ କେତେବେଳେ। ତଥାପି ନିଜର ଅଜସ୍ର ସ୍ୱପ୍ନ ଓ ଅସରନ୍ତି ଇଚ୍ଛାମାନଙ୍କୁ ମାରି ସେ କି ପୂଣ୍ୟ ଅର୍ଜନ କରେ କେଜାଣି ! ଗୋଟେ ବିଚିତ୍ର ନିଶାରେ ନିଜକୁ ଜାଳିଜାଳି ସେ ତଥାପି ଚାଲିଥାଏ ଜୀବନରାସ୍ତାରେ ଅନ୍ୟର ପାଦରେ ପାଦ ମିଶାଇ। ହଜାରେ ତ୍ୟାଗ କରି..ଅସଂଖ୍ୟ ଜ୍ୱଳନକୁ ମନ ଭିତରେ ଧରି !

ଅନିମେଶଙ୍କ ପରିବାରରେ ମଧ୍ୟ ସେହି ନୀତି ! ହାଓ ମିନ୍ ଦେ' ଆର୍ ! ଇଜ୍ ଇଟ୍ ପସିବ୍ଲ୍? ଆଜିଯାଏଁ ରୋଷେଇ ଘରେ କଣ କଣ ଥାଏ ସେ ଜାଣେନା। ଆଉ ଏଠି ସେ ରୋଷେୟା ଭୂମିକାରେ ଅବତୀର୍ଣ୍ଣ ହେବ, ତା ପୁଣି ଏମାନଙ୍କୁ ଖୁସି କରିବା ପାଇଁ? ଯିଏ ତା ପାଇଁ କୌଣସି ମୂଲ୍ୟ ହିଁ ରଖନ୍ତିନି। ସେ କେବଳ ଅନିମେଶଙ୍କ ପାଇଁ ଏ ଘରେ ଅଛି। ସେ ନଥିଲେ ତାର ଏମାନଂକ ସହିତ ସଂପର୍କ କଣ ଯେ ! ହେଲେ ଅନିମେଶ ଏସବୁ ବୁଝନ୍ତି ନାହିଁ। ଜୋର୍ ଜବରଦସ୍ତ ସେ ଛାଡିଦିଅନ୍ତି ତାକୁ ତଳ ମହଲାରେ ଥିବା ତାଂକ ବାପାମାଆଂକ ପାଖକୁ। ଇସ୍ କି ଇନ୍‌ଟଲୋରେବ୍ଲ୍ ! ସେମାନଙ୍କ ସହିତ ସେ ସ୍ୱାଭାବିକ ହୋଇପାରେନି। ସେ ଚାଲିଯାଏ ଉପରକୁ ପୁନଶ୍ଚ।

ଅନିମେଶ୍ ବିରକ୍ତ ହୁଅନ୍ତି। ତାଙ୍କ ବିରକ୍ତିର ଛିଟା ସେ ସ୍ୱଚ୍ଛମୁହଁ ଉପରେ ପଡି ଭ୍ରମିତ କରାଏ ମନିଷାକୁ। ସେ ଅନିମେଶଙ୍କ ପାଖକୁ ଯାଇ ତାଙ୍କୁ ବାହୁବେଷ୍ଟନୀ ଭିତରେ ଜଡାଇଧରେ। ଜୋର୍ କରି ତାଙ୍କ ଗାଲ, ମୁହଁ ଓ ଓଠରେ ଓଠ ଲଗାଏ, ଦେହରେ ଦେହ ମିଶାଏ। ହେଲେ ନା ଅନିମେଶ ବି ଭାରି ଜିଦିଆ, ଏତେ ସହଜରେ ବୁଝନ୍ତି ନାହିଁ। ପ୍ରତିକ୍ରିୟା ଦିଅନ୍ତି ନାହିଁ। ସେମିତି ଗୁମସୁମ୍..ବିଲକୁଲ୍ ଥଣ୍ଡା ! ମନିଷା ତାଙ୍କୁ ତା ଦେହ ଭିତରେ ଜଡାଇ ଧରେ। ଦୁହିଁଙ୍କ ସ୍ପନ୍ଦନ ମିଶି ଏକାକାର ହୋଇଯାନ୍ତି। ଗଛ ଓ ଲଟା ପରି ସାହାରା ଲୋଡନ୍ତି। ଭାରସାମ୍ୟ ହରାଇ ବେଡ୍ ଉପରେ ଗଡିପଡନ୍ତି ଦୁହେଁ।

ଅନିମେଶ୍ ତଥାପି ମୁକୁଳିବାକୁ ଚେଷ୍ଟାକରେ ମନିଷା କବଳରୁ। ହେଲେ ଲାଗେ ସେ ନିଆଁଟା ସଂଚରିଯାଉଛି ତା ଭିତରେ। ତାକୁ ଜଡ କରି ପକାଉଛି। ରୁନ୍ଧି ଦେଉଛି। ଧୀରେ ଧୀରେ ତା ଭିତରେ ପ୍ରବଳ କ୍ଷୁଧା ସୃଷ୍ଟିହୁଏ। ତାର ତେଜହୀନ ଶରୀରରେ ରକ୍ତର ପ୍ରବାହ ବଢିଯାଏ ହଠାତ୍। ଅକ୍ଟୋପସ୍ ପରି ତାର ଦୁଇବାହୁ ଛନ୍ଦି ହୋଇଯାଏ ମନିଷାର ଶରୀରରେ। ଉଭୟ ଆଦିମପିପାସା ମେଂଟେଇବାକୁ ତୀବ୍ରବେଗରେ ଧାଆଁନ୍ତି। ସମୟ ଜ୍ଞାନ ନଥାଏ କାହାର। ସେତେବେଳେ ଲୀନା ଖାଇବାଧରି ଅନୁମତି ମାଗେ ଭିତରକୁ ଆସିବାକୁ। ଗୋଟେ ଅଶାନ୍ତି ଭେଦିଯାଏ ଶରୀର ଓ ମନତଳେ।

ସେମାନେ ସଂକୁଚିତ କରିନିଅନ୍ତି ନିଜକୁ। ମନିଷା ପାଟି ଭିତରୁ ବାହାରିପଡେ ଶବ୍ଦଟିଏ- "ଇଡିଅଟ୍..ଅଭଦ୍ର"। ସାମାନ୍ୟ ଭଦ୍ରାମୀ ବି ଏ ଝିଅଟାକୁ ଜଣା ନାହିଁ। ଏ ଝିଅଟାକୁ ବିଦା କରିଦେବା ଉଚିତ୍। ମୋ ଘର ହୋଇଥିଲେ ମୁଁ ତାକୁ ଧକ୍କାମାରି ବିଦା କରିସାରନ୍ତିଣି। ଅନିମେଶ୍‌ଙ୍କ ବିରକ୍ତିଭରା ଚାହାଣୀ ଭେଦ କରିଯାଏ ମନିଷାକୁ। ବୋଧହୁଏ ସେ ଝିଅଟି ପ୍ରତି ତାଙ୍କର ଅଜସ୍ର ଦରଦ ! କାହା ପାଇଁ ଦରଦ ନାହିଁ ଯେ ତାଙ୍କର ? ଅଥଚ ସେ ନିଜ ସ୍ତ୍ରୀକୁ ବୁଝିବାରେ ଅଜସ୍ର କୁଣ୍ଠା ! ତାର ଖୁସି, ଇଚ୍ଛା ଓ ଆକାଂକ୍ଷାମାନଙ୍କ ସହିତ ସେ ସାଲିସ୍ କରିପାରନ୍ତି ନାହିଁ ନିଃସଙ୍କୋଚରେ ! ଅନିମେଶ୍‌ଙ୍କର ଏଭଳି ନ୍ୟୁନ ଚିନ୍ତାଧାରା ବି ଥାଇପାରେ !

ସେଥିପାଇଁ ସେ ଅତ୍ୟାଧୁନିକ ଜୀବନ ଶୈଳୀକୁ ଗ୍ରହଣ କରିପାରୁନାହାନ୍ତି। ତାର ସ୍ୱାଧୀନତାକୁ ଆପଣେଇ ପାରୁନାହାନ୍ତି। ହେଲେ ସ୍ୱାଧୀନତା ବିନା ସେ ବଂଚି ପାରିବନି। ବିନାପାଣିର ମାଛଭଳି ଛଟପଟ ହୋଇ ମରିଯିବ ଯେ ! ଅନିମେଶ୍ ଏସବୁ କାହିଁକି ବୁଝନ୍ତିନି ? ସେ କଣ ପୁରୁଷ ବୋଲି ତାଙ୍କ କଥା ସବୁକୁ ନାରୀଟିଏ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରିଯିବ ଆଉ ସେ ନାରୀଟିର କୌଣସିଟି ଗୁଣ ଅବିଗୁଣକୁ ଗ୍ରହଣ କରିବେ ନାହିଁ ? ତା ଭଳି ଦୃଢମନା ଓ ସୁଶିକ୍ଷିତା ଝିଅ ପକ୍ଷେ ଏସବୁ ଅସଂଭବ। ଅନିମେଶଙ୍କୁ ସେ ଭଲପାଏ ବୋଲି ନିଜକୁ ଏମିତି ଉପେକ୍ଷିତ କରିପାରିବ ନାହିଁ। ତାହା ପୁଣି ଅନିମେଶଙ୍କ ପାଖରେ..ନା ସେ ନିଜ ହାତରୁ ଅନିମେଶଙ୍କୁ ଯିବାକୁ ଦେବନି। ତାଙ୍କର ଏ ଉଦ୍ଭଟ ଘର ମୋହଟିକୁ ତାଙ୍କ ଭିତରୁ କାଢି ଫିଙ୍ଗିଦେବାକୁ ହେବ। ଏଠି ସେମାନେ ଶାନ୍ତିରେ ରହିପାରିବେ ନାହିଁ।

*(କ୍ରମଶଃ)*

---

## ହସ କାନ୍ଦ

**ସୁନନ୍ଦା ମହାନ୍ତି**





ଭାରତୀଙ୍କ ପରିବାର ଉପରେ ରହି ତଳ ଟାକୁ ଗୋଟେ ମିଲଟାରୀ ସ୍କୁଲକୁ ଦେଇଦେଇଛନ୍ତି। ପିଲା କହିଲେ ପ୍ରଥମରୁ ଷଷ୍ଠ ପର୍ଯ୍ୟନ୍ତ, ଆଉ ଗୁରୁମା ଚାରି ପାଞ୍ଚ ଜଣ, ଦୁଇଜଣ ସାର। ସେହି ଦୁଇଜଣ ସାରଙ୍କ ଭିତରୁ, ଜଣେ ମୁଖ୍ୟ, କୁନା ସାର। ବହୁତ ବଡ ପାଟି ତାଙ୍କର। ସାଇଲେନ୍ସ କହିଲେ ସତରେ ପିଲା ଚୁପ ହୋଇଯାଆନ୍ତି। ଉପର ଘରେ ଭାରତୀ ଏକୁଟିଆ।ପିଲା ଦୁହେଁ ବାହାରେ ରହି ପଢନ୍ତି। ବଡ ଝିଅ ବାହା ହୋଇ ଟିକି ନାତୁଣୀ ଟିଏ ତାଙ୍କର।ସ୍ୱାମୀ ଅଫିସ ଗଲା ପରେ, କାମଦାମ ଭିତରେ ଭାରତୀ ତଳ ଖବର ସହ ପିଲାଙ୍କ ଗୁଣୁଗୁଣୁ ସ୍ୱର ଓ ପାଠପଢ଼ା ସବୁ ଶୁଣିପାରନ୍ତି। ଜଣେ ସ୍ତ୍ରୀ ଲୋକ ପ୍ରାୟ ଚାଳିଶ ବୟସର, ସୁକାନ୍ତି,ଆସି ଷ୍ଟାଫ୍ ମାନଙ୍କ ପାଇଁ ରୋଷେଇ କରେ, ଆଉ ଘର ର କ୍ଲାସ ରୁମ୍ ଗୁଡିକୁ ସଜାଡ଼ି ପରିଷ୍କାର ରଖିବା ସଙ୍ଗେ ଅନ୍ୟ ପିଲାମାନଙ୍କର ମଧ୍ୟାର୍ଣ ଭୋଜନ, ଯିଏ ଯାହା ଘରୁ ଆଣିଥିବେ, କେମିତି ସବୁ ଖାଇବେ, ସେସବୁ ତଦାରଖ କରିବା ଭିତରେ ତାକୁ ଅନ୍ୟ ଗୁରୁମା ମାନେ ମଧ୍ୟ ସାହାଯ୍ୟ ସହଯୋଗ କରନ୍ତି।

ଏବେ ସେହି ପରିଚାରିକା ସହ ତା ନାତୁଣୀ ଟିଏ ଆସୁଛି ଯିଏ କି ପ୍ରତି ମୁହୂର୍ତ୍ତରେ ଆଇ ଆଇ ବୋଲି ଖନେଇ ଖନେଇ ଡାକି ଅସ୍ତବ୍ୟସ୍ତ କରେ ସୁକାନ୍ତିକୁ। ପିଲାଟା ଘରେ କାହିଁ ରହିବ, ସ୍କୁଲ ତ ବେସରକାରୀ, ସାର ଓ ଦିଦି ମାନଙ୍କୁ କହି ଅନ୍ୟ ପିଲାଙ୍କ ପାଖେ ବସି ଏ ଫର ଆପଲ, ବି ଫର ବଲ ଇତ୍ୟାଦି ଶିଖିବ ବୋଲି ଭାବି, ସୁକାନ୍ତି ନାତୁଣୀକୁ ନେଇ ସ୍କୁଲ ଆସେ ସିନା, ନାକେଦମ୍ ହୁଏ, ଅନବରତ କହିଲେ ଭୁଲ ହେବନି, ଝିଅଟି ଆଇ ଆଇ ହେଉଥାଏ। କୋଉ ଦିଦି ହେ ଚୁପ କହନ୍ତି ତ କୋଉ ଦିଦି ତାକୁ ଅଣ୍ଟି, ଡାକିବା ଶିଖାଅ କହନ୍ତି। କୁନା ସାର ଦାଣ୍ଡ ପଟେ ଚେୟାର ଟେବୁଲ୍ ପକେଇ ଅଫିସ କାମରୁ ବାଡ଼ି ଖଣ୍ଡେ ଧରି ଉଠି ଆସନ୍ତି ବଡ ପାଟିରେ କହି କହି, କିଏସ ସିଏ, ତ ସୁକାନ୍ତି ନାତୁଣୀ କିଛି ସମୟ ଚୁପ ହୋଇଯାଏ ସତ ହେଲେ ପୁଣି ଆଇ ଆଇ ହୋଇ, ସୁକାନ୍ତିକୁ ରୋଷେଇ କରେଇଦିଏନି। ସମ୍ପର୍କର ମୂଲ୍ୟ ନବୁଝି, କୁନା ସାର, ତାଙ୍କର ତଥା ଷ୍ଟାଫ୍ ମାନଙ୍କର୍ ଭୂରି ଭୋଜନରେ ଝିଅଟା ବ୍ୟାଘାତ କରିବା ଦେଖି, ସେଇ ଡାଣ୍ଡପଟୁ ଗୋଟେ ବଡ ରଡ଼ି ଦେଇ କିଏସ କହି ଦୁଇଟି ବେତରେ, ତାଳ ଲୟ ସହ ଖୁବ ଜୋରରେ ପିଟି ଚାଲନ୍ତି ବାଡ଼ିରେ, ଆଉ ରହି ରହି କହୁଥାନ୍ତି କିଏସ ସିଏ। ତ ପିଲାଟା ଛାନିଆଁରେ କିଛି ସମୟ ତୁନି ପଡେ, ତା ପରେ ଯୋଉ କଥାକୁ ସେଇ କଥା। ହେଲେ ଦିଦି ମାନେ ସୁକାନ୍ତି ସହ ମିଶି ପ୍ରସ୍ତୁତ କରିସାରିଥାନ୍ତି ଭୂରି ଭୋଜନ, ପୁରୀ ଡାଲମା। ଝିଅଟାକୁ କୋଳେଇ ନେଇ ସୁକାନ୍ତି ଖୁଆଉଥାଏ ନାତୁଣୀକୁ ତାର। ଉପରୁ ବହେ ହସି ହସି ବେଦମ୍ ହୁଅନ୍ତି ଭାରତୀ ଆଉ ମନେ ପକାନ୍ତି ତାଙ୍କ ନାତୁଣୀକୁ। ଏମିତିରେ ପାର୍ବଣ ରତୁରେ ଭାରତୀଙ୍କୁ ଭୀଷଣ ଜର, ରାକ୍ଷୀ ପୂର୍ଣ୍ଣମୀ ପାଇଁ ଝିଅ ଆସିଥିଲା। ଭାଇଦୁହିଁଙ୍କୁ ରାକ୍ଷୀ ପିନ୍ଧେଇ, ଗଲାବେଳେ ଆସି ନେଇଗଲା ଭାରତୀଙ୍କୁ। ଝିଅ, ଶାଶୁ ଶଶୁର ସ୍ୱାମୀ ଓ ଟିକି ନାତୁଣୀ କୁ ନେଇ ତା ପରିବାର। ଖନେଇ ଖନେଇ କଥା କହିବା ଆରମ୍ଭ କରିଥାଏ ସିଏ। ଜେଜେମା ତାର ଜେଜେଙ୍କୁ ବାପା ଡାକିବାକୁ ଶିଖାଉଥିଲା ବେଳେ ମାଆ ତାର ବାପାଙ୍କୁ ପାପା ଡାକିବାକୁ ଶିଖାଉଥାଏ। ପିଲାଟା ବୁଝି ପାରେନି ଫରକ ତ, ଗଡବଡ ହୁଏ ବୁଝିବା ତାର। ଝିଅ ପୁଣି ଶିଖାଉଥାଏ ଭାରତୀଙ୍କୁ ନାନୀ ଡାକିବାକୁ ତ ଭାରତୀ ଚିଡିଉଠି ଆଇ ହିଁ ଡାକିବାକୁ କହୁଥିଲେ। ମାଆର ମାଆ ଆଇ, କି ସୁନ୍ଦର ଓଡ଼ିଆ ଡାକ, ଆଉ ତାର ଭାବ ବୋଲି ତାକୁ ବୁଝାଇଥିଲେ। ନାତୁଣୀ ଟା କିନ୍ତୁ ଆଇ ଫର ପାଖରେ ଅଟକି ଯାଏ, ତ ଭାରି ଖପା ହୁଏ ଝିଅ। ସେଦିନ ନାତୁଣୀର ବୁଷ୍ଟର ଡୋଜ ବାକି ଥାଏ ତ ବାପା ମାଆ ଯାଇ ଇଞ୍ଜେକସନ ଦେଇ ଆଣିଲେ, ଆଉ ତା ପରଠୁ ଆଇ ଫର ଇଞ୍ଜେକସନ ବୋଲି ହିଁ କହୁଥିଲା ଭାରତୀଙ୍କ ନାତୁଣୀ। ସେଦିନ ଦୁର୍ଗା ପୂଜା ଦେଖିବାକୁ ବାହାରିଲୁ ସମସ୍ତେ। କିଏ କୋଉ ଶାଢ଼ୀ ପିନ୍ଧିବ କିଏ କୋଉ ସାର୍ଟ ପିନ୍ଧିବା କଥା ହେଉଥାନ୍ତି ତ ଭାରତୀ ସ୍ୱାମୀ ଆଣି ଆସିଥିବା ସମସ୍ତଙ୍କ ପାଇଁ ଲୁଗା ପଟା ଦେଲେ ପିନ୍ଧିବାକୁ। ସବୁ ଜିନିଷ ଓ ସମସ୍ତେ ପ୍ରସ୍ତୁତ ବେଳକୁ କୋଉଠି ଥିଲା କାଳବୈଶାଖୀ ପରି ଝଡ଼ ମାଡ଼ିଆସିଲା। ମେଘ, ଅନ୍ଧାର ବିଜୁଳି ଘଡଘଡି ସହ ପବନ। ଖୁବ୍ ଡରିଗଲା ନାତୁଣୀ, ଛାଡ଼ିଗଲା ତାଣ୍ଡବ। ବାଟସାରା ନାତୁଣୀ କହୁଥାଏ,'ହିପଟେ ସିପଟେ ଅନ୍ଧାର, ପବନ, ବାଣ ଫୁଟିଲା, ବାଜା ବାଜିଲା, ମୁଁ ଡରିଲି କାନ୍ଦିଲି' ଅର୍ଥ ଘରର ଏପଟେ ସେପଟେ ଅନ୍ଧାର ହୋଇଗଲା। ପବନ ସାଙ୍ଗକୁ ଘଡଘଡି ବିଜୁଳି ମାରିଲା, ମୁଁ ଡରିଲି ଓ କାନ୍ଦିଲି। ସହର ସାରା ନିଜ୍ଜନିଆ ଲାଗୁଥିଲେ ବି ସବୁ ଠିକ ଠାକ୍ ଲାଗୁଥିଲା, ନାତୁଣୀ ଖୁବ୍ ଖୁସିରେ ଶିରୋଲୋଟା ପ୍ରଣାମ କରୁଥିଲା। ମାଆ ଦୁର୍ଗା ମୋ ନାତୁଣୀଟିକୁ, ଆୟୁଷ ଆଶିଷ ଦେଇ ନିରୋଗ ରଖ ମାଆ କହି ଫେରିଥିଲୁ। ତା ପରଦିନ ଟ୍ରେନରେ ବସି କାନ୍ଦୁଥିଲେ ଭାରତୀ ବିଦାୟ ଦୁଃଖରେ। ପହଞ୍ଚିଲା ପରେ ଝିଅ ଫୋନ୍ କରି କହୁଥିଲା ନାତୁଣୀ କହୁଛି, 'ଆଜା ଆଇ ଟେନରେ ବସି ପଲେଲେ' ଯାହାର ଅର୍ଥ ବୁଝି ହେଉ ଥିଲେ ବି ପୁଣି ସେ କୁଆଡ଼େ କହୁଥିଲା ପୁଣି ଆସି ମୋ ପାଉଁ ଆନି, ଅର୍ଥ ପୁଣି ଆସିବେ ମୋ ପାଇଁ ଆଣିବେ। କାନ୍ଦ ଭିତରେ ତଳୁ ସୁକାନ୍ତି ନାତୁଣୀ ଆଇ ଆଇ ହେଉଥିଲା ତ ସୁକାନ୍ତିକୁ କହୁଥିଲେ ଭାରତୀ ତାକୁ ଟିକେ ଉପରକୁ ଆଣିବାକୁ। ତାକୁ କେତେ କଥା ଦେଲେ ବି ସେ ଭାରତୀଙ୍କ ପାଖରୁ ଛାଟି ପିଟି ସୁକାନ୍ତି ଆଡ଼କୁ ଚାଲିଥିଲା। କାନ୍ଦି ପକେଇ ଭାରତୀ କହୁଥିଲେ ଯୋଉ ଗଛର ଡାଳ ଯିଏ ନା। ସୁକାନ୍ତି ଫେରୁ ଫେରୁ ନାତୁଣୀକୁ ଗେଲ କରି ହସୁଥିଲା।

*ସାକ୍ଷୀଗୋପାଳ, ପୁରୀ,*
*ଦୂରଭାଷ : ୭୦୦୮୯୪୨୨୧୫*

---

## କବିତାର କଥା
(ଭାଗ-୧୦୦)



**ଉମାକାନ୍ତ ରାଉତ**



## ମାଟି ବିନା ମାଟି ହୋଇଯାଏ କବିତା

ଏଠାରେ ପ୍ରସଙ୍ଗକ୍ରମେ ଆଧୁନିକତାର ପୃଷ୍ଠଭୂମିରେ କବିତାର ସ୍ୱରକୁ ଯଥାସାଧ ବିଚାର କରା ନଗଲେ ଏହା ଓଡ଼ିଆ କାବ୍ୟଧାରା ପରିପ୍ରେକ୍ଷୀରେ ଏକ ଅବିଚାରଯୋଗ୍ୟ କର୍ମ ହେବ ବୋଲି ମୋର ବିଶ୍ୱାସ। ଭୀମ ଭୋଇଙ୍କଠାରୁ ଓଡ଼ିଆ କବିତାର ଜୀବନବାଦ ଓ ଆଧୁନିକତା କେମିତି ଆରମ୍ଭ ହୋଇଛି ତାହା ପୂର୍ବରୁ କୁହାଯାଇସାରିଛି। କହିବା ବାହୁଲ୍ୟ ଯେ ଆଧୁନିକତା ଏକ ଯୁଗ ନୁହେଁ, କାଳଖଣ୍ଡର କଥା ନୁହେଁ କି କୌଣସି ସମୟ ସୂଚକାଙ୍କ ନୁହେଁ। ଏହା ଯଥାର୍ଥରେ ଏକ ବୃହତ୍ତର ସାମାଜିକ ଚେତନା ବୋଲି ମୁଁ ହୃଦବୋଧ କରେ। ତେଣୁ କାଳଖଣ୍ଡକୁ ନେଇ ନାମକରଣ କରାଯାଉଥିବା କୌଣସି ଯୁଗର ସୂତ୍ରରେ ଏହାକୁ ବାନ୍ଧିବା ଅସମୀଚୀନ ମନେ ହୁଏ। ଆଧୁନିକତା ଏକ ଆପେକ୍ଷିକ ଶବ୍ଦ। ସାହିତ୍ୟର ସଂରଚନା, ଆଙ୍ଗିକ, ଆତ୍ମିକ, ଦୃଷ୍ଟିଭଙ୍ଗୀ ଆଦିର ବ୍ୟାପକ ପରିବର୍ତ୍ତନ ଯେତେବେଳେ ତାକୁ ଅତୀତର ପରମ୍ପରା ପାଖରୁ ମୁକ୍ତ କରି ସମକାଳ ସହ ସମତାଳରେ ଚାଲିବାକୁ ପ୍ରେରିତ କରେ, ସେତେବେଳେ ସାହିତ୍ୟ ହୁଏ ଆଧୁନିକ।

ସର୍ଜନମୁଖୀ ସାହିତ୍ୟର କାୟାକଳ୍ପରେ ଆଧୁନିକତାର ବିଚରଣ ହୋଇଛି ବୋଲି କୁହାଯାଏ, ଯେତେବେଳେ ତାହା ଜନଗଣମୁଖୀ ଆଚରଣର ପ୍ରଦର୍ଶନ କରେ। ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବିଶ୍ଳେଷଣ କଲେ ଲକ୍ଷ୍ୟ କରାଯାଏ ଯେ ସେଥିରେ ଖୁବ୍ ମାତ୍ରାରେ ପ୍ରଭାବ ବିସ୍ତାର କରିଥିଲା ପ୍ରେମାନୁଭବ ଓ ଭାଗବତ ଭାବ। ପଞ୍ଚସଖା ଯୁଗର ସାହିତ୍ୟରେ ସାହିତ୍ୟର ସ୍ୱର ପ୍ରାର୍ଥନା ହୋଇଥିଲାବେଳେ ରୀତି ଯୁଗର କାବ୍ୟରଚନାକୁ ବହୁଳଭାବେ ସଂକ୍ରମିତ କରିଥିଲା ଛଳନା। ସେଥିପାଇଁ ପଞ୍ଚସଖା ଯୁଗର ସାହିତ୍ୟକୁ ମନ୍ତ୍ର ସାହିତ୍ୟ ବୋଲି କୁହାଯାଇଥାଏ। ସେହିଭଳି ଭଞ୍ଜଯୁଗର ସାହିତ୍ୟରେ ରହିଛି ଶବ୍ଦର ଆଡ଼ମ୍ବର। ଅତଏବ ଏହିସବୁ ସର୍ଜନାରେ ଗଭୀର ପ୍ରେମାନୁଭବ, ଭଗବତ୍ କୃପା, ପ୍ରାର୍ଥନା, ମନ୍ତ୍ର, ଭାଗ୍ୟ, କରୁଣା, ଛଳନା, ଅବାସ୍ତବ ଆଡମ୍ବରୀୟ କଳ୍ପନା ଆଦି ମୁଖ୍ୟ ବିଭବ ହୋଇଥିବାରୁ ଏହା ଜୀବନର ସକଳ ସମ୍ଭାବନାକୁ ସର୍ଜନାର ପରିସରକୁ ନେଇପାରିନାହିଁ ଅଥବା ଅନ୍ୟଭାବରେ କହିଲେ ଏଡ଼ାଇ ଦେଇଛି। ଏସବୁରେ ପ୍ରାୟତଃ ଜୀବନଯନ୍ତ୍ରଣାର ସ୍ୱର ନାହିଁ। କେବଳ ଶୁଭୁଛି କୃଷ୍ଣଙ୍କ ମୋହନ ବଂଶୀର ସମ୍ମୋହନ, ରାଧାକୃଷ୍ଣଙ୍କ ପରକୀୟା ଓ ଗୋପଗୋପୀକାମାନଙ୍କର ନୂପୁର ନିକ୍ୱଣ। ହେଲେ କୃଷ୍ଣଙ୍କ ଘଟଣାବହୁଳ କିମ୍ବଦନ୍ତୀପୂର୍ଣ୍ଣ ସମଗ୍ର ଜୀବନ ଏହାଠାରୁ କାହିଁ କେତେ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତର ଏବଂ ଏହି ଲୀଳାଧାୟଟି ଯେ ସେ ସମଗ୍ରତାର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ଏକଥାକୁ ପାଶୋରି ଦିଆଯାଇଛି ଆପଣାର ଇନ୍ଦ୍ରିୟାନୁଭୂତିର ମାପକାଠିରେ।

ହେଲେ କବି ଭୀମଭୋଇଙ୍କର ଜୀବନବାଦୀ ଆଧୁନିକତାର ସ୍ୱର ପୁରାଣ ଓ ପ୍ରେମକାବ୍ୟ ପରମ୍ପରାରୁ ଓଡିଆ କବିତାକୁ ମୁକ୍ତକରି , ଦେଇଛି ଆଧୁନିକତାର ସ୍ପର୍ଶ। ସେଥିପାଇଁ ତାଙ୍କୁ ଓଡ଼ିଆ କବିତାରେ ଆଧୁନିକତାର ପ୍ରଥମ ପ୍ରୟୋଗବାଦୀ କବି ବୋଲି ଏ ଲେଖକ ପୂର୍ବରୁ କହିସାରିଛି। ସଂସାରର ଜାତନା-ଜ୍ୱାଳା-ସଂଘାତକୁ ନେଇ, ବାସ୍ତବତା ଓ ଯୁଝିବାପଣକୁ ନେଇ ଭୀମ ଭୋଇ ଏକ ପରମାର୍ଥିକ ମାନବବାଦର ସଂରଚନା ମାଧ୍ୟମରେ ଓଡ଼ିଆ କବିତାରେ ପ୍ରୟୋଗ କରିଛନ୍ତି ଆଧୁନିକତା। ମହିମା ଧର୍ମର ପ୍ରଚାର କରିଥିଲେ ହେଁ ସେ ଦାନ, ଦକ୍ଷିଣା, ପ୍ରବଚନ କି କୁଣ୍ଡର ପାଦୁକା ସେବନ ଦ୍ୱାରା ଜଗତର ଦୁଃଖ ଉପଶମ ହେବା ସମ୍ଭବ ନୁହେଁ ବୋଲି ଅନୁଭବ କରି ଲେଖିଛନ୍ତି ....

"ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର
ଫୁଟେ ମାଉଁସ ଜାଣଇ
ତେଣୁ କରି ସିନା ପ୍ରାଣୀଙ୍କ ବିକଳ
ସହି ନ ପାରିବି ମୁହିଁ।"

ଯଥାର୍ଥରେ ସେ ଓଡ଼ିଆ ସାହିତ୍ୟରେ ଜୀବନବାଦୀ ଆଧୁନିକତାର ପ୍ରଣେତା, କାରଣ ସେ ମାଟି ସଂଲଗ୍ନ। ସତରେ ମାଟିକୁ ଛାଡ଼ିଦେଲେ ମାଟି ହୋଇଯାଏ କବିତା।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

---

## ନିର୍ବାଚିତ କବିତା



## ହାତୁହାତ

**ଗଜାନନ ମିଶ୍ର**



ଗହିରାଆ ଥିଲା,
ଦିଶିଲା ନି
ଯାହା ଯେମିତି
ଦେଖିବାର ଥିଲା।
ସୁନ୍ଦର
ଆଉ ପ୍ରେମର
ଆଲୁଅ ଆଉ ଅନ୍ଧାର।
ସମୟ ସ୍ଥାନ
ବଦଳୁ ନ ଥିଲା,
ସେଇଠୁ ସେଇଠି
ଛୁଇଁ ହେଉ ନ ଥିଲା।
ଥିଲା କି ଘୃଣାର ଆବରଣ ?
ପୃଥିବୀ,
ଏତେ ଶୀଘ୍ର ଘଟିଲା କଣ ?
ସଫେଦ ଥିଲା
ଶୀତର ସକାଳ।
ମିଠା ମିଠା ଲାଗୁଥିଲା
ଶବ୍ଦ ଆଉ ଆଉ ଜୁଆର।
ପୂରି ଉଠିଥିଲା
ଭିତର ବାହାର !
କାହାର କାନ୍ଦରେ
କାହାର ହସରେ
ଥିଲା କିଛି କୋଉଠି।
ସଂଜ୍ଞା ନ ଥିଲା
କିଛିର କାହାର।
ହାତୁହାତ ଡେଉଁଥିଲା,
ଉଛୁଳୁଥିଲା ଆଉ
ଆଉ ଥିଲା ଗହିରାଆ।

*ତପୋବନ, ଟିଟିଲାଗଡ*

## ମନପର୍ବ



**ମମତା ପ୍ରିୟଦର୍ଶିନୀ ସାହୁ**

ଆକାଶସାରା ଏବେ ବିଚିତ୍ର ଅନୁଭବ
ମେଘର ଆଡୁଆଳେ ବିଜୁଳିର ଅହଂକାର
ଉଦଣ୍ଡ ଉଲଙ୍ଗ ଚେତନାର ଅଭିବୃଦ୍ଧି
ଆଉ ନିଃଶେଷ ହୋଇଯାଏ
ପରିଚୟର ଜାତକମାଳା।
କେତେ ଗଭୀର ଲାଗେ
ଲୁହର ଜଳାଧାର
ତଥାପି ମନ ପୋଡେ
ସ୍ୱାର୍ଥର ଆଲୋକରେ।
ଅନନ୍ତ ନିଃସଙ୍ଗତା ଭିତରେ ବି
ଦୁର୍ବାର ଆଶା ନେଇ
ମାପିଚାଲେ ଆକାଶର ବ୍ୟାପ୍ତି ,
ଆଉ ମାଗି ଚାଲେ ପାଦେ
ମାୟାର ପୃଥିବୀ।
ବାରମ୍ବାର ଚାହେଁ ଦେଖିବାକୁ
ଏ ଦିଗ୍‌ବଳୟର ମହୋତ୍ସବ
ସ୍ନେହ ଓ ପ୍ରେମର ପ୍ରତୀକାତ୍ମକ
ତାଜମହଲର ଚିତ୍ରପଟ ଆଙ୍କିବାକୁ
ଆଉ ଅଭୟ ମୁଦ୍ରାରେ
ଆହ୍ଲାଦିନୀ ପୃଥିବୀକୁ ସଂଦର୍ଶନ
କରିବାକୁ।
ଇଚ୍ଛା ଥରେ ପରଖି ନେବାକୁ
ଏ ଜୀବନର ପଥ
ଅସୀମ ଦୁଃସାହସିକତାର ସାଥେ
ମାପିବାକୁ ପ୍ରାଚୀନ ଅଙ୍ଗୀକାର।

*ଦରିଆପାରି, ସୁନ୍ଦରଗଡ଼*
*ଫୋନ୍ : ୯୩୩୭୦୬୭୧୮୬*

## ଶୋଇପଡ ରାତି



**ସୁବ୍ରତ କୁମାର ଜେନା**

ଶୋଇପଡ ରାତି ଅନେକ ଡେରି ହେଲାଣି,
ତେଣିକି ସଜନା ଡାଳରେ ହେଉ,
ଅବା ବର ଓହଳର ବହଳ କେଶର ଛାଇରେ,
ନହେଲେ ଆମ ଗାଁ କଇଁ ପୋଖରୀରେ,
ଯଦି ଇଛା ଯାଇପାରୁ ପ୍ରିୟାର ଗାଁକୁ,
ତାଙ୍କ ସବୁଜ ଗହୀରି ପାଟରେ,
ନହେଲେ ଛାମୁଣ୍ଡା ପାହାଡ଼ ଉପରେ ଶୋଇପଡ,
କେତେ ଆଉ ଶୁଣିବୁ ଜହ୍ନମାମୁଁର କାହାଣୀ,
ତୋ ଆଖିରେ ଆଖିଏ ନିଦ,
କେତେ ଆଉ ଅନିଦ୍ରା ହେବୁ,
ଅନ୍ୟକୁ ଶାନ୍ତିରେ ଶୋଇବାକୁ ଛାଡି,
ଦେଖୁନୁ ସହର ଗାଁ ସବୁଆଡେ ନିସ୍ତବ୍ଧ,
ଖାଲି କେତେଟା ଜୀବ ଜନ୍ତୁଙ୍କୁ ଛାଡିଦେଲେ,
ଜାଣେ ଦେହରେ ତୋର ଅସହ୍ୟ ବେଦନା,
ହେଲେ ଅପେକ୍ଷା କର,
ସମୟ ଦେବ ସେଥିରେ ମଲମ।

ଗାଁର ଠାକୁର ମଣ୍ଡପେ ଦେଖିଲୁ,
କେତେ ଆନନ୍ଦରେ ଶୋଇଛନ୍ତି କାଳିଆ ବଳିଆ,
ଆମ୍ବ ତୋଟାରେ ବି ପକ୍ଷୀମାନେ,
ହେଲେ ବାଦୁଡି ସେତ ଲାଗିଛି ନିଜ କର୍ମରେ,
ଯା' ଆଉ ଜମା ଡେରି କରନି,
ରାତି ପାହି ସକାଳ ହୋଇଯିବ ପରା !
ସହରର ଫୁଟପାଥ କୁ ଦେଖ୍,
ଆଃ କି ଚରମ ଆନନ୍ଦ କି ଶାନ୍ତି,
ନାଁ କେହି ନେଇଯିବ
ନାଁ କିଛି ହଜିଯିବାର ଭୟ,
ଦିନ ଭରି କଠିନ ପରିଶ୍ରମ,
ତାପରେ ରାତିର ଛାତିରେ ଚରମ ତୃପ୍ତି,
ହଁ ଏବେ ତତେ ନିଦ ଲାଗିବଣି,
ଯା' ଟିକେ ଶୋଇପଡ଼ ।

ଏ ଜହ୍ନ ପରା ସେମିତି,
ଟିକେ ଦେଖାଦେବ
ଟିକେ ଲୁଚିଯିବ ବାଦଲ ଉହାଡ଼େ,
ତାକୁ ଭଲ ଲାଗେ ଲୁଚକାଳୀ ଖେଳ,
କେବଳ ସେଥିଲାଗି ସେ ପରା ମେଘର ସାଥି,
ବାଦଲକୁ ନିମନ୍ତ୍ରଣ ଦିଏ
ତା ଘରଠି ବୁଲିଆସିବାକୁ ଚିଟାଉରେ,
କେତେ ରାତ୍ରି ଆଉ ଅନିଦ୍ରା ରହିବୁ,
ତୋର ଭୂତ ଭବିଷ୍ୟତକୁ ଭାବି ଭାବି,
ଜାଣେ ତୁ ଭାରି ବ୍ୟତିବ୍ୟସ୍ତ,
ତୋ ଆଖି ଆଗରେ
ଝିଅଙ୍କର ଇଜ୍ଜତ ନିଲାମ ହୁଏ,
ତୋ ଆଖିଆଗରେ
ଯୁବପିଢୀ ହଜିଯାନ୍ତି ନିଶାର କବଳରେ,
ଧଳା ପାଉଡର ନିଶାରେ
ଘଟିଯାଏ କେତେ କେତେ ଅଘଟଣ,
ତତେ ଏ ସବୁ ଶାନ୍ତି ଦିଏନା,
ତଥାପି ଥରେ ଆଖି ବନ୍ଦ କରି
ଶୋଇବାକୁ ଚେଷ୍ଟା କର।

ତୁ ତ ଜାଣୁ ଏଠି ସବୁ ସମୟର ଦାସ,
ଋତୁ ଆସିପୁଣି ଫେରିଯାଏ
ସମୟର ନିର୍ଦ୍ଦେଶରେ,
ଏମିତିରେ ତୋର ଚିନ୍ତା ଅବସମ୍ଭାବି,
ବର୍ଷା ଦିନେ ବର୍ଷା ହୁଏନି,
ଶରତରେ କାକର ପଡେନି,
ଚାରି ଆଡ଼େ ଖାଲି ଅଗ୍ନି ବର୍ଷା,
ତୁ କଣ କରିବୁଜେ,
ଏ ମଣିଷ ସବୁ ଜାଣି କିଛି ଜାଣୁନି,
ଜାଣି ଜାଣି ମୃତ୍ୟୁକୁ କରେ ନିମନ୍ତ୍ରଣ,
ଯା' ଆଉ ଅଳ୍ପ ସମୟର ଅବଧି,
ପହଡେ ଦି ପହଡ଼ ଶୋଇପଡ,
ଭୁଲିଯିବୁ ସବୁ କଷ୍ଟ ଯନ୍ତ୍ରଣାର ସ୍ୱରକୁ,
କାଲିକୁ ଗୋଟେ ନୂଆ ସମ୍ଭାବନାର ଆଶାରେ।

*ଶୂରଡିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ :୯୭୭୬୨୦୮୯୩୦*



# ଜିଲ୍ଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ




**ନବରଙ୍ଗପୁର :** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁ ଥିବା ଚାରିଟି କମିଟି ଯଥା ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା କମିଟି , କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକ ରେ ଜିଲ୍ଲାପାଳ ଡଃ ମିଶ୍ର ଅଧ୍ୟକ୍ଷତା କରି ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ଦିଗରେ ବାଲ୍ୟବିବାହ ନିଷେଧ ଅଧିକାରୀ ମାନେ ଗ୍ରାମ ସ୍ତରରେ ଜାତି ସମାଜର ମୁଖ୍ୟ ମାନଙ୍କୁ ନେଇ ପୋଲିସ ପ୍ରଶାସନ ସହାୟତାରେ ସଚେତନ ବୈଠକ କରିବା ସହିତ ଓ ଅଧିକରୁ ଅଧିକ କିଶୋର କିଶୋରୀ ମାନଙ୍କୁ କୌଶଳ ବିକାଶ ଶିକ୍ଷା ରେ ସାମିଲି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ ଜିଲ୍ଲାରେ ୧୦ ବ୍ଲକ ଓ ୧୮୯ ଟି ଗ୍ରାମ ପଞ୍ଚାୟତ ସ୍ତରରେ ଅନୁରୂପ ଭାବରେ ବ୍ଲକ ଓ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା କମିଟି , କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ , ଶିଶୁ ଶ୍ରମିକ ନିରାକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ବୈଠକ ଉଦେଶ୍ୟ ଜ୍ଞାପନ କରିବା ସହିତ ଚଳିତ ବର୍ଷ ଜିଲ୍ଲାରେ ମୋଟ ୨୮୧ ଗୋଟି ବାଲ୍ୟବିବାହକୁ ବନ୍ଦ କରାଯିବା ସହିତ, ଆଜି ପର୍ଯ୍ୟନ୍ତ ୪୫୫ ଟି ରାଜସ୍ୱ ଗ୍ରାମ ଓ ୪୨୬ ପଡାଗ୍ରାମକୁ ମିଶାଇ ମୋଟ ୮୮୧ ଗ୍ରାମକୁ ପ୍ରଶାସନ ତରଫରୁ ବାଲ୍ୟବିବାହ ମୁକ୍ତ ଗ୍ରାମଭାବରେ ଘୋଷଣା କରାଯିବା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟି, ଜିଲ୍ଲା ସମାଜ କଲ୍ୟାଣ ବିଭାଗ , ୟୁନିସେଫ ଓ ଆକ୍ସନଏଡ ର ମିଳିତ ପ୍ରୟାସ ରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବାର ସୂଚନା ଦେଇଥିଲେ। ପରେ ପରେ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଶିଶୁ ମାନଙ୍କର ସୁରକ୍ଷା ଓ ବାଲ୍ୟ ବିବାହର ସମାପ୍ତ ଉଦ୍ଦେଶ୍ୟରେ ଜିଲ୍ଲାରେ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟ କ୍ରମ ଉପରେ ବୈଠକରେ ଉପସ୍ଥାପନା କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାର ୧୫ ଜଣ କିଶୋରୀ ମାନଙ୍କୁ ଆକ୍ସନଏଡ ଅନୁଷ୍ଠାନ ସହଯୋଗରେ ଦିଆଯାଇ ଥିବା ସିଲେଇ ମେସିନ କୁ ଜିଲ୍ଲାପାଳ ଡଃ ମିଶ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷ ଦିବାକର ବାହୁକ, ଡ଼ିଏସପି ବବିତା ତ୍ରିପାଠୀ, ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିପିହେଚେଓ ଡା ମଳୟ ତ୍ରିପାଠୀ, ଜିଲ୍ଲା ନିୟୋଜନ ଅଧିକାରୀ ଆନନ୍ଦ କୁମାର ପାଢୀ ,ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବେଣୁଧର ଶବର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବାଲ୍ୟବିବାହ ନିଷେଧ ଅଧିକାରୀ ସୁନିତା ଦେବୀ ତ୍ରିପାଠୀ,ଏସେ ଗୀତା, ଶୈଳେନ୍ଦ୍ରି ମହାନନ୍ଦ, ଯମୁନା ଭତ୍ରା, ଗୀତା ମହାରଣା, ଗୀତାଞ୍ଜଳି ମିଶ୍ର , ସୁରମା ମହାପାତ୍ର, ସଂଯୁକ୍ତା ବେହେରା, ୱାନଷ୍ଟପ କେନ୍ଦ୍ରର କର୍ମଚ କର୍ତ୍ତା ପ୍ରମୁଖ ଉପସ୍ଥିତ ରହିବା ସହିତ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ , ଶିଶୁ ଶ୍ରମିକ ନିରାକରଣ ଏବଂ ବାଲ୍ୟ ବିବାହ ର ସମାପ୍ତ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ।

## ହାଇକୋର୍ଟରେ ଶୀତ ଅବକାଶ, ଜାନୁଆରୀ ୨ରେ ଖୋଲିବ

**କଟକ :** ଓଡିଶା ହାଇକୋର୍ଟରେ ଶୀତ ଅବକାଶ ଆରମ୍ଭ ହୋଇଛି। ୨୦୨୩, ଜାନୁଆରି ୨ରେ ହାଇକୋର୍ଟ ଖୋଲିବ। ଶୀତ ଅବକାଶ ସମୟରେ ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀ ଅବକାଶକାଳୀନ ବିଚାରପତି ଦାୟିତ୍ୱରେ ରହିବେ।ଶୀତ ଅବକାଶ ସମୟରେ ଡିସେମ୍ବର ୨୬, ୨୭, ୨୮, ୨୯, ୩୦ ଓ ୩୧ରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟ ଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ନୂଆ ମାମଲା ରୁଜୁ ପାଇଁ ଅବକାଶ ଦାୟିତ୍ୱରେ ଥିବା ଅଧିକାରୀ ଗ୍ରହଣ କରିବେ। ଏଥିସହିତ ଅବକାଶ ସମୟରେ ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ମଧ୍ୟ ମାମଲା ଦାଖଲ କରାଯାଇ ପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ତରଫରୁ ପ୍ରକାଶିତ ବିଜ୍ଞପ୍ତିରୁ ସ୍ପଷ୍ଟ ହୋଇଛି।

## ଯକ୍ଷ୍ମା ରୋଗୀଙ୍କୁ ପୋଷଣ ସାମଗ୍ରୀ ବଣ୍ଟନ




**ଅସ୍ତରଙ୍ଗ :** କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଉନ୍ନତମାନର ଚିକିତ୍ସା ସହିତ ଦେୟ ମୁକ୍ତ ନିର୍ଦ୍ଧାରିତ ଔଷଧ ଦ୍ୱାରା ରୋଗର ନିରାକରଣ କରାଯାଇ ସରକାରଙ୍କ ତରଫରୁ ଟିବି ହାରେଗା ଦେଶ ଜିତେଗା ଆହ୍ୱାନ ଦିଆଯାଇଛି। ଏବଂ ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ କରାଯିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା ରୋଗୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଅସ୍ତରଙ୍ଗ ଅଚଂଳରେ ଯକ୍ଷ୍ମାରେ ପୀଡିତ ଥିବା ୨୦ ଜଣ ରୋଗୀ ସରକାରଙ୍କ ଔପଚାରିକ ଦ୍ୱାରା ସୁସ୍ଥ ହୋଇଥିବା ଜଣାପଡିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଟିବି ହାରେଗା ଦେଶ ଜିତିଗେ କାର୍ଯ୍ୟକ୍ରମରେ ଗୃହ ମନ୍ତ୍ରୀ ତୁଷାର କାନ୍ତି ବେହେରା ଯୋଗଦେଇ ୨୦ ଜଣ ଯକ୍ଷ୍ମା ମୁକ୍ତ ରୋଗୀଙ୍କୁ ସାକ୍ଷାତ କରି ପୋଷଣ ଜାତୀୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଗୃହରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବେହେରା ସେମାନଙ୍କ ସ୍ୱାସ୍ଥ୍ୟଗତ ବିଷୟରେ ପଚାରି ବୁଝିଥିବା ବେଳେ ଭୟଭୀତ ନହୋଇ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ନିୟମିତ ଔଷଧ ସେବନ କରିବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼ଃ ସଂଜୟ ପ୍ରଧାନ ପରିଚାଳନା କରିଥିବା ବେଳେ ପୂର୍ବତନ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତିମୟ ଦଳାଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ ଓ କୁଞ୍ଜବିହାରୀ ପ୍ରଧାନ,ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁଙ୍କ ସମେତ ବିଜେଡ଼ିର ବହୁ ସରପଞ୍ଚ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିରରେ କ୍ଷେତ୍ରୀୟ ଅଧିକାରୀ ଅନୁପସ୍ଥିତ



**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ପ୍ରତିମାସ ପରି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ ବହୁ କ୍ଷେତ୍ରୀୟ ଅଧିକାରୀ ମାନଙ୍କୁ ଦେଖିବାକୁ ମିଳିନଥିଲା।୧୯ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଅଧ୍ୟକ୍ଷତା କରିବା ସହ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶିବିର ମାନଙ୍କରେ ବହୁ ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳୁଥିବା ବେଳେ ଚଳିତ ଥର ଲୋକ ମାନଙ୍କ ଅନୁପସ୍ଥିତ ଯୋଗୁଁ ମାତ୍ର ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଜନଶୁଣାଣୀ ଶିବିରରେ ଆବାସ ଯୋଜନା ନିମନ୍ତେ ୨୮ଟି, ରାସନ କାର୍ଡ ନିମନ୍ତେ ୫ଟି, ଭତ୍ତା ସଂମ୍ପର୍କରେ ୬ଟି, ପୋଲିସ ସହାୟତା ନିମନ୍ତେ ୨ଟି, ରେଡକ୍ରସ ପାଣ୍ଠିରୁ ଆର୍ଥୀକ ସହାୟତା ପାଇଁ ୨ଟି, ଜମିଜମା ସଂମ୍ପର୍କିତ ୯ଟି ଓ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରା ଯାଇଥିବା ବେଳେ ୯ଟି ଅଭିଯୋଗର ସମସ୍ୟା ସଙ୍ଗେ ସଙ୍ଗେ ଫଇସଲା କରା ଯାଇଥିଲା। ଜିଲ୍ଲାପାଳଙ୍କ ଉପସ୍ଥିତରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଭିନ୍ନ ବିଭାଗର କ୍ଷେତ୍ର ଅଧିକାରୀ ମାନେ ଅନୁପସ୍ଥିତ ଥିଲେ। ଏପରିକି ଜିଲ୍ଲାପାଳ ଡାକବାଜି ଯନ୍ତ୍ର ମାଧ୍ୟମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଡାକିଥିଲେ ବି ସେଠାରେ ସେ ଉପସ୍ଥିତ ନଥିବାର ଦେଖିବାକୁ ମିଳିଥିଲା। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିରକିଶୋର ପରିଡା, ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ସିଂହ, ତହସିଲଦାର ଅଞ୍ଜଳୀ ତରାଇ ଓ ଅନ୍ୟାନ୍ୟ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଘୁନାଥପୁରରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା




**ଜଗତସିଂହପୁର :** ଓଡିଶା ହକି ପୁରୁଷ ବିଶ୍ୱକପ୍‌ର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରଘୁନାଥପୁର ବ୍ଲକର ୧୯ଟି ପଂଚାୟତରେ ପଂଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ୬ଟି ଜୋନ୍‌ରେ ବିଭକ୍ତ କରାଯାଇ ଗତ ଡିସେମ୍ବର ୧୭ତାରିଖରେ ୯ଟି ପଚଂାୟତ ଓ ଡିସେମ୍ବର ୨୨ତାରିଖରେ ୧୦ଟି ପଂଚାୟତର ପଂଚାୟତସ୍ତରୀୟ କ୍ରୀଡା ଅନୁଷ୍ଠିତ କରାଯାଇଥିଲା। ଏଥିରୁ ଭଲ ଭଲ ଖୋଖୋ, କବାଡି ଓ ଭଲିବଲ ଖେଳାଳିମାନଙ୍କୁ ମନୋନୟନ କରାଯାଇ ରଘୁନାଥପୁର ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଚିକିଣିଆ ସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସକାଳେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଉଦଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ତିର୍ତୋଲ ବିଧାୟକ ବିଜୟ ଶଂକର ଦାସ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଭଲ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ଥିବାରୁ ଛାତ୍ରଛାତ୍ରୀମାନେ ଏଥିରେ ଯେଉଁ ଖେଳ ଉପରେ ସେମାନଙ୍କର ପ୍ରଚେଷ୍ଟା ଜାରି କରିଥିଲେ ସେଥି ନେହି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ଦେବାଶୀଷ ତ୍ରୀପାଠି ଯୋଗଦେଇ କ୍ରୀଡା ହିଁ ଭାଇଚାରା ବୃଦ୍ଧି କରିବା ସହିତ ସ୍ୱାସ୍ଥ୍ୟ ଭଲ ରହେ। ଏହି ଉତ୍ସବରେ ବିଡିଓ ଲମ୍ବୋଦର ଖୁଣ୍ଟିଆ, ବ୍ଲକ ଶିକ୍ଷା । ଅଧିକାରୀ ବିଜୟ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲୀକ, ଇତିଶ୍ରୀ ମଲ୍ଲୀକ, ସମିତିସଭ୍ୟ ବିଚିତ୍ର କୁମାର ସ୍ୱାଇଁ, ଚିକିଣିଆ ସରପଂଚ ବିଷ୍ଣୁ ଚରଣ ସେଠୀ ଓ ବିଭିନ୍ନ ପଂଚାୟତର ସରପଂଚ, ସଭ୍ୟମାନଙ୍କୁ ଦେଖିବାକୁ ମିଳିଥିଲା। ହଂସୁଆ ନଦୀକୂଳରେ ଥିବା ଏହି ମିନି ଷ୍ଟାଡିୟମ୍ ଆରମ୍ଭ ଠାରୁ ନିର୍ମାଣ ଶେଷ ପର୍ଯ୍ୟନ୍ତ ବର୍ତ୍ତମାନର ସରପଂଚ ବିଷ୍ଣୁଚରଣ ସେଠୀଙ୍କ ଅବଦାନ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଥିଲା। ଏହି କ୍ରୀଡା ସ୍ତରୀୟ ପ୍ରତିଯୋଗିତାରେ ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ଗୁଆଳିପୁରର କ୍ରୀଡା ଶିକ୍ଷକ ରାଜକିଶୋର ସାହୁ କ୍ରୀଡା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଡରାଇଲାଣି ...

କୋଭିଡ୍ ପରିସ୍ଥିତି ଉପରେ ସମୀକ୍ଷା କରିବା ସହ ସର୍ତକତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହିତ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତ ରହିବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି। ଆସନ୍ତା ୨୭ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ସରକାରୀ ହସ୍ପିଟାଲ, ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ କୋଭିଡ୍ ପରିଚାଳନା ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତି ଥିବାର ଏକକାଳୀନ ସମାନ ଧରଣର ମକ୍ ଡ୍ରିଲ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଲୋକମାନେ ଯେପରି ସ୍ୱେଚ୍ଛାକୃତ ଭାବେ ମାସ୍କ ବ୍ୟବହାର ସହ ହାତ ଧୋଇବା, ଲକ୍ଷଣ ଦେଖାଦେଲ ନିଜେ ଆଇସୋଲେସନରେ ରହିବା ଓ ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଆଦି ସମ୍ପର୍କରେ ପରାମର୍ଶ ଜାରି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

### ଓଡିଶା ପିଲା ...

ପାଇଁ ସେ ଜଣେ ରୋଲ ମଡେଲ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ କୃତୀତ୍ୱର ସହ ସଫଳତା ହାସଲ କରିଥିବା ପିଲାମାନଙ୍କୁ ଓ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ବିଭିନ୍ନ ସରକାରୀ ହଷ୍ଟେଲରେ ଏବେ ୫ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ପିଲା ପାଠ ପଢୁଛନ୍ତି। ଡିସେମ୍ବର ୨୦୨୩ ସୁଦ୍ଧା ସେମାନଙ୍କ ପାଇଁ ଆହୁରି ୧୦୦ଟି ହଷ୍ଟେଲ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା ତାଙ୍କ ଅଭିଭାଷଣରେ ଜନଜାତି ପିଲା ମାନଙ୍କ ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସର୍ଗିଫୁଲ ନାମକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଏହାସହିତ ସାମଗ୍ରିକ ଶିକ୍ଷା ଉପରେ ଏକ ପୋଷ୍ଟର ବୁକ୍ ?ର ଡିଜିଟାଲ ଲୋକାର୍ପଣ କରିଥିଲେ। ସାମଗ୍ରିକ ଶିକ୍ଷା ସଂପର୍କିତ ଏକ ଭିଡିଓ ଫିଲ୍ମ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ ଯେ ସର୍ଗିଫୁଲ ମହୋତ୍ସବ ଦୀର୍ଘ ୧୨ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷର ଉତ୍ସବରେ ୧୨୦୦ ଛାତ୍ରଛାତ୍ରୀ ଓ ୧୭୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ୨୦୨୧ ଓ ୨୦୨୨ର ହାଇସ୍କୁଲ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ପିଲାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଯଥା- ତର୍କ, କୁଇଜ, ବିଜ୍ଞାନ ପ୍ରଦର୍ଶନୀ, ସୃଜନାତ୍ମକ ଲିଖନ, ବାଦ୍ୟଯନ୍ତ୍ର ପ୍ରତିଯୋଗିତା, ଖେଳ ପ୍ରତିଯୋଗିତା ତଥା ଲୋକନୃତ୍ୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିକାଶ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ପି.କେ. ଜେନା ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର କମିଶନର-ତଥା-ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏଟିଏଲ୍‌ସିର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଉପକୃତ ହେବେ ...

ବର୍ତ୍ତମାନ ପ୍ରତିରକ୍ଷା ବାହିନୀ ପେନ୍‌ସନଭୋଗୀ / ପରିବାର ପେନ୍‌ସନଭୋଗୀମାନେ ପ୍ରସ୍ତାବ ଅନୁଯାୟୀ ବର୍ଦ୍ଧିତ ପେନସନ୍ ପାଇବେ। ଏହାଛଡା ସହିଦଙ୍କ ବିଧବା ପତ୍ନୀ ଏବଂ ଭିନ୍ନକ୍ଷମ ପେନ୍‌ସନଭୋଗୀଙ୍କ ସମେତ ପରିବାର ପେନ୍‌ସନଭୋଗୀଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବ। ଏହା ସଶସ୍ତ୍ର ବାହିନୀରେ ଯୋଗଦେବା ପାଇଁ ଯୁବକମାନଙ୍କୁ ଆକର୍ଷିତ କରିବ। ସରକାର ଏହା ମଧ୍ୟ କହିଛନ୍ତି ଯେ ବକେୟା ରାଶି ଚାରି ଅର୍ଦ୍ଧ ବାର୍ଷିକ କିସ୍ତିରେ ପ୍ରଦାନ କରାଯିବ। ଉଲ୍ଲେଖ ଥାଉ କି ୱାନ୍ ରାଙ୍କ୍ ୱାନ୍ ପେନ୍‌ସନର ଅର୍ଥ ହେଉଛି ସମାନ ପଦବୀ ଏବଂ ସମାନ ଅବଧିର ସେବ ଲାଗି ସଶସ୍ତ୍ର ବାହିନୀର କର୍ମଚାରୀଙ୍କୁ ସମାନ ପେନସନ୍ ପ୍ରଦାନ କରାଯାଇଥାଏ। ଉଦାହରଣ ସ୍ୱରୂପ, ଯଦି ଜଣେ ଅଧିକାରୀ ଯିଏ ୧୫ ବର୍ଷ (୧୯୮୫ ରୁ ୨୦୦୦ ପର୍ଯ୍ୟନ୍ତ) ସେବା କରିଆସୁଥିଲେ ଏବଂ ୨୦୦୦ ମସିହାରେ ଅବସର ନେଇଥିଲେ, ତାଙ୍କୁ ୨୦୧୦ରେ ଅବସର ନେଇଥିବା ଏବଂ ୧୯୯୫ ରୁ ୨୦୧୦ ପର୍ଯ୍ୟନ୍ତ ସେବା କରୁଥିବା ଅଧିକାରୀଙ୍କ ପରି ସମାନ ପେନସନ୍ ପାଇବେ।

### ୨୦୨୨ରେ ୧୬୦ ...

ଚଳିତବର୍ଷ ମଧ୍ୟ ରାଜ୍ୟ ଭିଜିଲାନ୍ସର ପ୍ରଦର୍ଶନ ଭଲ ରହିବ ବୋଲି ଆଶା ରହିଛି। ୨୦୨୨ ମସିହାରେ ରାଜ୍ୟ ଏପର୍ଯ୍ୟନ୍ତ ରାଜ୍ୟ ଭିଜିଲାନ୍ସ ମୋଟ ୨୭୦ଟି ମାମଲା ରୁଜୁ କରିଥିବାବେଳେ ସେଥିରୁ ୭୫ଟି ହେଉଛି ଆୟ ବର୍ହିଭୂତ ସମ୍ପତ୍ତି ମାମଲା, ୧୧୪ଟି ଟ୍ରାପ୍ କେସ୍ ଓ ବାକି ସବୁ ଅନ୍ୟ ଦୁର୍ନୀତି ସଂକ୍ରାନ୍ତ ମାମଲା। ସେହିପରି ୨୦୨୨ ମସିହାରେ ରାଜ୍ୟ ଭିଜିଲାନ୍ସ ରେକର୍ଡ ପରିମାଣର ନଗଦ ଟଙ୍କା ଜବତ କରିଛି। ୪ଟି ଆୟ ବର୍ହିଭୂତ ମାମଲାରେ ମୋଟ ୭ କୋଟି ଟଙ୍କା ଜବତ ହୋଇଛି। ଏଥିରେ ସର୍ବାଧିକ ୩.୪କୋଟି ଟଙ୍କା ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଜବତ ହୋଇଥିବାବେଳେ ୧.୫କୋଟି ଟଙ୍କା ଜଣେ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର, ୧.୧୪କୋଟି ଟଙ୍କା ଜଣେ ପ୍ରସୂତୀ ବିଶେଷଜ୍ଞ ଓ ୧.୦୬କୋଟି ଟଙ୍କା ଇଡକଲ୍ ଯୁଗ୍ମ ମ୍ୟାନେଜରଙ୍କଠୁ ଜବତ ହୋଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ ୨୦୨୨ ମସିହାରେ ସର୍ବାଧିକ ୧୬୦କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଜବତ କରାଯାଇଛି ଓ ଟ୍ରାପ୍ କେସରେ ମଧ୍ୟ ଚଳିତବର୍ଷ ସର୍ବାଧିକ ପରିମାଣର ନଗଦ ଟଙ୍କା ଜବତ ହୋଇଛି। ଶ୍ରୀ ଜେଠୱା ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୨ ମସିହାରେ ରାଜ୍ୟ ଭିଜିଲାନ୍ସର ଦୋଷୀ ସାବ୍ୟସ୍ତ ହାର ୫୦% ରହିଛି। ୮୭ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ପୁରୁଣ କେସ ଗୁଡ଼ିକରେ ତଦନ୍ତକୁ ଶେଷ କରିବା ଓ ଚାର୍ଜସିଟ୍ ଦାଖଲ କରିବା ପ୍ରକ୍ରିୟାକୁ ଭିଜିଲାନ୍ସ ଏବେ ପ୍ରାଥମିକତା ଦେଉଛି। ୨୦୨୨ ମସିହାରେ ଦଶନ୍ଧି ମଧ୍ୟରେ ସର୍ବାଧିକ ମାମଲାର ସମାଧାନ ହୋଇଥିଲା। ୨୦୨୧ ମସିହାରେ ସମସ୍ତ ଟ୍ରାପ ମାମଲାର ତଦନ୍ତ ଶେଷ ହୋଇଛି ବୋଲି ଶ୍ରୀ ଜେଠୱା କହିଛନ୍ତି।

### ପୁଣି ବର୍ଷେ ...

ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ଏନେଇ ମଞ୍ଜୁରୀ ଦେଇଛି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ଉପରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ବୋଝ ପଡ଼ିବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ। ସୂଚନା ଥାଉକି, ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୩ ଲକ୍ଷ ୩ ହଜାର ୪୧୦ ପରିବାରଙ୍କୁ ରାସନ କାର୍ଡ ଦିଆଯାଇଛି। ଏହି ପରିବାରର ୩ କୋଟି ୨୫ ଲକ୍ଷ ୭୭ ହଜାର ୯୧୭ ଜଣ ହିତାଧିକାରୀ ରିହାତି ଦରରେ ଚାଉଳ କିମ୍ବା ଗହମ ପାଉଛନ୍ତି। ଯେତେବେଳେ କି ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟା ସୁରକ୍ଷା ଯୋଜନାରେ ୩ ଲକ୍ଷ ୨୪ ହଜାର ୩୮୮ ପରିବାରଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଛି। ଏହି ପରିବାରର ୧୦ ଲକ୍ଷ ୨୩ ହଜାର ୧୨୨ ଜଣ ହିତାଧିକାରୀଙ୍କୁ ଚାଉଳ, ଗହମ ପ୍ରଭୃତି ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି।

### ଜିଲ୍ଲାରେ ସରକାରୀ ...

ଯୋଗାଉ ଦେଉଥିବା ବେଳେ ଚାଳଛପର ଘରେ ପାଲଟାଙ୍ଗି ରହୁଥିବା ଲୋକମାନଙ୍କୁ ସର୍ଭେ ତାଲିକାରେ ତୁମ ନାଁ ନାହିଁ କହି ଯୋଗ୍ୟ ତାଲିକାରୁ କାଟି ଦେଉଛନ୍ତି। ସରକାରଙ୍କ ସର୍ଭେ ରିପୋର୍ଟ ଏକପ୍ରକାର ବିକଳାଙ୍ଗ ରୂପ ନେଲାଣି। ସରକାର ମହିଳାମାନଙ୍କ ଠାରୁ ଭୋଟ ହାତେଇ ନେବାପାଇଁ ଯେଉଁ ମହିଳା ସଶକ୍ତିକରଣ ଯୋଜନା କରିଛନ୍ତି ସେଥିରେ ଗରିବ ମହିଳାମାନଙ୍କୁ ସୁବିଧା ମିଳୁନାହିଁ। ପ୍ରତି ବ୍ଲକ ଅଂଚଳରେ ନିଯୁକ୍ତି ପାଇଥିବା ମହିଳାମାନେ ବି ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଠାରୁ ଅର୍ଥ ରୋଜଗାର କରିବା ଉଦ୍ଦେଶ୍ୟରେ ସେମାନଙ୍କ ସ୍କିମ୍ ଅନୁସାରେ ଅର୍ଥ ନଲଗାଇ ବେନିୟମ ଭାବେ ସୁଧ ବେପାର କରି ମାଲେମାଲ୍ ହେଉଛନ୍ତି। ଏପରିକି ସମସ୍ତ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ସବୁ ଖୁବ୍ ସର୍ତକତାର ସହିତ ବେଆଇନ କାଗଜମାନ ପ୍ରସ୍ତୁତ କରି ସରକାରୀ ଯୋଜନା ସବୁକୁ ବାଟମାରଣା କରୁଛନ୍ତି। ସେହିପରି ସରକାର ଗରିବ ଲୋକମାନଙ୍କୁ ରାସନସାମଗ୍ରୀ ଯୋଗାଣ ପାଇଁ ଯେଉଁ ଯୋଜନା ପ୍ରଣୟନ କରିଥିଲେ ସେଥିରେ ବି ଘୋଟଲା କରାଯାଉଛି। କିଛି ସରକାରୀ ବାବୁମାନେ ପଇସା ହାତେଇ ଯୋଗ୍ୟ ଲୋକମାନଙ୍କୁ ରାସନସାମଗ୍ରୀ ଯୋଗାଇ ଦେଉ ନଥିବା ବେଳେ ବଡ ବଡ ବାବୁମାନଙ୍କୁ ରାସନସାମଗ୍ରୀ ଏକ ଟଙ୍କାରେ ଦେଇ ଦେଉଥିବା ବେଳେ ସେମାନେ ବେପାରୀମାନଙ୍କୁ ବହୁ ମୂଲ୍ୟରେ ବିକ୍ରୟ କରିଦେବାରେ ସକ୍ଷମ ହେଉଛନ୍ତି। ସେହିପରି ମନରେଗା କାର୍ଯ୍ୟକ୍ରମରେ ବ୍ୟାପକ ଭାବେ ଜାଲିଆତି କରି ନିଜ ବନ୍ଧୁବାନ୍ଧବ ପରିବାରଙ୍କୁ ଦେଇ ସେମାନଙ୍କ ଜବକାର୍ଡ ମାଧ୍ୟମରେ ଟଙ୍କା ପଠାଇ ନିଜର ହାତଗୁଞ୍ଜା ସବୁ ଜିଆରଏସ ମାନେ ନେଇ କୋଟିପତି ହେଉଥିବା ବେଳେ ପ୍ରକୃତ ଗରିବ ହିତାଧିକାରୀମାନଙ୍କୁ ଏଥିରେ ଅର୍ନ୍ତଭୁକ୍ତ କରାଯାଉନାହିଁ। ବହୁ ସ୍ଥାନରେ ଗାଡିଆ ପୋଖରୀ ଖୋଳିବା, ଖେଳପଡିଆ ନିର୍ମାଣ ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ଜିଆରଏସ ଓ କନିଷ୍ଠ ଯନ୍ତ୍ରୀମାନେ ଖୁବ୍ ସତର୍କତାର ସହିତ କିଛି ନିଜ ଲୋକଙ୍କୁ ହାତରେ ରଖି ଓ ଫଟୋ ଉଠାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ସବୁ ବାଟମାରଣା କରୁଥିବା ବେଳେ ଅଭିଯୋଗ କରାଗଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ ହେଉଛି। ଏହି ସରକାରୀ ଯୋଜନା ସବୁର ବାଟମାରଣା କରୁଥିବା ସରକାରୀ ବାବୁମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

### ପଦାରେ ପଡିଲା ...

କ୍ଷେତ୍ରରେ ସଂସ୍କାର ଆଣିଥିବା ରାଜ୍ୟ ତାଲିକାରେ ଓଡ଼ିଶାର ସ୍ଥାନ ୧୧ରେ ରହିଛି। କେବଳ ସେତିକି ନୁହେଁ ଆଇନଶୃଙ୍ଖଳା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ଗୁଜୁରାଟ ଶୀର୍ଷରେ ଥିବାବେଳେ ଓଡ଼ିଶାର ସ୍ଥାନ ତଳଆଡୁ ତୃତୀୟରେ ଅଛି। ଅର୍ଥାତ ଓଡ଼ିଶାର ସ୍ଥାନ ୨୦ଟି ରାଜ୍ୟ ମଧ୍ୟରେ ୧୮ରେ ରହଛି। ଆସାମ ସର୍ବନିମ୍ନରେ ରହିଛି। ସେହିପରି ସର୍ବାଧିକ ସଂସ୍କାର ଆଣିବା ରାଜ୍ୟ ତାଲିକାର ଶୀର୍ଷରେ ଉତ୍ତରପ୍ରଦେଶ ଥିବାବେଳେ ରାଜସ୍ଥାନ ସର୍ବନିମ୍ନରେ ଅଛି। ଓଡ଼ିଶାର ସ୍ଥାନ ୧୪ରେ ଅଛି। ସେହିପରି ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ତାମିଲନାଡୁ ଶୀର୍ଷରେ ଥିବାବେଳେ ଓଡ଼ିଶାର ସ୍ଥାନ ଗତବର୍ଷ ତୁଳନାରେ ୬ରୁ ୧୬କୁ ଖସି ଆସିଛି। ସେହିପରି ସାମଗ୍ରିକ ବିକାଶ କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡ଼ିଶାର ପ୍ରଦର୍ଶନ ୩ରୁ ୬କୁ ଖସିଛି। ବିହାର ଶୀର୍ଷରେ ରହିଛି। ଉଦ୍ୟୋଗୀ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ହରିଆଣା ଶୀର୍ଷରେ ଥିବାବେଳେ ବିହାର ନିମ୍ନରେ ରହିଛି। ତେବେ ଓଡ଼ିଶାର ସ୍ଥାନ ୨୦ରୁ ୧୫ରେ ରହିଛି। ସେହିପରି ଏହି କ୍ଷେତ୍ରରେ ସଂସ୍କାର ଆଣିବାରେ ପ୍ରମୁଖ ରାଜ୍ୟ ତାଲିକାରେ ଉତ୍ତରପ୍ରଦେଶ ଶୀର୍ଷରେ ଥିବାବେଳେ କର୍ଣ୍ଣାଟକ ନିମ୍ନରେ ଓ ଓଡ଼ିଶା ତଳଆଡୁ ଚତୁର୍ଥ ସ୍ଥାନ(୧୭ତମ) ରହିଛି। ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ଓଡ଼ିଶାର ସ୍ଥାନ ୧୧ ଓ ସଂସ୍କାର ତାଲିକାରେ ୧୦ରେ ଥିବାବେଳେ, ପର୍ଯ୍ୟଟନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ଓଡ଼ିଶା ୬ରେ ଓ ସଂସ୍କାର ରାଜ୍ୟ ତାଲିକାରେ ୧୮ରେ ରହିଛି। ଭିତ୍ତିଭୂମି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ଓଡ଼ିଶା ୧୪ ନମ୍ବରରେ ଓ ସୁଧାର ଆଣିଥିବା ରାଜ୍ୟ ତାଲିକାରେ ଓଡ଼ିଶା ୧୦ନମ୍ବରରେ ରହିଛି। କୃଷି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ତାଲିକାରେ ଓଡ଼ିଶାର ସ୍ଥାନ ତଳଆଡୁ ତୃତୀୟରେ ରହିଛି। ଅର୍ଥାତ ୨୦ରୁ ୧୮ ନମ୍ବର ସ୍ଥାନରେ ଓଡ଼ିଶା ଥିବାବେଳେ ସର୍ବାଧିକ ସୁଧାର ଆଣିଥିବା ରାଜ୍ୟ ତାଲିକାରେ ଓଡ଼ିଶାର ସ୍ଥାନ ୧୫ରେ ଅଛି। ସୂଚନାଯୋଗ୍ୟ, ଏହି ଇଣ୍ଡିଆ ଟୁଡେ ପତ୍ରିକାର ମୁଡ୍ ଅଫ ନେସନରେ ଚଳିତବର୍ଷ ନବୀନ ପଟ୍ଟନାୟକ ନିଜ ରାଜ୍ୟରେ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ତାଲିକାରେ ଶୀର୍ଷରେ ରହିଥିଲେ।

### ପର୍ଯ୍ୟଟକଙ୍କ ...

ଧନୁକୁ ବୃକ୍ଷ କରଡରୁ କାଢ଼ିନେଇ ଧନୁର ଗୁଣରେ ଟଙ୍କାର ଶବ୍ଦ କରିବାରୁ କୌରବ ମାନେ ଅର୍ଜୁନକୁ ଚିହ୍ନି ପାରିଥିଲେ ଓ ବିରାଟ ରାଜ୍ୟରେ ଏହି ସମ୍ବାଦ ବ୍ୟାପ୍ତ ହଇଯିବାରୁ ଶ୍ୱସମ୍ମାନରେ ସେମାନଙ୍କୁ ନିଜ ରାଜ୍ୟକୁ ଫେରସ୍ତ କରଯାଇଥିଲା। ପାଣ୍ଡବ ମାନେ ଶିବଙ୍କର ଅନୁମତି ନେଇ ବିରାଟ ରାଜ୍ୟ ଛାଡିଥିଲେ। ପରବର୍ତ୍ତୀ ସମୟରେ ଏହି ବୃକ୍ଷଟିର ଚାରୋଟି ଶାଖାନିମ୍ନରେ ଚତୁର ଦିଗକୁ ପତିତ୍ୱ ହେଲା ଓ ଶିବ ବୃକ୍ଷରୁ ପ୍ରସ୍ତର ରୂପ ଧାରଣ କଲେ। ସ୍ଥାନୀୟ ଅଞ୍ଚଳରେ ଏହା ଶିବ ଲିଙ୍ଗ ରୂପରେ ପୂଜା ପାଇଆସୁଥିବା ବେଳେ ପର୍ଯ୍ୟଟନ ଦୃଷ୍ଟି କୋଣରୁ ଏହା ସିଙ୍ଗଲ ଷ୍ଟୋନ ହିଲ୍ଲ ବା ଗୋଟିଏ ପଥରର ପାହାଡ ଭାବରେ ମାନ୍ୟତା ଲାଭ କରିଛି। ଏହାକୁ ସମଗ୍ର ବିଶ୍ୱର ଏକମାତ୍ର ତଥା ସୁ- ଉଚ୍ଚ ପ୍ରକୃତିକ ଶିବ ଲିଙ୍ଗ ଭାବରେ ମାନ୍ୟତା ପ୍ରଦାନ କରିବା ପାଇଁ ମୟୂରଭଞ୍ଜରେ ଉଦ୍ୟମ ଅବ୍ୟାହତ ରହିଛି। ସମୀବୃକ୍ଷକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ପ୍ରକାଣ୍ଡ ବୃକ୍ଷରୁ ପଥର ପାଲଟି ଥିବା ଏହି ସମୀବୃକ୍ଷର ଉଚ୍ଚତା ହେଉଛି ସାତଶହ ଫୁଟ ଓ ପନ୍ଦର ସହ ମିଟର ଅଞ୍ଚଳରେ ପରିବ୍ୟାପ୍ତ ଏହି ଶିବ ରୂପୀ ବିରାଟ ପଥର ଖଣ୍ଡ ସମୀବୃକ୍ଷର ପାଦଦେଶରେ ଠିଆ ହୋଇ ଏହାର ଶୀର୍ଷକୁ ଦେଖିବା ସମ୍ଭବ ନୁହେଁ। ତଥାପି ଏହି ବିଶାଳ ପଥର ଖଣ୍ଡଟିର ଶୀର୍ଷକୁ ପହଞ୍ଚିବା ନିମନ୍ତେ ପର୍ଯ୍ୟଟକଙ୍କ ମନରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥାଏ। ବିପଦପୂର୍ଣ୍ଣ ଭାବରେ ତଥାପି ଅନେକ ପର୍ଯ୍ୟଟକ ଏହି ପଥର ଖଣ୍ଡଟିର ଶୀର୍ଷରେ ପହଞ୍ଚିପାରିଥାନ୍ତି। ବର୍ତ୍ତମାନ କପ୍ତିପଦାର କଳିଅଳମ ପଞ୍ଚାୟତ ଅଧୀନରେ ନୂଆ ସାହି ଗ୍ରାମରେ ରହିଥିବା ଏହି ପୀଠଟିରେ ପାଣ୍ଡବ ମାନଙ୍କ ସ୍ମୃତିରକ୍ଷା ଉଦେଶ୍ୟରେ ରହିଛି ପଞ୍ଚୁପାଣ୍ଡବ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଦ୍ରୌପଦୀଙ୍କର ମୂର୍ତ୍ତି। ସମୀବୃକ୍ଷଠାରେ ମକର ସମୟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥାଏ। ଏଠାରେ ପ୍ରାୟ ପନ୍ଦର ଦିନ ଧରି ଚାଲୁଥିବା ମେଳାରେ ଅଜସ୍ର ଜନସମାଗମ ହୋଇଥାଏ। ଏହି ପୁରାଣ ପ୍ରସିଦ୍ଧ ସମୀବୃକ୍ଷ ନିକଟରେ ଶହ ଶହ ଦୋକାନ ଓ ଅସଂଖ୍ୟ ବିପଣୀ ମେଳରେ ଝଲସି ଉଠେ। ବର୍ତ୍ତମାନ ଆର୍ଥିକ ଅନୁଦାନରେ ଏଠାରେ ବଣଭଜି ନିମନ୍ତେ ସୁନ୍ଦର ପିଣ୍ଡି ଓ ପାଣିର ବ୍ୟବସ୍ଥା ହେବା ସହ ଏକ ସୁନ୍ଦର ପାର୍କ ନିର୍ମାଣ କରାଯାଇଛି। ଏହାଛଡା ଏହାର ଅନତି ଦୂରରେ ରହିଛି ପ୍ରସିଦ୍ଧ କାଳଡ୍ୟାମ ଓ ଶୁଣେଇ ଡ୍ୟାମ ଯାହା ସମୀବୃକ୍ଷକୁ ଅଧିକ ଆକର୍ଷଣୀୟ କରିଥାଏ। ତେବେ ଆପଣ ବି ଥରେ ଏହି ପୁରାଣ ପ୍ରସିଦ୍ଧ ସମୀବୃକ୍ଷ ନିକଟକୁ ବୁଲି ଆସନ୍ତୁ।



ଡ. କିଶୋର ମହାନ୍ତି

# ଓଡ଼ିଆ ଚଳଚିତ୍ରର ସ୍ୱର୍ଣ୍ଣିମ ଭବିଷ୍ୟତ







କହିବାକୁ ଗଲେ ଯେ କୌଣସି ମନୋରଞ୍ଜନ ସାଧନ ହେଉ, ସୁନ୍ଦର କଳାକୃତି ହେଇଥିବା ଶିଳ୍ପ ଭାସ୍କର୍ଯ୍ୟ ହେଉ ପ୍ରତିଭାଦୀପ୍ତ କଳାକାର ବା କଳାପ୍ରେମୀ ଶିଳ୍ପୀଙ୍କ ଉପରେ ସେହି କଳା ଯେତିକି ନିର୍ଭରଶୀଳ, କଳାଗ୍ରାହକ ଏବଂ ଗ୍ରାହିକାଙ୍କ ଶକ୍ତି ଉପରେ ମଧ୍ୟ ସେତିକି ନିର୍ଭରଶୀଳ। ଯେ ପର୍ଯ୍ୟନ୍ତ କଳା ସୃଜନକାରୀ ଏବଂ କଳାପ୍ରେମୀ ଦର୍ଶକ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ସଂସ୍ଥାପିତ ନ ହୋଇଛି ସେ ପର୍ଯ୍ୟନ୍ତ କଳାର ଯଥାର୍ଥତା ପ୍ରତିପାଦିତ ହୋଇପାରିବ ନାହିଁ।

କହିବାକୁ ଗଲେ ଯଦି ଦର୍ଶକ ବା କଳା ସଂସ୍କୃତି ପ୍ରେମୀଙ୍କର ରୂପ, ରସ, ଛନ୍ଦ ଗନ୍ଧର ସ୍ୱାଦ ଉପଲବ୍ଧି କରିବା ପାଇଁ ଇନ୍ଦ୍ରିୟଜନୀତ ଶକ୍ତିର ବିକାଶ ହୋଇନାହିଁ ବା ତ୍ରୁଟି ରହିଯାଇଛି ସେଠାରେ କଳାକୃତି ଯେତେ ସରସ, ସୁନ୍ଦର ଓ ଜୀବନ୍ତ, ଯେତେ ଚିତାକର୍ଷକ ହେଉନା ପଛେ ତାହା କଳାର ଯଥାର୍ଥ ମୂଲ୍ୟ ନିରୂପଣ କରିବା ପାଇଁ ଅସମର୍ଥ। ତେଣୁ ତ କଳାପ୍ରେମୀ ବା କଳାଗ୍ରାହକ ନିଜେ ଇନ୍ଦ୍ରୟାନୁଭୂତିର ସୂକ୍ଷ୍ମ ବିଚାର ଓ ବିଶ୍ଳେଷଣାତ୍ମକ ଶକ୍ତି ଶୃଙ୍ଖଳିତ ଭାବରେ ବିକାଶ କରିପାରିଲେ କଳାର ପ୍ରକୃତ ମାଧୁର୍ଯ୍ୟ ସମସ୍ତଙ୍କ ପାଇଁ ଉପଭୋଗ୍ୟ ହେବ।

ଏକଥା ସତ୍ୟ ଯେ ଏ କଳାଚିନ୍ତନ ମାନବକୁ ଆତ୍ମବୋଧର ଗଭୀରତମ ପ୍ରଦେଶକୁ ନେଇଯାଏ ଓ ପ୍ରକୃତ ବିଶ୍ୱ ତଥା ପରମାତ୍ମାଙ୍କ ସହିତ ତାହାର ଚିରନ୍ତନ ଓ ଅଭେଦ୍ୟ ସମ୍ପର୍କରେ ଗୋଟିଏ ନୂତନ ଧାରଣାର ଆଲୋକପାତ କରେ। କଳା ଯେ କେବଳ ଇନ୍ଦ୍ରୟାନୁଭୂତ ସ୍ଫୁରଣ କରେ ତାହା ନୁହେଁ ବରଂ ବୈଦିକ ଶକ୍ତିର ବିକାଶ ଘଟାଇଥାଏ। ସାତୋଟି ପର୍ଯ୍ୟାୟ କଳାର ଶ୍ରେଣୀରୁ ଅଭିନୟ ଗୋଟିଏ କଳା ଯାହା ମଣିଷରଲବ୍ଧ ସ୍ମୃତିରାଜି ଅଭିଜ୍ଞତା ଓ ଭାବଧାରା ଗୁଡ଼ିକର ବହିଃପ୍ରକାଶ ବ୍ୟତୀତ ଆଉ କିଛି ନୁହେଁ। ଦର୍ଶକଙ୍କର ରୁଚି ଓ ମାନସିକତାକୁ ନେଇ ସିନେମା ହେଉ ଅବା ଥିଏଟର, ନୃତ୍ୟକଳା ହେଉ, ସଙ୍ଗୀତ ହେଉ ତାର ରୂପର ପରିବର୍ତ୍ତନ ଘଟିଥାଏ। କଳାତ୍ମକ ତଥା ଭାବନାତ୍ମକ ଚିତ୍ର ଯାହାକୁ ଦେଖିଲେ କି ଦର୍ଶକମାନଙ୍କ ମନରେ ଯୁଗପତ୍ କୌତୁହଳ ଜାତ ହେବା ସହ ଅନେକଗୁଡ଼ିଏ ପ୍ରଶ୍ନ ମନରେ ଉତ୍ଥାପିତ ହୋଇଥାଏ। ବାସ୍ତବଧର୍ମୀତା ହେଉଛି ଏହାର ମୂଳ ଭିତିଭୂମି। ସତ୍ୟତା ଉପରେ ଏହା ପର୍ଯ୍ୟବେଶିତ। ସେ ସମାଜର ହେଉ ବା ବ୍ୟକ୍ତିର ହେଉ ଗୋଟାଏ ସାମାଜିକ ପରିବର୍ତ୍ତନ ପାଇଁ ସମ୍ବାଦ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାର କଥା କାହାଣୀ ଯଦିଓ ସୁଦୀର୍ଘ କଳ୍ପନାଶ୍ରୟୀ ନୁହେଁ ବରଂ ଏହା ଚରିତ୍ର ପ୍ରଧାନ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏହି କଳାତ୍ମକ ଚିତ୍ର ବିଶେଷ ଭାବରେ ବୌଦ୍ଧିକ। ଏଥିରେ ଲେଖକ ବା ସଂଳାପକାରର ବେଶୀ ବାହାଦୁରୀ ନଥାଏ। ବିଶେଷ ଭାବରେ ଏହାର ନିର୍ଦ୍ଦେଶକଙ୍କର ଟେକ୍‌ନିକ୍ ପ୍ରୟୋଗ ତଥା କଳାକସରତ ପରିଲକ୍ଷିତ ହୋଇଥାଏ। ଏହା ସାଧାରଣ ଚଳଚିତ୍ର ପରି ଅଧିକ ସଂଗୀତ ନୃତ୍ୟ ଅବା ଚରିତ୍ର ପ୍ରଧାନ ଆଦୌ ନୁହେଁ କିମ୍ବା ବେଶୀ ଚରିତ୍ର ଚଳଚିତ୍ରକୁ ଭାରାକ୍ରାନ୍ତ କରେ ନାହିଁ। ଏହି କଳାତ୍ମକ ଚିତ୍ର ବିଶେଷ ଭାବରେ ପାଶ୍ଚତ୍ୟ ଦେଶମାନଙ୍କରେ ବେଶ ଚର୍ଚ୍ଚିତ। ଏହା ଉତର ଆମେରିକା, ଇଂଲଣ୍ଡ ଓ ଅଷ୍ଟ୍ରେଲିୟାରେ ଏହାର ମହତ୍ୱ ବେଶ ପ୍ରକଟିତ ହୋଇଥାଏ। ସାଧାରଣତଃ ୟୁରୋପରେ ଏହା ପ୍ରଭାବ ବିଶେଷ ଭାବରେ ରହିଛି। ଏହା ସ୍ୱଳ୍ପ କଳାକାର ମାନଙ୍କୁ ନେଇ ପ୍ରସ୍ତୁତ ହୋଇଥାଏ। ଏଥିରେ ଭାବବସ୍ତୁ ସାଧାରଣ କୁସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣ, ଯୌତୁକପ୍ରଥା ବିଲୋପ, ନାରୀଶିକ୍ଷାକୁ ପ୍ରୋତ୍ସାହିତ କରିବା, ଗର୍ଭପାତ ରୋକିବା, କନ୍ୟାଭ୍ରୂଣ ହତ୍ୟା ରୋକିବା, ଯୁବ ଅସନ୍ତୋଷ, ମାନସିକ ଚାପ, ଗରିବି, ଅଶିକ୍ଷା, ବେକାରୀ ସମାଜିକ କୁପ୍ରଥା ଉପରେ ବିଶେଷ ଆଲୋକପାତ କରି ସମାଧାନର ଦିଗ ଦେଖାଇବାରେ ପ୍ରୟାସ କରିଥାଏ। ବିଶେଷତଃ ଅସହିଷ୍ଣୁ ସଂସ୍କୃତି-ଅପସଂସ୍କୃତି କି ପ୍ରଭାବ ପକାଏ ସମାଜ ଓ ବ୍ୟକ୍ତି ଉପରେ ତାର ଚିତ୍ର ମଧ୍ୟ ଦେଇଥାଏ। ବେଳେ ବେଳେ ପ୍ରେମର ସ୍ୱାଭାବିକ ଚିତ୍ର ସହ ବହିଃରଙ୍ଗ ଓ ଅନ୍ତଃରଂଗ ଓ ଅନ୍ତରଙ୍ଗତାର ଚିତ୍ର ମଣିଷର ସମ୍ପର୍କ ଓ ବିଶ୍ୱାସ କୁ ମଜବୁତ୍ କରେ। ତାରମଧ୍ୟ ନିଗୁଢ଼ କଥା ପଦିଏ କହିଦିଏ ଏହି ଚଳଚିତ୍ର। ଚିତ୍ର ଉତୋଳନ ବେଳେ ନିର୍ଦ୍ଦେଶକ ନିଛକ ସତ୍ୟ ଓ ବକ୍ତବ୍ୟକୁ ପ୍ରଖ୍ୟାପିତ କରିଥାନ୍ତି। କିଛି ଓଡ଼ିଆ ଚିତ୍ର ଏହିପରି ଦର୍ଶକଙ୍କ ମନ ଭିତେର ଅଲୋଡ଼ନ ସୃଷ୍ଟି କରିଛି- ଯେପରି ନିରଜ ମହାପାତ୍ରଙ୍କ ମାୟା ମିରିଗ, ସେହିପରି କାଲିର ଅତୀତ, ଶଳାବୁଢ଼ା, କ୍ରାନ୍ତିଧାରା, କଥାନ୍ତର ଏହି ପରି କିଛି ଚଳଚିତ୍ର ନିର୍ମାଣ ହୋଇ ପୁରସ୍କୃତ ଓ ସମ୍ମାନିକ ହୋଇଛି - ବେଶ୍ ନାଁ କମାଇଛି।

ଓଡ଼ିଆ କଳାତ୍ମକ ସଂପ୍ରତି ଚିତ୍ର ଆଲୋଚନା କଲାବେଳେ ଓଡ଼ିଆ ଚଳଚିତ୍ର ଇତିହାସରେ ଚଳଚିତ୍ର ‘ଦମନ’ ନିର୍ଦ୍ଦିଷ୍ଟ ସ୍ଥାନ ବାଛି ନେଇଛି। ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିବାରୁ ଏହା ଓଡ଼ିଆ ଚଳିଚିତ୍ର ଜଗତରେ ଏକ ମାଇଲ ଖୁଂଟ ବୋଲି କୁହାଯାଇପାରେ। ଏବେ ଓଡ଼ିଆ ଚଳଚିତ୍ରକୁ ନେଇ ତାର ସଫଳତା ଓ ବିଫଳତା ସମ୍ପର୍କରେ ଚର୍ଚ୍ଚା ହେଉଥିବା ବେଳେ ଦମନ ବାସ୍ତବିକ ନୂଆ ଆଶାର ସଂଚାର କରିଛି ପ୍ରତିଟି ସିନେ ଦର୍ଶକଙ୍କ ମନରେ। ମାରତ୍ମକ ବେମାରୀ ମେଲେରିଆ ନିରାକରଣ ତଥା ଡ଼େଙ୍ଗୁକୁ ଦୂରେଇ ଦେବା ପାଇଁ ଏବଂ ମଶା ମାନଙ୍କ ଦମନ ପାଇଁ ଡ଼ାକ୍ତର ଓ ତାଙ୍କର ଅନୁଗାମୀ ମାନଙ୍କ ପ୍ରଚେଷ୍ଟା ପୁଣି ମାଲକାନାଗିରି ପରି ବିଚ୍ଛିନ୍ନା ଅଂଚଳରେ ଏହା ଖୁବ୍ କଷ୍ଟସାଧ। ଏହା ପ୍ରଚାର ସର୍ବସ୍ୱ ଚଳିଚିତ୍ର ହେଲେ ହେଁ ଏଥିରେ ହିନ୍ଦୀ ବା ଦକ୍ଷିଣ ଚଳଚିତ୍ରର ମସଲା ନାହିଁ - ଖାଂଟି ଓଡ଼ିଆ ଚିତ୍ର ଜନ ଜୀବନର ଚିତ୍ର ଓ ସାମାଜିକ ଶିକ୍ଷା, ସ୍ୱାସ୍ଥ୍ୟ ଶିକ୍ଷା ଦେବା ଏହାର ପ୍ରଥମ ଲକ୍ଷ୍ୟ। ଦୀର୍ଘ ୭୫ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ବି ଆମେ ସ୍ୱାସ୍ଥ୍ୟ ପ୍ରତି ଯେଭଳି ଭାବରେ ଅଣଦେଖା କରୁଛେ ତାର ଭବିଷ୍ୟତ ସତରେ କଣ ? ଗୁମ୍ଫା ଭଳି ଏ ଘୃଣ୍ୟପ୍ରଥା ବା ଅନ୍ଧବିଶ୍ୱାସକୁ ହଟାଇ ଡ଼ାକ୍ତରଙ୍କର ଦୁର୍ବାର ପ୍ରୟାସ ଜନସଚେତନତା ଜାଗ୍ରତ କରିବାରେ ଏହା ସହାୟକ ହୋଇଛି। ଚଳଚିତ୍ର ଯେ ଉଚ୍ଚକୋଟୀର ଏହା ନିଃସନ୍ଦେହରେ କୁହାଯାଇପାରେ କିନ୍ତୁ ଏହାର ପଶ୍ଚାତ ଭାଗରେ ଅଛି ସେଇ ସ୍ଥାନରେ ନିଯୁକ୍ତି ପାଇଥିବା ଏକ ଡ଼ାକ୍ତର। ବୃତି ସହିତ ସଚ୍ଚୋଟ ଜଣେ ସମାଜସେବୀ ଯାହାକି ଦମନକୁ ବଳିଷ୍ଠ କରିଛି। ପ୍ରକୃତରେ ହିରୋ ବା ନାୟକ ହେଉଛନ୍ତି ଡ଼ାକ୍ତର ଓମକାର ହୋତା। ସାହାଜବାହାଲ ଯାହାକି ବଲାଙ୍ଗୀର ଜିଲ୍ଲାର ଅବସ୍ଥିତ ସେଠାକାର ସାଧାରଣ ଲୋକଟିଏ ପ୍ରାୟ ଚାକିରୀ ପାଇ ରୋଗୀ ସେବା ପାଇଁ ୨୦୧୨ ମସିହାରେ ପହଞ୍ଚିଲେ ସେଇ ଅପନ୍ତରା ବିଚ୍ଛିନ୍ନା ଅଞ୍ଚଳରେ ୯୨କିମି ଦୂର ମାଲକାନାଗିରି ରୁ ଚିତ୍ରକୋଣ୍ଡାରେ ପହଁଚିଥିଲେ। ତାଙ୍କ କହିବାନୁସାରେ ୩୧କି.ମି ନିଜର ଲଗେଜ ନେଇ ଚାଲି ଚାଲି ପାହାଡ଼ ଡ଼େଇଁବା ତାଙ୍କ ମନ ଓ ଦେହକୁ ବୋଧେ ଅଧିକ ମଜବୁତ କରିଦେଲା। କିଛି ପାହାଡ଼ ଡ଼େଇଁଲେ, ଝରଣା ପାଣି ପିଇଲେ, ଗଛରୁ ଫଳ ଖାଇଲେ ଆଉ ଚିତ୍ର ବିଚିତ୍ର ପକ୍ଷୀମାନଙ୍କ ଗୀତ ଶୁଣିଲେ। ଜୀବନକୁ ଅଧିକ ସରଳ କରିଦେଲେ ଡ଼ାକ୍ତରବାବୁ। ସିଲୁର ନଦୀକୂଳେ କୂଳେ ତାଙ୍କର ଯାତ୍ରା ତାଙ୍କୁ କିନ୍ତୁ ଅନେକ କଥା ଶିଖାଇଲା। ନଦୀ ଯେମିତି ବିନା ଦ୍ୱିଧାରେ ପାଣି ବିତରଣ କରୁଛି ତୁମେ ସେମିତି ଜଗତରେ ସେବା କର। ଏହି ବହୁମୂଲ୍ୟ ଉପଦେଶ ବୋଧେ ତାଙ୍କ ମନରେ ସହରୀ ଚାକଚକ୍ୟ ଠାରୁ ଦୂରେଇ ରଖିଲା ଏବଂ ମଣିଷ ସାଙ୍ଗେ ମଣିଷଟିଏ ମିଶିବାର ଅଭିପ୍ସାରେ ସେ ନିଜ କର୍ତବ୍ୟରେ ଉଣା କଲେନାହିଁ। ଗାଁ ଗାଁ ବୁଲିଲେ, ଲୋକଙ୍କୁ ଭେଟିଲେ, ଚିକିତ୍ସା କଲେ ରୋଗୀକୁ। ଡ଼ାକ୍ତର ଏଭଣ୍ଡ କାରସାଦୀରେ ନପଡ଼ି ଉପଯୁକ୍ତ ଚିକିତ୍ସାରେ ଲୋକମଧ୍ୟ ଭଲ ହୋଇପାରିବେ ତାହା ପ୍ରମାଣ କରିଦେଲେ ଡ଼ାକ୍ତର ଜଣକ ଯେଉଁ ସତ୍ୟଟା ରୂପ ପାଇଛି ଦମନରେ ଯାହାର ଶ୍ରେୟ ଯିବ ବାବୁସାନ ମହାନ୍ତିଙ୍କୁ। ତାଙ୍କର ଡ଼ାକ୍ତର ଭୂମିକାଟି ଅବର୍ଣ୍ଣନୀୟ। ତାଙ୍କର ବଳିଷ୍ଠ ଅଭିନୟ ପରିଚୟ ହତବାକ୍ କରିଦିଏ।




ସାମାଜିକ ଚଳିଚିତ୍ରରେ ନାୟିକା ନାହାଁନ୍ତି, ଗୀତ ନାଚ ବି ନାହିଁ ସେ କି ଚଳିଚିତ୍ର ଏକଥା କହିଲା ବେଳେ ଦର୍ଶକଟିଏ ଭାବବିହ୍ୱଳ ହୋଇଯାଏ। ଭାବନାତ୍ମକ ତଥା କଳାତ୍ମକ ଚିତ୍ରଟିଏ ହୋଇଛି ଦମନ। ସହ ଅଭିନେତା ଓ ଅଭିନେତ୍ରୀମାନଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର। ଚଳଚିତ୍ରରେ ଉଭୟ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ଅପୂର୍ବ ସମନ୍ୱୟ ଚଳଚିତ୍ରର ଗୁଣାତ୍ମକ ଦିଗକୁ ପରିପ୍ରକାଶ କରେ। ଉତମ ଫଟୋଗ୍ରାଫି, ସୁନ୍ଦର ଏଡ଼ିଟିଙ୍ଗ, ଉପଯୁକ୍ତ ସଂଯୋଜନା, ବଳିଷ୍ଠ ଅଭିନୟ, ବାସ୍ତବ କାହାଣୀ ଖୁବ୍ ଉଚ୍ଚକୋଟୀର□ତଥା ବୈଷୟିକ କୌଶଳ ଦୃଷ୍ଟିକୋଣରୁ ଏହା ବେଶ ଗୁଣାତ୍ମକ ଚିତ୍ର। ଆନ୍ତର୍ଜାତୀୟ ସ୍ତରର ଚଳଚିତ୍ର ଭାବରେ ଏହା ନିଶ୍ଚିତ ସ୍ୱୀକୃତି ଲାଭ କରିବ। ବିଶେଷ କଥାଟି ହେଲା ଦମନର ପୂର୍ଣ୍ଣ ଅର୍ଥ ହେଲା - ‘‘ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ’’ ଆମ ଓଡ଼ିଶା ସରକାରଙ୍କ ବାର୍ତ୍ତା। ଏଥିରେ ପ୍ରତ୍ୟେକ ଡ଼ାକ୍ତର ବି ହୃଦୟଙ୍ଗମ କରିବାର କଥା ମଣିଷ ପୂଜା କରେ ଭଗବାନଙ୍କ ଯିଏକି ଜୀବନ ଦିଏ ଆଉ ବଞ୍ଚାଏ ଯିଏ ସେ ହିଁ ଭଗବାନ। ତେଣୁ ଲୋକମାନଙ୍କ ମୁଖରେ “ଭଗବାନ ଡ଼ାକ୍ତର” ଆଖ୍ୟା ପାଇବା କମ୍ ବଡ଼କଥା ନୁହେଁ। ଏଥିରେ ଅନେକ ସ୍ଥାନୀୟ କଳାକାର ତଥା ବହୁ ସାଧାରଣ ଲୋକଙ୍କୁ ଅଭିନୟ କରିବାର ସୁବିଧା ବି ଦିଆଯାଇଛି ଯାହା କାହାଣୀଟିକୁ ବାସ୍ତବତା ଆଡ଼କୁ ଟାଣି ନେଇଛି। ‘ଦମନ’ ଚଳଚିତ୍ର ଯେ ଏକ ଉଚ୍ଚସ୍ତରୀୟ ଗୁଣାତ୍ମକ ଚଳିଚିତ୍ର ଏଥିରେ ଦ୍ୱିମତ ହେବାର ନାହିଁ।

କଟକ
ମୋ:୯୪୩୭୭୨୮୪୭୫







# ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ

ଭୁବନେଶ୍ୱର : ପର୍ଯ୍ୟଟନକୁ ଶିଳ୍ପ ଭାବରେ ଗ୍ରହଣ କରିଛି ଓଡ଼ିଶା। ଭିତ୍ତିଭୂମି ଉନ୍ନୟନଠାରୁ ଆରମ୍ଭ କରି ଏହାର ପରିଚାଳନାକୁ ଗୁରୁତ୍ୱ ଦେଉଛି। ରାଜ୍ୟ ପର୍ଯ୍ୟଟନର ବିକାଶ ଏତେ ଦ୍ରୁତ ଗତିରେ ହେବାରେ ଲାଗିଛି ଯେ ଏକଦା ପଛରେ ଥିବା ଓଡ଼ିଶା ସିଧା ୬ ନମ୍ବର ସ୍ଥାନରେ ପହଞ୍ଚିଛି। ପର୍ଯ୍ୟଟନ କ୍ଷେତ୍ରରେ ଇଣ୍ଡିଆ ଟୁଡେର ଏକ ସର୍ଭେ ଅନୁସାରେ ଟପ୍-୨୦ ତାଲିକାରେ ସ୍ଥାନ ପାଇଛି ଓଡ଼ିଶା। ‘ଇଣ୍ଡିଆ ଟୁଡେ ବେଷ୍ଟ ପରଫର୍ମିଂ ବିଗ୍ ଷ୍ଟେଟସ୍ ଟୁରିଜିମ୍’ ତାଲିକାରେ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ୬ନମ୍ବର ସ୍ଥାନରେ ରହିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପର୍ଯ୍ୟଟନ ବିଭିନ୍ନ କ୍ଷେତ୍ରରେ ଆଗୁଆ ରହିଥିବା ଏଥିରେ ଉଲ୍ଲେଖ ରହିଛି। ତେବେ ଏହି ତାଲିକାରେ ପ୍ରଥମ ସ୍ଥାନରେ କେରଳ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଆସାମ, ତୃତୀୟ ସ୍ଥାନରେ ଗୁଜୁରାଟ, ଚତୁର୍ଥ ସ୍ଥାନରେ ମହାରାଷ୍ଟ୍ର, ପଞ୍ଚମ ସ୍ଥାନରେ ଉତ୍ତରାଖଣ୍ଡ ରହିଥିବା ବେଳେ ଷଷ୍ଠ ସ୍ଥାନରେ ଓଡ଼ିଶା ସ୍ଥାନ ପାଇଛି। ସେହିପରି ସପ୍ତମ ସ୍ଥାନରେ ରାଜସ୍ଥାନ, ଅଷ୍ଟମ ସ୍ଥାନରେ ବିହାର, ନବମରେ ପଞ୍ଜାବ, ଦଶମରେ ହରିୟାନାକୁ ସ୍ଥାନୀତ କରାଯାଇଛି। ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଇନଫ୍ରାଷ୍ଟ୍ରକଚର୍ ଗ୍ୟାପ୍ ଆସେସମେଣ୍ଟ ମାଧ୍ୟମରେ ଭିତ୍ତିଭୂମିର ସମୀକ୍ଷା କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି, ଚିନ୍ତାଧାରା ଓ ଓଡ଼ିଶା ପର୍ଯ୍ୟଟନରେ ଏକ ପରିବର୍ତ୍ତନ ଆଣିବା ନିମନ୍ତେ ରହିଥିବା ଆନ୍ତରିକତା ପାଇଁ ଆଜି ଓଡ଼ିଶା ପର୍ଯ୍ୟଟନ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି। ରାଜ୍ୟର ପର୍ଯ୍ୟଟନ ସାମଗ୍ରିକ ବିକାଶ ତଥା ବିଭିନ୍ନ ପର୍ଯ୍ୟଟନ ଉତ୍ପାଦ ସୃଷ୍ଟି ପାଇଁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଭିତ୍ତିଭୂମି ଉନ୍ନତିକରଣ ନିମନ୍ତେ ବିଭାଗ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେଉଛି। ଏହାଦ୍ୱାରା ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ହେବା ସହିତ ସେହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ହେଉଛି। ଏହାକୁ ଆଖିଆଗରେ ରଖି ବିଭାଗ ଦ୍ୱାରା ୧୩ଟି ସ୍ଥାନର ଏକୀକୃତ ମାଷ୍ଟରପ୍ଲାନିଂ ପ୍ରସ୍ତୁତ କରାଯାଇ ଉନ୍ନତ ଧରଣର ଭିତ୍ତିଭୂମି ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ସେହିକ୍ରମରେ ଓଡ଼ିଶା ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ‘ଇକୋ ରିଟ୍ରିଟ୍’ ମୁଖ୍ୟ ଭୂମିକା ନେଇଛି। ପ୍ରକୃତିକୁ ଅତି ନିକଟରୁ ଉପଭୋଗ କରିବାର ସୁଯୋଗ ଦେଇଛି ଦେଇଛି ‘ଇକୋ ରିଟ୍ରିଟ’୍। ସିଙ୍ଗଲଓ୍ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ ମାଧ୍ୟମରେ ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେତୁ ଏହି ବର୍ଷ ପର୍ଯ୍ୟଟନ ବିଭାଗ ରାଜ୍ୟର ପର୍ଯ୍ୟଟନ ତଥା ଅତିଥ୍ୟ ଭିତ୍ତିଭୂମି ବୃଦ୍ଧି ପାଇଁ ପର୍ଯ୍ୟଟନ ନୀତି ଅନୁଯାୟୀ ବହୁ ସଂଖ୍ୟକ ପ୍ରସ୍ତାବ ଆଶା କରୁଛି। ଏହାବ୍ୟତୀତ ସିଙ୍ଗଲଓ୍ୱିଣ୍ଡୋ ସିଷ୍ଟମ ମାଧ୍ୟମରେ ଚିଲିକାରେ କ୍ରୁଜ୍ ବୋଟ୍ ଓ ହାଉସ୍ ବୋଟ୍ ଏବଂ ହୀରାକୁଦ ଠାରେ କ୍ରୁଜ୍ ବୋଟ୍ ଚଳାଚଳ ନିମନ୍ତେ ଘରୋଇ ଉଦ୍ୟୋଗୀଙ୍କୁ ଅନୁମୋଦନ ପ୍ରଦାନ କରିଛନ୍ତି। ଓଡ଼ିଶା ହୋମ୍ ଷ୍ଟେ ଏସଷ୍ଟାବ୍ଲିସମେଣ୍ଟ ସ୍କିମ୍ ମାଧ୍ୟମରେ ସ୍ଥାନୀୟ ଘରେ ରହିବା ସମୟରେ ପର୍ଯ୍ୟଟକଙ୍କୁ ଆତିଥ୍ୟ, ପାରମ୍ପରିକ ରୋଷେଇ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସାଂସ୍କୃତିକ ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ହୋମ୍ ଷ୍ଟେ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରହିଛି। ଏହି ଯୋଜନାରେ ୫ବର୍ଷ ମଧ୍ୟରେ ସର୍ବାଧିକ ୪୦୦ହୋମ୍ ଷ୍ଟେ ରହଣୀସ୍ଥଳ ପ୍ରତିଷ୍ଠା ପାଇଁ ଯୋଜନା ରହିଛି।

ହକି ବିଶ୍ୱକପ୍ ପାଇଁ ନବୀନଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

# ଆମନ୍ତ୍ରିତ ହେବେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ୨୦୨୩ ପୁରୁଷ ବିଶ୍ୱକପ୍ ହକି ଆୟୋଜନ ଏବଂ ସୁପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନର କନ୍‌ଭେନସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ କ୍ରୀଡା ମହୋତ୍ସବର ସଫଳତା ପାଇଁ ସବୁ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ । ବିଶ୍ୱକପ୍ ହକି ୨୦୨୩ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ ଆମନ୍ତ୍ରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ବିଶ୍ୱକପ୍ ହକି ପ୍ରସ୍ତୁତିରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଭାରତ ସରକାରଙ୍କୁ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଶ୍ୱ କପ ହକିର ଆୟୋଜନରେ କେବଳ ଓଡ଼ିଶା ନୁହେଁ ସାରା ଦେଶର ସମ୍ମାନ ଜଡିତ .ସେଥିପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ଆଲୋଚନାରେ ଭାଗ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଲଗାତର ଭାବେ ଦ୍ୱିତୀୟ ଥର ବିଶ୍ୱକପ୍‌ର ଆୟୋଜନ ସାରା ବିଶ୍ୱରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି କରିଛି ବୋଲି ମତ ଦେଇ କ୍ରୀଡାର ଏହି ଉନ୍ନତି ଦିଗରେ ସରକାରଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଇଥିଲେ । ବୈଠକରେ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ଆୟୋଜନ ପାଇଁ ରାଜ୍ୟ ସରକାରଙ୍କର ପ୍ରଶଂସା କରିବା ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଶତବାର୍ଷିକୀ ଉତ୍ସବ ୨୦୩୬ ଅବସରରେ ଯେପରି ଓଡିଶାରୁ ୧୦୦ ଅଲମ୍ପିଆନ ବାହାରିପାରିବେ, ସେଥିପାଇଁ ସମସ୍ତେ ମିଳିମିଶି କାମ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ କ୍ରମାଗତଭାବେ ଦୁଇ ଥର ବିଶ୍ୱକପ୍ ହକି ଆୟୋଜନ ଭଳି ବିରଳ ଘଟଣାକୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ଦେବା, ଉଭୟ ଭୁବନେଶ୍ୱର-ରାଉରକେଲାର ସ୍ୱଚ୍ଛତା ପାଇଁ ନାଗରିକ ମାନଙ୍କୁ ସାମିଲ କରିବା, ସ୍ଥାନୀୟ ଓଡିଆ ଖେଳର ପ୍ରସାର କରିବା, ରାଉରକେଲା-ଭୁବନେଶ୍ୱର ରେଳପଥକୁ ହକି ପାଇଁ ବ୍ରାଣ୍ଡିଂ କରିବା ଆଦି ବିଭିନ୍ନ ସୁଚିନ୍ତିତ ମତାମତ ଦେଇ କେନ୍ଦ୍ରସରକାରଙ୍କ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଲେ ଯେ ରାଜ୍ୟର ସବୁ ଜିଲ୍ଲାରେ ହକି ଷ୍ଟାଡିଅମ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଦଳର ଉପସଭାପତି ସନ୍ତୋଷ ସିଂ ସାଲୁଜା, ବିଜୁ ଜନତା ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଓ ଦେବୀପ୍ରସାଦ ମିଶ୍ର, ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି, ସିପିଆଇର ସାଧାରଣ ସଂପାଦକ ରାମକୃଷ୍ଣ ପଣ୍ଡା, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆର ଅଳିକିଶୋର ପଟ୍ଟନାୟକ, ଅଭୟ ସାହୁ, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା, ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଆରଜେଡିର ସଭାପତି ହେମନ୍ତ କୁମାର ପ୍ରମୁଖ ଭାଗ ନେଇ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ବୈଠକକୁ ସଂଯୋଜନା କରିଥିଲେ । କ୍ରୀଡା ସଚିବ ଆର. ଭିନିଲକ୍ରିଷ୍ଣା ଆଗାମୀ ୧୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୧୭ ଦିନିଆ ଭବ୍ୟ କ୍ରୀଡା ମହୋତ୍ସବର ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ବୈଠକରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ ।

ଆରତୀ ନିଖୋଜ, ୩ ସପ୍ତାହ ହେଲା ମିଳୁନି ପତ୍ତା

# ପୋଲିସର ଭୂମିକାକୁ ନେଇ ସନ୍ଦେହ



**ବରଗଡ :** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଅରମାନପୁର ଗ୍ରାମର ଜାଲ ପରିବାର ଗତ ୫ ତାରିକ ଦିନ ଏକ ପାରିବାରିକ ଉତ୍ସବ ନିମନ୍ତେ ଘେନୁପାଲ୍ଲୀ ଯାଇଥିଲେ । ସେଠାରୁ ଫେରିବା ପରେ ଘରେ ଝିଅ ଆରତୀ ନଥିବା ଦେଖିବାକୁ ପାଇଥିଲେ । ଏହାପରେ ପରିବାର ଲୋକ ବନ୍ଧୁବାନ୍ଧବ, ଝିଅର ସାଙ୍ଗସାଥୀଙ୍କୁ ପଚରାଉଚୁରା ମଧ୍ୟ କରିଥିଲେ ବି ଝିଅର ସନ୍ଧାନ ପାଇନଥିଲେ । ତେଣୁ ପରିବାର ପକ୍ଷରୁ ଗତ ୬ ତାରିଖ ଦିନ ସିନ୍ଦୁରପଙ୍କ ସଦର ଥାନାରେ ଏଫ୍‌ଆଇଆର ଦାଖଲ କରିଥିଲେ । ପ୍ରକାଶଥାଉ କି, ଗତ ୭ ତାରିଖ ଦିନ ଆରତୀ ଜାଲଙ୍କ ଘର ପାଖରେ ରହୁଥିବା ତୃପ୍ତି କାଲୋଙ୍କୁ ସନ୍ଦେହରେ ଜାଲ ପରିବାର ଥାନାକୁ ନେଇଥିଲେ । ଥାନାରେ ତୃପ୍ତିଙ୍କ ବୟାନ ରେକର୍ଡ କରାଯିବା ବେଳେ କୁଚିଣ୍ଡାର ସଞ୍ଜିବ କିଶାଷ ପରମାନପୁରରେ ଜଣେ ଠିକାଦାରଙ୍କ ପାଖରେ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଜଣକ ସହ ଝିଅ ଯାଇଛି ବୋଲି କହିବା ସହ ଆଉ କିଛି କହିନଥିଲେ । ଏହାପରେ ପରିବାର ଲୋକ ଠିକାଦାର ଓ ସଞ୍ଜିବର ତିନିଜଣ କୁଲି କାମ କରୁଥିବା ପିଲାଙ୍କୁ ଥାନାକୁ ଅଣାଯାଇଥିଲା । ଠିକାଦାର ଓ କୁଲି ମାନେ ସଞ୍ଜିବଙ୍କୁ ଜାଣିନାହାନ୍ତି କହିଥିଲା ବେଳେ ଠିକାଦାରର ପୁଅ କୁଚିଣ୍ଡାର କଲ୍ଲାପଡା ବୋଲି ଥାନାରେ କହିଥିଲା । ପରିବାର ଲୋକ କୁଚିଣ୍ଡା ଯାଇ ଖୋଜାଖୋଜି କରିବା ପରେ ଭୋଟର ତାଲିକାରେ ସଞ୍ଜିବର ନାମ ନାହିଁ । ହେଲେ ସଞ୍ଜିବର ବାପାଙ୍କ ନାମା ଗିରିନ୍ଦ୍ର କିଷାନ, ସ୍ତ୍ରୀ ସମ୍ଭାରି କିଷାନଙ୍କ ନାଁ ଭୋଟର ତାଲିକାରୁ ମିଳିଲା । ଏହାପରେ ଜାଲ ପରିବାର ସଞ୍ଜିବର ଘରେ ପହଞ୍ଚ ପରିବାର ଲୋକଙ୍କ ଠାରୁ ଯାହା ବୁଝିଥିଲେ, ସଞ୍ଜିବ ତିନି ଚାରିବର୍ଷ ହେଲା ଘରକୁ ଆସୁନାହିଁ ବୋଲି ଜଣାପଡିଥିଲା । ଏହାପରେ ଜାଲ ପରିବାର ପୁଣି ପୋଲିସର ଦ୍ୱାରସ୍ଥ ହୋଇଥିଲେ । ହେଲେ ତିନି ସପ୍ତାହ ବିତିଥିଲେ ମଧ୍ୟ ପୋଲିସ କେବଳ ଏଫ୍‌ଆଇଆର ଦର୍ଜ କରି ଚୁପ୍‌ଚାପ୍ ବସିଥିବା ଜଣାପଡିଛି । ଓଲଟା ପୋଲିସ ଜାଲ ପରିବାରକୁ କହୁଛି ଯେ, ତୁମେ ଖୋଜାଖୋଜି କର, ଖବର ମିଳିଲେ ଆମକୁ କହିବ ଆମେ ଯାଇ ଝିଅକୁ ଆଣିବୁ । ଥାନାରୁ ହତାସ ହୋଇ ଜାଲ ପରିବାର ସମ୍ବଲପୁର ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ । ହେଲେ ଏପର୍ଯ୍ୟନ୍ତ ଝିଅର ପତ୍ତା ମିଳୁନାହିଁ କିମ୍ବା ପୋଲିସ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଭାଙ୍ଗିପଡିଛନ୍ତି ଜାଲ ପରିବାରର ସଦସ୍ୟ । ଏନେଇ ଉଚ୍ଚ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଅବକାରୀ ବିଭାଗକୁ ମିଳିବ ସ୍ୱର୍ଣ୍ଣ ପୁରସ୍କାର




**ଭୁବନେଶ୍ୱର :** ସ୍ୱଚ୍ଛତା, ସମୟାନୁବର୍ତ୍ତିତା ତଥା ଅନଲାଇନ ମାଧ୍ୟମରେ ସୁବିଧାରେ ସମସ୍ତ ସେବା ପ୍ରଦାନ ନିମନ୍ତେ ଓଡିଶା ସରକାରଙ୍କ ଅବକାରୀ ବିଭାଗକୁ 'ଇ-ଅବକାରୀ' ପାଇଁ ଚଳିତ ବର୍ଷ ସମ୍ମାନଜନକ ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ ନିମନ୍ତେ ଯୋଗ୍ୟ ବିବେଚିତ କରାଯାଇଅଛି । ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ୭ ଜାନୁୟାରୀ, ୨୦୨୩ ତାରିଖରେ ଏଥି ନିମନ୍ତେ ପୁରସ୍କାର ପ୍ରଦାନ କରାଯିବ । ପ୍ରକାଶ ଥାଉକି, ଓଡିଶା ସରକାରଙ୍କର ୫ଟି ସୂତ୍ର ଅନୁସାରେ ଅବକାରୀ ବିଭାଗ ଗତ ୨୦୧୯-୨୦ରୁ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ସହାୟତାରେ ବିଭାଗର ବିଭିନ୍ନ ସେବା ଓ କାର୍ଯ୍ୟକ୍ରମ ଗୁଡିକୁ ୩୦ ରୁ ଅଧିକ ଅନଲାଇନ୍ ପରିମାପକ ମାଧ୍ୟମରେ କାର୍ଯ୍ୟକାରୀ କରାଇ ନିରବଚ୍ଛିନ୍ନ ଭାବେ ସ୍ୱଚ୍ଛତାର ସହିତ ସମୟୋଚିତ ଅବାଧ ସେବା ପ୍ରଦାନ କରି ଆସୁଅଛି । ଏତଦ୍ ବ୍ୟତିତ, ଏହା ଅବକାରୀ ଅପରାଧର ସଠିକ୍ ପର୍ଯ୍ୟବେକ୍ଷଣ, ଅବକାରୀ ଚଢାଉକୁ ମଜବୁତ କରିବା, ଅବୈଧ ନକଲି ମଦକୁ ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତୀ ସେବା ପ୍ରଦାନ କରିବା, ମଦର ଉତ୍ପାଦନ ଏବଂ ପରିବହନ ନିୟନ୍ତ୍ରଣ ସହିତ ଉପଯୁକ୍ତ ଯୋଗାଣ ଓ ପରିଚାଳନା ଏବଂ ସର୍ବୋପରି, ବିଭାଗରେ ସାମୂହିକ ସେବାରେ ସହାୟତା ପ୍ରଦାନ କରି ଆସୁଅଛି । ପୁନଶ୍ଚ, ଇ-ଅବକାରୀ ଦ୍ୱାରା ଅନଲାଇନ୍ ଲଟେରୀ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ପ୍ରକାରର ଅବକାରୀ ଦୋକାନଗୁଡିକର ବନ୍ଦୋବସ୍ତ, ଠିକ୍ ସମୟରେ ସମସ୍ତ ଲାଇସେନ୍ସ ପ୍ରଦାନ ଏବଂ ନବୀକରଣ, ୧୦୦% ସରକାରୀ ପ୍ରାପ୍ୟର ଅନଲାଇନ ପୈଠ, ବ୍ରାଣ୍ଡ / ଲେବୁଲ ପଞ୍ଜୀକରଣ, ଅବକାରୀ ଦୋକାନ ଗୁଡିକର ସ୍ଥାନାନ୍ତର ଓ ମାଲିକାନା ସତ୍ୱ ପରିବର୍ତ୍ତନ, ସମସ୍ତ ପରିମିଟ୍ ଓ ପାଶ୍ ପ୍ରଦାନ, ମୋବାଇଆପ୍ ଓ ଡି.ପି.ଆର ମାଧ୍ୟମରେ ଚଢାଉସ୍ଥାନ ଚିହ୍ନଟ ହେବା ସହ ଅବକାରୀ, ଏନ୍.ଡି.ପିଏସ୍ ମାମଲା ରୁଜୁ ଏବଂ ଆସାମୀ ଗିରଫ ପୂର୍ବବର୍ତ୍ତୀ ବର୍ଷ ତୁଳନାରେ ଦୁଇଗୁଣ ଅଧିକ ହୋଇ ବିଭାଗକୁ ଅଧିକ ସ୍ୱଚ୍ଛ, କ୍ରିୟାଶୀଳ ଓ ଉତରଦ୍ୱାୟୀ କରାଇବାରେ ସହାୟକ ହୋଇଛି ।

# ଚନ୍ଦ୍ରଶେଖର ପ୍ରଧାନଙ୍କ ପରଲୋକ

ଭବାନୀପାଟଣା : ସଦର ବ୍ଲକ ଅନ୍ତର୍ଗତ ଚକ୍ରନଗର ଠାରେ ଜନ୍ମିତ ଚନ୍ଦ୍ରଶେଖର ପ୍ରଧାନ ଦୀର୍ଘଦିନ ହେଲା ଶ୍ୱାସରୋଗରେ ପୀଡିତ ହୋଇ କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ସମାଜସେବୀ ଓ ପ୍ରକାଶକ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁତ୍ର ମୁନା ଓ ସନ୍ତୁ ସମେତ ତିନି ଝିଅ, ଜ୍ୱାଇଁ, ନାତି ନାତୁଣୀ, ସମ୍ପର୍କୀୟ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ତାଙ୍କ ଇଚ୍ଛାକୁ ପୂରଣ କରିବା ନିମନ୍ତେ ଜନ୍ମମାଟି ବଦଳରେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠପୁତ୍ର ମାନସ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

# ଅନୁପ୍ରବେଶ ରୋକିବାକୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର



**ଭବାନୀପାଟଣା :** ପୂର୍ବ ନିର୍ଦ୍ଧାରିତ ସମୟରେ ଦେବସେନା କଳାହାଣ୍ଡି ଜିଲ୍ଲା ସଂଗଠନ ଦ୍ୱାରା 'ଜାଗା ମିସନ୍'ଦ୍ୱାରା ଅନୁପ୍ରବେଶକାରୀ ବାଙ୍ଗଲାଦେଶୀ ତଥା ରୋହିଙ୍ଗ୍ୟା ଯେପରି ଓଡ଼ିଶା ମାଟିରେ ସ୍ଥାୟୀ ବସବାସ କରିପାରିବେ ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ସମାବେଶରେ ଦେବସେନା ରାଜ୍ୟ ଅଧ୍ୟକ୍ଷ ଘେନୁରାମ ମଙ୍ଗରାଜ, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ଅଧ୍ୟକ୍ଷ ସାନ୍ତନୁ ମୁଣ୍ଡ, ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଜିଲ୍ଲା ସଂଯୋଜକ ତଥା ଦେବସେନା ଜିଲ୍ଲା ପରାମର୍ଶଦାତା ସୁଶିଲ ପଣ୍ଡା, ହିନ୍ଦୁ ଜାଗରଣ ସାମୁଖ୍ୟ କଳାହାଣ୍ଡି ଜିଲ୍ଲାର ଜିଲ୍ଲା ସହ ସଂଯୋଜକ କୁଳମଣି ହରିପାଳ,ଦେବ ସେନା ଜିଲ୍ଲା ଉପାଧ୍ୟକ୍ଷ ରେଖରାମ ମେହେର, ମଣ୍ଡଳ ମହାମନ୍ତ୍ରୀ ତେଜୁ ଆଚାର୍ଯ୍ୟ, ଭବାନୀପାଟଣା ନଗର ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ (ପିଣ୍ଟୁ) ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜିଲ୍ଲାରେ ସଚେତନ କରାଯାଇ ଜିଲ୍ଲାପାଳ ମାନଙ୍କ ମାଧ୍ୟମରେ ଦାବିପତ୍ର ଦେବାପାଇଁ ପ୍ରୟାସ ଜାରି ରହିବ ।

# ୪,୭୯୦ କନେଷ୍ଟବଳ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପୁଲିସ ବିଭାଗରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଯୁବପିଢ଼ିଙ୍କ ପାଇଁ ଖୁସି ଖବର ଆସିଛି । ଖୁବ୍ ଶୀଘ୍ର ପୁଲିସ ବିଭାଗରେ ନୂତନ ନିଯୁକ୍ତି ହେବାକୁ ଯାଉଛି । ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ପୁଲିସରେ ୪୭୯୦ଟି କନେଷ୍ଟବଳ ପଦବି ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ୪ଟି ପର୍ଯ୍ୟାୟରେ ଏହି ପଦବିଗୁଡିକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଖାଲିଥିବା ଥିବା ଏ ସମସ୍ତ ପଦବି ପୂରଣ ପାଇଁ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ କରାଯିବ । ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ତଥା କମିସନରେଟ୍ ପୁଲିସରେ ସେମାନଙ୍କୁ ନିଯୁକ୍ତି ଦିଆଯିବ । ଏହାଦ୍ୱାରା ବିଭିନ୍ନ ଜିଲ୍ଲା ତଥା ଥାନାମାନଙ୍କରେ ଖାଲି ଥିବା କନେଷ୍ଟବଳ ପଦବି ପୂରଣ ହୋଇପାରିବ ଏବଂ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୁଲିସର ସାମର୍ଥ୍ୟ ମଧ୍ୟ ବୃଦ୍ଧି ପାଇବ । ସରକାରୀ ସ୍ତରରେ ଏତେସଂଖ୍ୟକ ନିଯୁକ୍ତି ପିଲାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଏ ।

ବିଦ୍ୟାର୍ଥୀଙ୍କ ପାଇଁ ବଡ଼ ଖବର

# ଏକକାଳୀନ ଦୁଇଟି ବିଷୟରେ ହୋଇପାରିବ ଡିଗ୍ରୀ ନାମଲେଖା



**ଭୁବନେଶ୍ୱର :** ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପିଲାଙ୍କୁ ଆସନ୍ତା ଶିକ୍ଷା ବର୍ଷରୁ ଏକକାଳୀନ ଦ୍ୱୈତ ଡିଗ୍ରୀ କରିବାର ସୁଯୋଗ ମିଳିବ । ଉଚ୍ଚଶିକ୍ଷା ବିଭାଗ ଏନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହିତ ପ୍ରାଥମିକ ଆଲୋଚନା କରିଥିବାବେଳେ ଆସନ୍ତା ଜାନୁଆରୀ ମାସରେ ଏକାଡେମିକ୍ କାଉନସିଲ୍ ବୈଠକ ବସିବ । ଏଥିରେ ଉଚ୍ଚଶିକ୍ଷା ପରିଷଦ, ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେବାକୁ ଥିବାବେଳେ ନୂଆ ଶିକ୍ଷାନୀତିର କାର୍ଯ୍ୟକାରୀତା ପାଇଁ ଗୁରୁତ୍ୱ ଦିଆଯିବ । ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱୈତ ଡିଗ୍ରି ଅଧ୍ୟୟନ ବାଧ୍ୟତାମୂଳକ ହେବନି । ନାମଲେଖା ସମ୍ପର୍କିତ ୟୁଜିସି(ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ)ର ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ । ଦୁଇଟି ଯାକ ଡିଗ୍ରି ରେଗୁଲାର୍ ମୋଡ୍ରେ ହୋଇ ମଧ୍ୟ ପାରିବ । ଦୁଇଟି ରେଗୁଲାର୍ ପାଠ୍ୟକ୍ରମ ପାଇଁ ଅଲଗା ଅଲଗା କ୍ଲାସ ସମୟ ରହିବ । ଅର୍ଥାତ ଗୋଟିଏ କୋର୍ସ ପାଇଁ ସକାଳ ସମୟରେ କ୍ଲାସ ହେଉଥିଲେ ଅନ୍ୟଟି ସଂଧ୍ୟା ସମୟରେ ହେବ । କିନ୍ତୁ ଛାତ୍ରଛାତ୍ରୀ ଫିଜିକାଲ୍ ମୋଡ୍ରେ ଏକକାଳୀନ ଦୁଇଟି ଡିଗ୍ରିରେ ନାମ ଲେଖାଇ ପାରିବେ ନାହିଁ । ପ୍ରଥମ କୋର୍ସର ଅତିକ୍ରମରେ ଏକ ବର୍ଷ ପରେ ହିଁ ଛାତ୍ରଛାତ୍ରୀ ଦ୍ୱିତୀୟ ରେଗୁଲାର କୋର୍ସର ନାମ ଲେଖାଇ ପାରିବେ । ତେବେ ଛାତ୍ରଛାତ୍ରୀ ଗୋଟିଏ ବିଶ୍ୱବିଦ୍ୟାଳୟରେ କିମ୍ବା ଦୁଇଟି ଅଲଗା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରିବେ । ସବିଶେଷ ମାର୍ଗଦର୍ଶିକା ଆକାଡେମିକ୍ କାଉନସିଲ୍ ବୈଠକ ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୁବଶିଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286





PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


ଭୁବନେଶ୍ୱର ଓକିଲ ସଂଘର ୨୬ତମ ବାର୍ଷିକ ନାଟକ ଉତ୍ସବ

# ମନୋଜଙ୍କ ଶ୍ରେଷ୍ଠ ଅଭିନୟ



**ଭୁବନେଶ୍ୱର :** ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ୨୬ତମ ବାର୍ଷିକ ନାଟ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନର ନାଟକ 'ଅରଣ୍ୟ ବହ୍ନି'ରେ ବରିଷ୍ଠ ଅଭିନେତା ମନୋଜ ବଳିୟାରସିଂହଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଥିଲା । ମନୋଜ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ । ଉକ୍ତ ନାଟକର ନାଟ୍ୟକାର ମନ୍ମଥ ଶତପଥୀ ଥିଲା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ (ଶୋନି) ଏବଂ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି । ଦ୍ୱିତୀୟ ଦିନରେ ନାଟକ 'ସୂର୍ଯ୍ୟୋଦୟ' ପ୍ରଦର୍ଶିତ ହୋଇଥିଲା । ଅରୁଣ ପରିଚ୍ଛାଙ୍କ ରଚିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ଏବଂ ଶକ୍ତି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । 'ଅରଣ୍ୟ ବହ୍ନି' ଓ 'ସୂର୍ଯ୍ୟୋଦୟ' ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲା ବେଳେ ଏଥିରେ ଅଭିନୟ କରୁଥିବା ସମସ୍ତ କଳାକାର ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିଥିଲେ ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**